

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୭ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 JANUARY 2021

Vol.No. 31 ■ No. 16 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ରାଜ୍ୟର ୧୬୧ଟି କେନ୍ଦ୍ରରେ ଟିକାକରଣ ଆରମ୍ଭ

### କ୍ୟାପିଟାଲ ହସ୍ପିଟାଲରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦିଆଗଲା ପ୍ରଥମ ଟିକା

ଭୁବନେଶ୍ୱର,୧୬।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦବୋଧନ ପରେ କରୋନାକୁ ନେଇ ରାଜ୍ୟରେ ଟୀକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ୧୧.୦୫ ମିନିଟରେ କ୍ୟାପିଟାଲ ହସ୍ପିଟାଲରେ ଟିକାକରଣ ଆରମ୍ଭ ହୋଇଛି । ପ୍ରଥମେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଟୀକା ଦିଆ ଯାଇଥିବା ବେଳେ ଦ୍ୱିତୀୟରେ ଡାକ୍ତରଖାନାର ନିର୍ଦ୍ଦେଶକ ଓ ଏହା ପରେ ଜଣେ ଡାକ୍ତରଙ୍କୁ ଟୀକା ଦିଆ ଯାଇଥିବା ସୂଚନା ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ(ସ୍ୱାସ୍ଥ୍ୟ ବିଭାଗ) ପ୍ରଦୀପ୍ତ ମହାପାତ୍ର । ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ କରୋନା ବିରୁଦ୍ଧରେ ଲଢେଇ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି । ଆଜି ରାଜ୍ୟରେ ୧୬୧ ଟି କେନ୍ଦ୍ରରେ ୧୦୦ ଜଣ ଲେଖାଏ ୧୬୧୦୦



ଜଣଙ୍କୁ ଟୀକା ଦିଆ ଯିବା । ଆସନ୍ତା କାଲି ଟୀକାକରଣ କରା ଯିବ ନାହିଁ । ଆଗାମୀ ୨୫ ତାରିଖ ସୁଦ୍ଧା ୩.୨୮ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ ବୋଲି ଜଣାପଡ଼ିଛି । ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଟୀକା ଆସିବ । ହେଲେ ଏହି ଟୀକା କେବେ ଆସିବ ସେ ନେଇ କୌଣସି ସୂଚନା ଦିଆ ଯାଇ ନାହିଁ ବୋଲି ସେ କହିଛନ୍ତି ।

## ନବୀନ ଦେଶର ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୦୧ (ନି.ପ୍ର): ଦେଶର ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ । ଏବିପି-ସିଭୋଟର ସର୍ଭେରୁ ଏହି ତଥ୍ୟ ଆସିଛି । ନବୀନ ପଟ୍ଟନାୟକ ଦେଶର ନଂବର ୱାନ ମୁଖ୍ୟମନ୍ତ୍ରୀ ବୋଲି ଏବିପି ସର୍ଭେରେ ଘୋଷଣା କରିବା ପରେ ଆଜି ବିଜେଡି ନେତା ଓ କର୍ମୀ ବିଜେଡି ମୁଖିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଦଳୀୟ କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ନେତା,କର୍ମୀ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ କୃତଜ୍ଞତା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ଭେଟିବା ପରେ ବିଜେଡି ନେତା କହିଛନ୍ତି, ଗତ ୨୦ ବର୍ଷ ଭିତରେ ଲୋକଙ୍କ ସମସ୍ୟା ଯାହା ବି ଅଛି ତାକୁ ଦୂର କରିବା ଦାୟିତ୍ୱକୁ ମୁଖ୍ୟମନ୍ତ୍ରୀ ସୁଚାରୁ ରୂପେ ତୁଲାଇଛନ୍ତି । ସେଇଥିପାଇଁ ଓଡିଶାର ବିକାଶ ହୋଇଛି ବୋଲି କହିଛନ୍ତି ବିଜେଡି ନେତା ।

## ଏଭଳି ବ୍ୟାପକ ସ୍ତରରେ ଟୀକାକରଣ ଅଭିଯାନ ମାନବ ଇତିହାସରେ ଅଭୂତପୂର୍ବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ସର୍ବଭାରତୀୟ ସ୍ତରରେ କୋଭିଡ-୧୯ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦେଶର କୋଣ ଅନୁକୋଣରେ ପହଞ୍ଚିବାକୁ ଥିବା ଏହା ହେଉଛି ବିଶ୍ୱର ସର୍ବବୃହତ ଟୀକାକରଣ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ଏହି ଟୀକାକରଣ ଅଭିଯାନର ବ୍ୟାପକତା ସମ୍ପର୍କରେ ଉଦାହରଣ ଦେଇ କହିଥିଲେ ଯେ, କେବଳ ପ୍ରଥମ ରାଉଣ୍ଡରେ ତିନି କୋଟି ଲୋକଙ୍କୁ ଟୀକା ଦିଆଯିବାର ଅର୍ଥ, ବିଶ୍ୱର ଅତିକମରେ ୧୦୦ଟି ଦେଶର ଜନସଂଖ୍ୟା ସହ ସମାନ ଲୋକଙ୍କର ଟୀକାକରଣ କରାଯିବା । ସେ କହିଥିଲେ ଯେ ଏହାକୁ ଦ୍ୱିତୀୟ ରାଉଣ୍ଡରେ ୩୦ କୋଟି ଲୋକଙ୍କ



ପର୍ଯ୍ୟନ୍ତ ନିଆଯିବାର ଆବଶ୍ୟକତା ରହିଛି । ଏହି ପର୍ଯ୍ୟାୟରେ ବୟସ୍କ ଓ ପୂର୍ବରୁ କୌଣସି ଗମ୍ଭୀର ରୋଗରେ ଆକ୍ରାନ୍ତ ଥିବା ଲୋକଙ୍କୁ ଟୀକା ଦିଆଯିବ । ସେ କହିଥିଲେ ଯେ କେବଳ ତିନୋଟି ରାଷ୍ଟ୍ର- ଭାରତ, ଆମେରିକା ଓ ଚୀନରେ ୩୦ କୋଟିରୁ ଅଧିକ ଜନସଂଖ୍ୟା ଅଛନ୍ତି । ଏପରି ବ୍ୟାପକ ସ୍ତରର ଟୀକାକରଣ ଅଭିଯାନ ମାନବ ଜାତିର ଇତିହାସରେ କେବେ ବି ଦେଖିବାକୁ ମିଳିନାହିଁ ଏବଂ ଏହା ଭାରତର ସାମର୍ଥ୍ୟକୁ ଦର୍ଶାଇଥାଏ ବୋଲି ଶ୍ରୀ ମୋଦୀ କହିଥିଲେ । ମେଡ଼-ଇନ-ଇଣ୍ଡିଆ (ଭାରତରେ ପ୍ରସ୍ତୁତ) ଟୀକା ସମ୍ପର୍କରେ ହେଉଥିବା ଗୁଜବ ଓ ଅପପ୍ରଚାରକୁ ବିଶ୍ୱାସ ନକରିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ନିବେଦନ କରିଥିଲେ । ସେ କହିଥିଲେ ଯେ ଟୀକାର ନିରାପତ୍ତା ଏବଂ ପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ଯାଇ ଏହି ଟୀକାଗୁଡ଼ିକୁ କେବଳ ଜରୁରିକାଳୀନ ବ୍ୟବହାର ପାଇଁ ମଞ୍ଜୁରି ମିଳିଛି । ଟୀକା ପ୍ରସ୍ତୁତ କରିଥିବା ଭାରତୀୟ ବୈଜ୍ଞାନିକ,

▶▶ପୃଷ୍ଠା ୭

## ମୁଣ୍ଡ ନୁଆଁଇଲା ହ୍ୱାଟ୍ସଆପ୍: ନୂଆ ପଲିସିକୁ ମେ’ ମାସ ପର୍ଯ୍ୟନ୍ତ ରଖିଲା ସ୍ଥଗିତ

ଭୁବନେଶ୍ୱର,୧୬।୦୧ (ନି.ପ୍ର): ମୁଣ୍ଡ ନୁଆଁଇଲା ହ୍ୱାଟ୍ସଆପ୍ । ନୂଆ ପଲିସୀକୁ ମେ’ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିଛି କମ୍ପାନୀ । କୋଟି କୋଟି ଲୋକ ହ୍ୱାଟ୍ସଆପ୍ରୁ ଓହରିବା ପରେ ହ୍ୱାଟ୍ସଆପ କଂପାନୀର ଚେତା ପଶିଛି । କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇ କୁହାଯାଇଛି ଯେ, ନୂଆ ପଲିସୀ ବୁଝିବା ପାଇଁ ମିଳିବ ଯଥେଷ୍ଟ ସମୟ । ହ୍ୱାଟ୍ସଆପ୍ର ନୂଆ ପ୍ରାଇଭେସି ପଲିସି ବଢାଇଛି ବ୍ୟବହାରକାରୀଙ୍କ ଚିନ୍ତା । ନିତିଦିନିଆ କାମରେ ବ୍ୟବହାର କରାଯାଉଥିବା ହ୍ୱାଟ୍ସ ଆପ୍ ସତରେ କଣ ଆଉ ସୁରକ୍ଷିତ ନୁହେଁ । କମ୍ପାନୀ ପକ୍ଷରୁ ନୂଆ ପଲିସି ଘୋଷଣା ପରେ ଏହାକୁ ନେଇ ସାରା ବିଶ୍ୱରେ ସମାଲୋଚନା ହୋଇଛି । ଏପରି ସ୍ଥିତିକୁ ଦେଖି ବ୍ୟବହାରୀକାରୀଙ୍କ ପାଇଁ ବଡ ଘୋଷଣା କରିଛି କମ୍ପାନୀ । ପ୍ରାଇଭେସୀ ପଲିସିକୁ ଗ୍ରହଣ କରିବା ସମୟକୁ ୩ମାସ ପାଇଁ ସ୍ଥଗିତ ରଖିଛି କମ୍ପାନୀ । ହ୍ୱାଟ୍ସଆପ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି, ଫେବୃୟାରୀ ୮ତାରିଖରେ କୌଣସି ହ୍ୱାଟ୍ସଆପ୍ ଆକାଉଂଟ ଡିଲିଟ କରିବାକୁ ପଡିବ ନାହିଁ । ହ୍ୱାଟ୍ସଆପ୍ରେ ଗୋପନୀୟତା ଏବଂ ସୁରକ୍ଷା କିଭଳି କାମ କରୁଛି ସେ ନେଇ ସୂଚନା ଦେବା ଲାଗି ଆଗକୁ ଆହୁରୀ ଅଧିକ କାମ ଚାଲିଛି । ଆସନ୍ତା ମେ’ ୧୫ରେ ନୂଆ ଅପଡେଟ ଅପସନ ଉପଲବ୍ଧ ହେବା ପୂର୍ବରୁ ଲୋକଙ୍କ ମଧ୍ୟରେ ଥିବା ଭ୍ରମ ଦୂର ହୋଇଯିବ । ପୂର୍ବରୁ ମଧ୍ୟ ହ୍ୱାଟ୍ସଆପ୍ ଫେସବୁକ ଓ ଥାର୍ଡ ପାର୍ଟି ଆପ ସହ ୟୁଜର୍ସଙ୍କ ଡାଟା ସେୟାର କରୁଥିଲା । ହେଲେ ଏବେ ବ୍ୟବହାରକାରୀଙ୍କ ଅନୁମତି ଲୋଡି ହ୍ୱାଟ୍ସଆପ୍ ଆଇନ ସମ୍ମତ ଭାବେ ତାହା କରିବାକୁ ଯାଉଛି । ତେବେ ଏହାର ସମାଲୋଚନା କରାଯିବା ପରେ ଏଥିପାଇଁ ସମୟ ସୀମା ବୃଦ୍ଧି କରିଛି କମ୍ପାନୀ । ନୂଆ ପ୍ରାଇଭେସୀ ଟର୍ମ ଓ ପଲିସିକୁ ଆକସେପ୍ଟ ବା ଗ୍ରହଣ କରିବାକୁ

▶▶ପୃଷ୍ଠା ୭

## ଟିକା ପ୍ରସ୍ତୁତ କରି ବିଶ୍ୱ ସାମ୍ନାରେ ନିଜର ସାମର୍ଥ୍ୟ ଏବଂ ଶକ୍ତିର ପରିଚୟ ଦେଇଛନ୍ତି ପ୍ରଧାନମନ୍ତ୍ରୀ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୬।୦୧ (ନି.ପ୍ର): କରୋନା ମହାମାରୀର ସଙ୍କଟକୁ ସୁଯୋଗରେ ପରିଣତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ୱଦେଶୀ ଟିକା ପ୍ରସ୍ତୁତ କରି ସମଗ୍ର ବିଶ୍ୱ ସାମ୍ନାରେ ନିଜର ସାମର୍ଥ୍ୟ ଏବଂ ଅପାର ଶକ୍ତିର ପରିଚୟ ଦେଇଛି ତଥା ଆତ୍ମନିର୍ଭର ଭାରତର ସବୁଠୁ ବଡ଼ ଅଧ୍ୟାୟ ଲେଖିଛି ବୋଲି ଶନିବାର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ବିଶ୍ୱର ସବୁଠୁ ବଡ ଟୀକାକରଣ ଅଭିଯାନ ଆରମ୍ଭ ହେବା ପ୍ରସଙ୍ଗରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଦେଶବ୍ୟାପୀ ଅଭିଯାନର ଶୁଭାରମ୍ଭ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ



ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କରୋନା ମହାମାରୀ ବିରୁଦ୍ଧରେ ମାନବତାର ଲଢ଼େଇରେ ଆଜିର ଦିନ କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱ ଇତିହାସ ପାଇଁ ଏକ ଅଭୁତପୂର୍ବ କ୍ଷଣ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ଣ୍ଣାୟକ ନେତୃତ୍ୱରେ କରୋନାକୁ ସମାପ୍ତ କରିବା ପାଇଁ ଆଜି ଦୁନିଆର ସବୁଠୁ ବଡ଼ ଟିକାକରଣ ଅଭିଯାନ ଆରମ୍ଭ ହୋଇଯାଇଛି ।

▶▶ପୃଷ୍ଠା ୭

## ହିମାଂଶୁ ଖୋଲିବେ ନେଟୱର୍କର ଚେର

ଭୁବନେଶ୍ୱର,୧୬।୦୧ (ନି.ପ୍ର): କାହା ସହ ୫ ଲକ୍ଷ ତ ଆଉ କାହା ସହ ୧୮ ଲକ୍ଷର ଡିଲ୍ । ମାନବ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କିଡ୍‌ନୀ ଯୋଗାଣ ନାଁରେ ଲକ୍ଷ ଲକ୍ଷର ଚୂନ ଲଗାଇ ହୋସ୍ ଉଠାଇଛି ହିମାଂଶୁ ନନ୍ଦ । ମିଛିମିଛିକା ଡୋନର୍ ସଜାଇ ନକଲି କାଗଜପତ୍ର ଦେଖାଇ ହଡପ୍ କରିଛି ଲକ୍ଷ ଲକ୍ଷ ଟଙ୍କା । ଭୁବନେଶ୍ୱର ନିକଟ ଉତ୍ତରାରେ ରହୁଥିବା ପଟାମୁଣ୍ଡାଇର ହିମାଂଶୁ ନନ୍ଦ ହେଉଛି କେଳେଙ୍କାରୀର ମାଷ୍ଟରମାଇଣ୍ଡ । ଯାହାକୁ ଆଜିଠୁ ରିମାଣ୍ଡରେ ନେଇଛି କମିଶନରେଟ୍ ପୁଲିସ । କାହା ଛତ୍ରଛାୟାରେ ରହି



ହିମାଂଶୁ ଚଳାଇଛି ଏହି କେଳେଙ୍କାରୀ କାହାକୁ ସତରେ ସେ କିଡ୍‌ନୀ ଯୋଗାଇଛି କି ପୂର୍ବରୁ ରାଜଧାନୀର ଏକ ଘରୋଇ ହସ୍ପିଟାଲ ମାର୍କେଟିଂ ବିଭାଗରେ କାମ କରିଥିବାରୁ ଏହି ରାକେଟ୍ ପଛରେ କୌଣସି ଡାକ୍ତର, ମେଡ଼ିକାଲ୍ କର୍ମଚାରୀ କିମ୍ବା ଡୋନର୍ଙ୍କ ରହିଛି କି ସଂପୃକ୍ତି ରୋଗୀଙ୍କଠାରୁ ହଡପ ଟଙ୍କା କେଉଁଥିରେ ସେ ବିନିଯୋଗ କରିଛି ୩ ଦିନିଆ ରିମାଣ୍ଡ ଅବଧି ଭିତରେ ଏସବୁର ସତ ଉଗାରିବ ହିମାଂଶୁ । କିଡ୍‌ନୀ ରାକେଟରେ ହିମାଂଶରୁ ସଂପୃକ୍ତି ନେଇ ଏଯାଏଁ ସାମ୍ନାକୁ ଆସିଲାଣି ୪ଟି ମାମଲା । କେନ୍ଦ୍ରାପଡ଼ା ମାର୍ଶାଘାଇର ଆଲୋକ ରଞ୍ଜନ ଚଇନୀଙ୍କୁ କିଡ୍‌ନୀ ଯୋଗାଇଦେବାକୁ କହି ସାଢ଼େ ୮ ଲକ୍ଷ ଟଙ୍କାର ଚୂନା ଲଗାଇଛନ୍ତି ହିମାଂଶୁ ।

▶▶ପୃଷ୍ଠା ୭

## ଓଡ଼ିଶାରେ ପ୍ରଧାନମନ୍ତ୍ରୀ ମୋଦି ଅଧିକ ଲୋକପ୍ରିୟ

ଭୁବନେଶ୍ୱର,୧୬।୦୧ (ନି.ପ୍ର): ରାଜ୍ୟରେ ବିରୋଧୀ ବିଜେପି କ୍ଷମତାସୀନ ବିଜେଡି ସରକାର ବିରୋଧରେ ଅନେକ ଅଭିଯୋଗ ଆଣିଥିଲେ ସୁଦ୍ଧା ରାଜ୍ୟବାସୀ ନବୀନଙ୍କ ଉପରେ ସନ୍ତୁଷ୍ଟ । ଯାହା ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ତୁଳନାରେ ଢ଼େର ଅଧିକ । ସେହିପରି ନବୀନ ସରକାର ବାରମ୍ବାର କେନ୍ଦ୍ର ଅବହେଳାର ଡେଙ୍ଗୁରା ପିଟୁଥିବା ବେଳେ ସର୍ଭେ କିନ୍ତୁ ଆଉ କିଛି କହିଛି । ନବୀନଙ୍କ ଅଭିଯୋଗକୁ ସର୍ଭେରେ କଡ଼ା ଜବାବ ଦେଇଛନ୍ତି ରାଜ୍ୟବାସୀ । ଏହି ସର୍ଭେ ଅନୁଯାୟୀ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ତୁଳନାରେ କେନ୍ଦ୍ରୀୟ



ଯୋଜନାରେ ଅଧିକ ଖୁସିଥିବା ଜଣାପଡ଼ିଛି । ଓଡ଼ିଶାର ୯୧ ପ୍ରତିଶତ ଲୋକ କେନ୍ଦ୍ର କାମରେ ଖୁସିଥିବା ସର୍ଭେ ରିପୋର୍ଟରୁ ଜଣାପଡ଼ିଛି । ଜାତୀୟ ଗଣମାଧ୍ୟମ ଆଇଏଏନଏସ ଓ ସି- ଭୋଟର ସର୍ଭେରେ ଏହି ରିପୋର୍ଟ ପ୍ରକାଶ କରିଛି । ଏହି ସର୍ଭେରେ ଦେଶର ସମସ୍ତ ୫୪୩ ଲୋକସଭା ଆସନରୁ ଲୋକମାନେ ଅଂଶଗ୍ରହଣ କରିଛନ୍ତି । ଏହି ସର୍ଭେରେ ୩୦ ହଜାରରୁ ଅଧିକ ଲୋକ ଜଡିତ ଅଛନ୍ତି । ଗତ ୧୨ ସପ୍ତାହ ମଧ୍ୟରେ ସର୍ଭେ ପ୍ରଶ୍ନର ଉତ୍ତର ନିଆଯାଇଛି । ଏହି ସର୍ଭେ ମୁତାବକ ଦେଶର ଶ୍ରେଷ୍ଠ ୧୦ ମୁଖ୍ୟମନ୍ତ୍ରୀ ତାଲିକାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ସ୍ଥାନରେ ଅଛନ୍ତି । ଓଇଘଝ-ସିଭୋଟର ସର୍ଭେରେ ପ୍ରଧାନମନ୍ତ୍ରୀ ଭାବେ କେଉଁ ପ୍ରାର୍ଥୀ ପସନ୍ଦ ସର୍ଭେରେ ମୋଦି ନଂ୧ରେ ରହିଛନ୍ତି । ମୋଦିଙ୍କୁ ଓଡ଼ିଶାରେ ସର୍ବାଧିକ ୮୭.୦୧% ଲୋକ ପସନ୍ଦ କରନ୍ତି । ଏହା ପଛକୁ ରହିଛି ହିମାଚଳ ପ୍ରଦେଶ ।

▶▶ପୃଷ୍ଠା ୭

## ପାଇଖାନା ପାଇଁ ଦୁଇ ବିଡିଓ ନିଲମ୍ବିତ



ଭୁବନେଶ୍ୱର ,୧୬।୦୧ (ନି.ପ୍ର): ପାଇଖାନା ଦୁର୍ନୀତି ଅଭିଯୋଗରେ ଦୁଇ ବିଡିଓ ଓ ଜଣେ ନିଲମ୍ବିତ ହୋଇଛନ୍ତି । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୩ ଅଧିକାରୀଙ୍କୁ ନିଲମ୍ବିତ କରିଛି । ନବରଙ୍ଗପୁର ଜିଲ୍ଲା ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ ଓ ଯନ୍ତ୍ରୀ ସୁନୀଲ ସାମଲଙ୍କ ନାଁରେ ପାଇଖାନା ଦୁର୍ନୀତି ଅଭିଯୋଗ ହୋଇଥିଲା । ଶୌଚାଳୟ ନିର୍ମାଣରେ ଅନିୟମିତତା ନେଇ ବିଡିଓ ଦେବେନ୍ଦ୍ର ବାହାଦୂର ସିଂଙ୍କ ବିରୋଧରେ ଶତାଧିକ ହିତାଧୀକାରୀ ଥାନାରେ ଏତଲା ଦେଇଥିଲେ । ଝରିଗାଁ ବ୍ଲକ୍ ?ରେ ୨୬ ହଜାର ୩୫୫ ଟି ଶୌଚାଳୟ ନିର୍ମାଣ ବାବଦକୁ କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ବେଳେ ପିସି ବାବଦକୁ ବିଡିଓ ୫ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ନବରଙ୍ଗପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପିଡି-ଡିଆରଡିଏ ଗାଁକୁ ଯାଇ ତଦନ୍ତ କରିବା ପରେ ଉଭୟଙ୍କୁ ନିଲମ୍ୱିତ କରାଯାଇଛି । ସେପଟେ ସମାନଭାବେ ପାଇଖାନା ଦୁର୍ନୀତି ଅଭିଯୋଗରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଡିଓ ଲରିମନ ଖରସେଲ୍ ନିଲମ୍ବିତ ହୋଇଛନ୍ତି । ବ୍ଲକରେ ଶୌଚାଳୟ ନିର୍ମାଣରେ ଅନିୟମିତତା ଅଭିଯୋଗରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତାଙ୍କୁ ନିଲମ୍ବିତ କରିଛି । ଏହାସହ ପିଡି-ଡିଆରଡିଏଙ୍କ ବିନା ଅନୁମତିରେ ମୁଖ୍ୟାଳୟ ଛାଡି ନଯିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବାଲେଶ୍ୱରରେ ୫ଶହରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଟିକା ପ୍ରଦାନ

### ୩୦ ଦିନ ପରେ ଦିଆଯିବ ଦ୍ୱିତୀୟ ଡୋଜ୍

ବାଲେଶ୍ୱର,୧୬।୦୧ (ନି.ପ୍ର): ସରକାରଙ୍କ ପୂର୍ବ ଘୋଷଣା ଅନୁସାରେ ସମଗ୍ର ଦେଶରେ ଶନିବାର ଦିନ କରୋନା ଟିକାକରଣ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୫ ଗୋଟି କେନ୍ଦ୍ରରେ ୫ଶହରୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଥମ ପର୍ଯ୍ୟାୟ ଟିକା ପ୍ରଦାନ କରାଯାଇଛି । ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ସହ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ସ୍ୱରୂପ ଦାସ, ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ୍ ଜଗଦେବ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ



ଅଭିଭାଷଣ ଶୁଣିବା ସହ ବାଲେଶ୍ୱରର ଟିକାକରଣ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଦେଶରେ କୋଭିଡ୍ ଭେକ୍ସିନ୍ ପ୍ରସ୍ତୁତିରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । କରୋନା କବଳରୁ ଦେଶବାସୀଙ୍କୁ ରକ୍ଷା କରିବା ପାଇଁ ଭାରତରେ ବିଶ୍ୱର ସର୍ବବୃହତ ଟିକାକରଣ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଆରମ୍ଭ କରିପାରିଛନ୍ତି ।

▶▶ପୃଷ୍ଠା ୭

## ଟିକାକରଣ ପରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସହ କଥାବାର୍ତ୍ତା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୦୧ (ନି.ପ୍ର): କୋବିଡକୁ ନେଇ ଟୀକାକରଣ ଅଭିଯାନ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ ଟିକାକରଣର ସମ୍ପର୍କରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ସହ କଥାବାର୍ତା ହୋଇ ଏ ସମ୍ପର୍କରେ ପଚାରି ବୁଝିଛନ୍ତି । ଭିଡିଓ କନଫରେନ୍ସି ଜରିଆରେ ଫିଡବ୍ୟାକ୍ ନେବା ସମୟରେ ବ୍ରହ୍ମପୁର ସିଟି ହସ୍ପିଟାଲର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ଏହାଛଡ଼ା ସେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀ ଏବଂ କ୍ୟାପିଟାଲ ହସ୍ପିଟାଲର ନର୍ସଙ୍କ ସହ କଥା ହୋଇଥିବା ଜଣା ପଡିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋଭିଡ୍ ଟିକାକରଣ ଲାଗି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ସହଯୋଗ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି,‘ ରାଜ୍ୟରେ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି । ଗତ ୧୦ ମାସ ହେଲା କୋଭିଡ୍ ଯୋଦ୍ଧାମାନେ ସଂଗ୍ରାମ ଜାରି ରଖିଛନ୍ତି । ଆପଣଙ୍କ ତ୍ୟାଗ ଓ ସେବାକୁ ଆମେ ଭୁଲି ପାରିବୁନି । ସମସ୍ତଙ୍କ ସୁସ୍ଥତା କାମନା କରୁଛି ।’

# ସ୍ୱର୍ଗଦ୍ୱାର ସୌନ୍ଦର୍ଯ୍ୟକରଣ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି

ପୁରୀ,୧୬।୧ (ନି.ପ୍ର): ଶ୍ରୀକ୍ଷେତ୍ରର ପବିତ୍ର ମୁକ୍ତିପଥ ସ୍ୱର୍ଗଦ୍ୱାରର ସୌନ୍ଦର୍ଯ୍ୟକରଣ କାମ ଏବେ ଦ୍ରୁତଗତିରେ ଆଗେଇ ଚାଲିଛି । ପ୍ରାୟ୬କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କାମ ଚାଲୁରହିଛି । ପ୍ରତିଦିନ ସ୍ୱର୍ଗଦ୍ୱାରକୁ ୫୦ରୁ ୧୫୦ ପର୍ଯ୍ୟନ୍ତ ଶବ ଆସୁଥିବା ନଜିର ରହିଛି । ସୌନ୍ଦର୍ଯ୍ୟକରଣ ପାଇଁ ୧୪ଟି ପିଣ୍ଡି ସହ ଶବକୁ ସମ୍ମାନ ଦେବା ପାଇଁ ୧୪ଟି ଆସ୍ଥାନ ମଣ୍ଡପ କରାଯିବ । ଶବଦାହକାରୀ ଓ ସମ୍ପର୍କୀୟମାନଙ୍କ ପାଇଁ ବିଶ୍ରାମ ଗୃହ ତିଆରି କରାଯିବ । ପଥଶ୍ରାଦ୍ଧ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯିବ । ଅଭଡା ଯୋଜନା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି । ସ୍ୱର୍ଗଦ୍ୱାରରେ ଶବଦାହ କଲେ ହିନ୍ଦୁ ଧର୍ମ ଅନୁସାରେ ଆତ୍ମା ସ୍ୱର୍ଗକୁ ଯାଏ ବୋଲି ବିଶ୍ୱାସ ରହିଛି । ମଣିଷର ଶେଷ ଠିକଣା ସ୍ୱର୍ଗଦ୍ୱାର ହୋଇଥିବାରୁ ଆତ୍ମୀୟମାନେ ଶବ ଦାହ ପାଇଁ ସ୍ୱର୍ଗଦ୍ୱାରକୁ ଆଣିଥାନ୍ତି । ଗ୍ରାମ ଶ୍ମଶାନ ଓ ଅନ୍ୟ ଶ୍ମଶାନରେ ଶବର ମୁହଁକୁ ତଳମୁହାଁ କରି ରଖାଯାଇ କାଠ ନଦାଯିବା ସହ ଅଗ୍ନି ସଂଯୋଗ କରାଯାଇଥାଏ । କିନ୍ତୁ ସ୍ୱର୍ଗଦ୍ୱାରରେ ଶବର ମୁହଁ ଉପରକୁ ରଖାଯାଇ ଦାହ କରାଯାଇଥାଏ । ମୁହଁ ଉପରକୁ ରହିଲେ ଶବ ସିଧା ସଳଖ ସ୍ୱର୍ଗକୁ ଯାଇଥାଏ ବୋଲି ବିଶ୍ୱାସ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ୱର୍ଗଦ୍ୱାରରେ ଥିବା ବିଜୁ ସମାଧି ନିର୍ମାଣସ୍ଥଳୀକୁ ଭଙ୍ଗାଯାଇ ସେଠାରେ କଂକ୍ରିଟ୍ ପିଲର୍ କରାଯାଉଥିବା ଦେଖାଯାଇଛି । ଏ ସମ୍ପର୍କରେ ପୁରୀ କୋର୍ଟରେ ମାମଲା ଚାଲିଥିଲା । ସମାଧି ପୀଠକୁ ଭାଙ୍ଗିଦେବା ପାଇଁ ଆଦେଶ ହେବା ପୂର୍ବରୁ ରାଜ୍ୟ ସରକାର ସମାଧିକୁ ଭାଙ୍ଗିଦେଇ ନୂଆ ଯୋଜନା ଆରମ୍ଭ କଲେ । ବିଜୁ ବାବୁଙ୍କୁ ସମ୍ମାନ ଦେବା ପାଇଁ ଅନ୍ୟଠାରେ ସମାଧି ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ । ସ୍ୱର୍ଗଦ୍ୱାରରେ ଧାର୍ମିକ ମତ ଅନୁସାରେ ଶବଦାହ ପରେ ସେତେବେଳେ ସମୁଦ୍ରର ଉଚ୍ଚ ଲହରୀ ଶବ ଧୋଇବା ସହ ଅସ୍ଥି ଓ ପାଉଁଶକୁ ସମୁଦ୍ର ଭିତରକୁ ନେଇଯାଉଥିଲା । ଯାହା ଫଳରେ ଶବଟି ସଂସ୍କାରିତ ହେଉଥିବା ବିଶ୍ୱାସ ରହିଥିଲା । ଗାନ୍ଧୀଘାଟ, ବନାରସ ଘାଟ ପରି ସ୍ୱର୍ଗଦ୍ୱାର ସ୍ୱର୍ଗପ୍ରାପ୍ତି ପାଇଁ ଗୋଟିଏ ଘାଟ ବୋଲି କଥିତ ଥିଲା । ଏବେ ନିର୍ମାଣ କାର୍ଯ୍ୟ ହେବା ପରେ ସ୍ୱର୍ଗଦ୍ୱାର ତାର ଐତିହ୍ୟକୁ ହରେଇବ ବୋଲି ଅଂଚଳବାସୀ କହୁଛନ୍ତି । ଚିମିନୀ ଦ୍ୱାରା ଶବ ସଂସ୍କାର ଯୋଜନା ଫେଲ୍ ମାରିଲା । ବିଦ୍ୟୁତ ଚୁଲା ବ୍ୟବସ୍ଥାକୁ ଅନେକ ନାପସନ୍ଦ କରୁଛନ୍ତି । ସ୍ୱର୍ଗଦ୍ୱାରର ଶ୍ମଶାନ ବାଲି ଅସ୍ଥି ପାଉଁଶକୁ ଅନେକ ତୀର୍ଥଯାତ୍ରୀ ମୁଣ୍ଡିଆ ମାରିଥାନ୍ତି । ଏବେ ସ୍ୱର୍ଗଦ୍ୱାରା ଚାରିପଟ ଆବଦ୍ଧ । ସମୁଦ୍ରର ଦକ୍ଷିଣା ପବନରେ ଶବ ସଂସ୍କାର ସମୟରେ ବର୍ଷା ହେଲେ ମଧ୍ୟ ଅଗ୍ନିସଂଯୋଗ ଲିଭିନଥାଏ । ଏବେ ଚାରିପଟ ପାଚେରୀ ନିର୍ମାଣ ଯୋଗୁଁ ସମୁଦ୍ର ପବନ ଆସିବାରେ ବାଧକ ସୃଷ୍ଟି ହେବ । ସେଠାରେ କଂକ୍ରିଟ୍‌ର ବେସ୍ ଓ ପିଲର୍ ନିର୍ମାଣ ଯୋଗୁଁ ଆସ୍ତେ ଆସ୍ତେ ସ୍ୱର୍ଗଦ୍ୱାରର ପବିତ୍ର ବାଲି ହଜିଯିବାକୁ ବସିବ ବୋଲି ଅନେକ ଧାର୍ମିକ ଲୋକ ମତ ଦେଇଛନ୍ତି ।

# ଟିକା ନେବେ ନାହିଁ : କଳାବ୍ୟାଜ ପିନ୍ଧି ନିରବ ପ୍ରତିବାଦ କରି କାର୍ଯ୍ୟ କରିବେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ

ଜୟପୁର,୧୬।୧ (ନି.ପ୍ର): କୋରନା ମହାମାରି କୁ ମୁକାବିଲା କରିବା ପାଇଁ ଶନିବାର ଠାରୁ ଆରମ୍ଭ ହେଉଛି କରୋନା ଟିକା ଦାନ ପକ୍ରିଆ । ଏହି କାଯ୍ୟରେ ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ପ୍ରରିଦର୍ଶକ ସମସ୍ତେ କଳା ବ୍ୟାଜ୍ ପରିଧାନ କରି ନୀରବ ପ୍ରତିବାଦ ପୁବକ କାର୍ଯ୍ୟରେ ଯୋଗଦେବେ । କିନ୍ତୁ କୋରନା ଟିକା ନେବେ ନାହିଁ ମାତ୍ର ଦେବାରେ ସହ ଯୋଗ କରିବେ ବୋଲି ଚେତବନି ଦେଇଛି ରାଜ୍ୟ ପୁରଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସଂଘ/ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ।ଏନେଇ ରାବଣାଗୁଡା ଗୋଷ୍ଠି ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରିଙ୍କ ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଧିକାରି ଓ ଜନ ସ୍ୱାସ୍ଥ୍ୟ ଅଧିକାରି କୋରାପୁଟ କୁ ପ୍ରରେଣ କରାଯାଇଛି । ସ୍ୱାସ୍ଥ୍ୟ ବିଭାର ଅବହେଳା କାରଣରୁ କରୋନା ଟିକା ନେବେ ନାହିଁ ବହୁ ମୁଖି ସ୍ୱାସ୍ଥ୍ୟକର୍ମୀ । ଟିକା ନଲେଲେ ବି ଆଗାମୀ ଟିକାକରଣ କାର୍ଯ୍ୟକ୍ରମରେ ଭାଗ ନେଇ ନିଜ ଦାୟିତ୍ୱ ତୁଲାଇବେ । ଟିକାକରଣ ସମୟରେ କଳାବ୍ୟାଜ୍ ପିନ୍ଧି ସେବା କରିବେ । ସୁସ୍ଥ ଓଡିଶା ଓ କରୋନା ମୁକ୍ତ ଓଡିଶା ଲାଗି ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ/ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ନିଷ୍ପତି ନେଇଛି । ସରକାର ଡାକ୍ତର, ଷ୍ଟାଫନର୍ସ ଙ୍କ ପ୍ରତି ଅଧିକ ଗୁରୁତ୍ୱ ଦେଇ ସେ ମାନଙ୍କ ପଦବୀ ପରିବ ନ ସହ କ୍ୟାଡର ପୁନଃଗଠନ କରିଛନ୍ତି । ଚାକିରିକାଳ ଭିତରେ ସେମାନଙ୍କର ୫ରୁ ୭ଟି ପଦୋନ୍ନତି ହେଉଛି । ପରିଚାପର ବିଷୟ ବହୁ ମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରାଯାଇଛି । ଏ ନେଇ ସଂଘ ତରଫରୁ ଦୀର୍ଘ ୧୦ ବର୍ଷ ହେଲା ସଂଘ ପକ୍ଷରୁ ଏହି ସସମ୍ୟାର ସମାଧାନ ଲାଗି ଦାବୀ ହେଇଆସୁଛି । ସଂଘର ୪ ପ୍ରମୁଖ ସଂଗଠନ ରହିଛି । ଏହି ସଂଗଠନର ସଦସ୍ୟ ମାନେ ତୃଣମୂଳ ସ୍ତରରେ ୧୫ ହଜାର ସଦସ୍ୟ ରହିକାଯ୍ୟ କରୁଛନ୍ତି । ସରକାରଙ୍କ ବିଭିନ୍ନ ସ୍ୱାସ୍ତ୍ୟ ଯୋଜନାର ସଫଳ ରୁପାୟନ କ୍ଷେତ୍ରରେ କାର୍ଯ୍ୟ କରୁଛି । ବନ୍ୟା, ବତ୍ୟା ଭଳି ପ୍ରାକୃତିକ ବିପଯ୍ୟୟ ତଥା କୋରନା ଭଳି ମହାମାରି ସମୟରେ ସବଦା ଆଗ ଧାଡିରି ଯୋଦ୍ଧା ଭାବେ ଦିନ ରାତ୍ର କାର୍ଯ୍ୟ କରୁଅଛୁ । ବାରମ୍ଵାର ଦାବୀ କରିବା ପରେ ସ୍ୱାସ୍ଥ୍ୟ ବିଭାଗ କିଛି ପଦକ୍ଷେପ ନେଉ ନାହିଁ । ତେଣୁ ରାଜ୍ୟ ସରକାର ଦାବି ପୁରଣ କରିନଥିବାରୁ ସରକାର ବହୁ ମୁଖି ସ୍ୱାସ୍ଥ୍ୟକର୍ମୀ ମାନେ ଟିକା ଗ୍ରହଣ କରିବେ ନାହିଁ । ସରକାରଙ୍କ ଅବହେଳା ପ୍ରତିବାଦରେ ଟିକାକରଣ ସମୟରେ କଳାବ୍ୟାଜ୍ ପିନ୍ଧି କାମରେ ସହ ଯୋଗ କରିବେ ବୋଲି ସୁଚନା ଦିଆଯାଇଛି । ଯଦି ସରକାର ୧୫ ହଜାର କୋରନା ଯୋଦ୍ଧା ଙ୍କୁ ସମ୍ମାନ ଦେବାକୁ ଚାହୁଁଛନ୍ତି ତେବେ ଦୀର୍ଘ ଦିନର ଦାବୀ ପୁରଣ କରି ପଦକ୍ଷେପ ନିଅନ୍ତୁ ।

## ଥାନା ପରିସରରେ ଦୁଇ କଲରାପତରିଆ ବାଘ ଛୁଆ

ଭବାନୀପାଟଣା,୧୬।୧ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ଦୁଇ ବାଘ ଛୁଆ ଗତକାଲି ରାତିରେ ଆମପାଣି ଥାନା ପରିସରକୁ ଚାଲି ଆସିଥିବା ସୂଚନା ମିଳିଛି । ୨ଟି କଲରାପତରିଆ ବାଘ ଛୁଆ ଆସିଥିବା ସିସିଟିଭି ଚିତ୍ରରୁ ଜଣାପଡିଛି । ଅନ୍ୟପକ୍ଷରେ ଏହି ଦୁଇଟି ଯାକ କଲରପତରିଆ ବାଘ ଛୁଆ ଥିବା ସ୍ୱଷ୍ଟ କରିଛନ୍ତି ବନ ବିଭାଗ ଅଧିକାରୀ । ଆଖପାଖ ଅଂଚଳର ଗ୍ରାମବାସୀ ଏନେଇ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ପ୍ରକାଶ ଥାଉକି, ଗତ କିଛି ଦିନ ପୂର୍ବେ ଏକ କଲରାପତରିଆ ବାଘ ଆମପାଣି ଘାଟିରେ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଦୁଇଟି ଛୁଆ ବାଘ ଦେଖାଦେବା ପରେ ମା ବାଘ ମଧ୍ୟ ଆଖପାଖରେ ରହିଥିବା ଅନୁମାନ କରାଯାଉଛି ।

## ଥାନା ପରିସରରେ ଦୁଇ କଲରାପତରିଆ ବାଘ ଛୁଆ

ଭବାନୀପାଟଣା,୧୬।୧ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ଦୁଇ ବାଘ ଛୁଆ ଗତକାଲି ରାତିରେ ଆମପାଣି ଥାନା ପରିସରକୁ ଚାଲି ଆସିଥିବା ସୂଚନା ମିଳିଛି । ୨ଟି କଲରାପତରିଆ ବାଘ ଛୁଆ ଆସିଥିବା ସିସିଟିଭି ଚିତ୍ରରୁ ଜଣାପଡିଛି । ଅନ୍ୟପକ୍ଷରେ ଏହି ଦୁଇଟି ଯାକ କଲରପତରିଆ ବାଘ ଛୁଆ ଥିବା ସ୍ୱଷ୍ଟ କରିଛନ୍ତି ବନ ବିଭାଗ ଅଧିକାରୀ । ଆଖପାଖ ଅଂଚଳର ଗ୍ରାମବାସୀ ଏନେଇ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ପ୍ରକାଶ ଥାଉକି, ଗତ କିଛି ଦିନ ପୂର୍ବେ ଏକ କଲରାପତରିଆ ବାଘ ଆମପାଣି ଘାଟିରେ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଦୁଇଟି ଛୁଆ ବାଘ ଦେଖାଦେବା ପରେ ମା ବାଘ ମଧ୍ୟ ଆଖପାଖରେ ରହିଥିବା ଅନୁମାନ କରାଯାଉଛି ।

# କାର୍ ଲୁଟ ଉଦ୍ୟମ ବିଫଳ

କୋରେଇ,୧୬।୧ (ନି.ପ୍ର): ଆଜି ଜଣେ ଲୋକ ଏକ କାର ଭଡା ନେବ ବୋଲି ପାଣିକୋଇଲି ଟ୍ୟାକ୍ସି ଷ୍ଟାଣ୍ଡରେ ପହଂଚିଥିଲେ । ଜାରକା ଯିବା ପାଇଁ ବ୍ୟକ୍ତି ଜଣଙ୍କ ଚାହିଁଥିଲେ । ଏହି ସମୟରେ (ଓଡି ୦୨ଟି୩୮୧୨)ର ଚାଳକ ଯେକି ପାଣିକୋଇଲି ଥାନା ଅନ୍ତର୍ଗତ ବାଟୁଳ ଗ୍ରାମର ସଦାନନ୍ଦ ମଳିକଙ୍କ ପୁଅ ସରୋଜ ମଳିକସହ ଭଡା ନେଇ ଆଲୋଚନା ହୋଇଥିଲା । ଶେଷରେ ୭ଶହ ଟଙ୍କା ଭଡା ଛିଡିଥିଲା । ବ୍ୟକ୍ତି ଜଣକ କାରର ଆଗ ସିଟରେ ବସିଥିଲେ । ଗାଡିଟିରୁ ପାଣିକୋଇଲି ଇଲେକ୍ଟ୍ରି ଅଫିସ ସମ୍ମୁଖ ପାର ହେବା କ୍ଷଣି ହଠାତ ବ୍ୟକ୍ତି ଜଣଙ୍କ ଚାଳକକୁ ମୁଥ ମାରିବା ସହ ଗାଳିଗୁଲଜ କରିବା ସହିତ ସେ ଯେଉଁ ସ୍ଥାନକୁ କହିବେ ଗାଡି ନନେଲେ ମାରି ଲାସ କରି ଦେବାକୁ ଧମକ ଦେଇଥିଲେ । ଯାହାକୁ ନେଇ ସରୋଜ ଗାଡି ବନ୍ଦ କରିଦେଇ ଜଣେ ସମ୍ପର୍କୀୟଙ୍କ ସହାୟତାରେ ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳେ ପହଂଚି ଗାଡିଟିକୁ ଥାନାକୁ ଆଣିବା ସହ ଅଭିଯୁକ୍ତକୁ ଥାନାକୁ ଆଣି ଅଟକ ରଖିଛି । ବ୍ୟକ୍ତି ଜଣଙ୍କ କୁଆଖିଆ ଥାନା ଅନ୍ତର୍ଗତ ଜଇପୁର ଗ୍ରାମର ଲାଲା ମୋହନ ନାୟକ ବୋଲି କହିଛି ।

# ମକର ପର୍ବ ଅବସରରେ ବିଜେଡ଼ି ନେତୃ ମଣ୍ଡଳୀ ଓ କର୍ମୀମାନଙ୍କ ସହ ଖୁସି ବାଣ୍ଟିଲେ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ପ୍ରଣବ

ବାରିପଦା,୧୬।୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଓଡ଼ିଶା ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଜୁମ ଆପ୍ପ ମାଧ୍ୟମରେ ଜିଲ୍ଲା ବିଜେଡ଼ି ନେତୃ ମଣ୍ଡଳୀ ଓ କର୍ମୀମାନଙ୍କ ସହ ଯୋଡ଼ି ହୋଇ ଜିଲ୍ଲାର ଗଣପର୍ବ ମକର ଜିଲ୍ଲା ବାସୀଙ୍କ ହୃଦୟରେ ଅଫୁରନ୍ତି ଉତ୍ସାହ, ଆନ୍ଦ ଭରିଦେଉ ବୋଲି କହିବା ସାଙ୍ଗକୁ ପରସ୍ପର ମଧ୍ୟରେ ଶୁଭେଚ୍ଛା ଆଦାନପ୍ରଦାନ ପୂର୍ବକ ଖୁସୀ ବାଣ୍ଟିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରେ ବିକାଶର ଧାରାକୁ ତ୍ୱରାନ୍ୱିତ କରାଇ ନିମନ୍ତେ କଥା ଦେଇଥିଲେ । ସେହିପରି ୨୦୨୧ ନୂତନ ବର୍ଷ ଅବସରରେ ନିଜ କର୍ମକ୍ଷେତ୍ର ବାରିପଦାଠାରେ ବିକାଶ ବାର୍ତା ବାଂଟିଥିଲେ ଓଡ଼ିଶା ବିଜେଡ଼ିର ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଓରଫ ବବି । ଏଥି ସହିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ମନ୍ଦିର ଉନ୍ନତି କରଣ କାର୍ଯ୍ୟର ସମୀକ୍ଷା, ମହାରାଜା ଶ୍ରୀରାମଚନ୍ଦ୍ର ପାଠାଗାରର ନବ କଳେବର ଆଦି ବିକାଶର କାର୍ଯ୍ୟର ସମୀକ୍ଷା କରିଥିଲେ ।

# ଗୋପିନାଥଜୀଉ ଓ ବିନୋଦ ବିହାରୀ ମନ୍ଦିରରେ ମକର ଉତ୍ସବ ପାଳିତ

କେନ୍ଦ୍ରାପଡ଼ା,୧୬।୧ (ନି.ପ୍ର): କେନ୍ଦ୍ରାପଡା ସହର ଗଣାମାହାଲସ୍ଥିତ ଗୋପିନାଥଜୀଉ ଓ ବିନୋଦ ବିହାରୀଜୀଉ ମନ୍ଦିର ପରିସରରେ ମକର ସଂକ୍ରାନ୍ତୀ ଉତ୍ସବ ମହାଆଡମ୍ବରରେ ପାଳନ କରାଯାଇଛି । ଏହି ଉପଲକ୍ଷେ ପ୍ରାତଃ ସମୟରେ ଠାକୁରଙ୍କୁ ସ୍ନାନ କରାଯାଇ ନୀତି ଧୂପ କରାଯାଇଥିଲା । ଅପରାହ୍ନ୨ଟା ବେଳେ ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ କରାଯାଇ ବେଢା ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟବାସିନ୍ଦା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ବେଢା ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ବିପଦ ରଞ୍ଜନ ଦାସ ସଂଯୋଜନା କରିଥିବା ବେଳେ ଟ୍ରଷ୍ଟର ସଦସ୍ୟ ଅଶୋକ କୁମାର ଷଣ୍ଢ,ଶକ୍ତିକାନ୍ତ ପାତ୍ର, ପୂର୍ବତନ ନଗରପାଳ ବିଜୟ କୃଷ୍ଣ ସାହୁ, ଇଂ ମୁରଲୀ ସେଠୀ, ଆଇନଜୀବୀ ନୃସିଂହ ଚରଣ ରାଉତ, ଗୌରହରି ମହାପାତ୍ର, ସୁନାକର ସେଠୀ, ଅନନ୍ତ ମହାରଣା, ବସନ୍ତ କୁମାର ସାହୁ, ଗାୟତ୍ରୀ ପାଣି ଓ ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଉପଲକ୍ଷେ ବିନୋଦବିହାରୀ ଭଜନ ସଂନ୍ଧ୍ୟାର କଳାକାରାମାନେ ଭଜନ ପରିବେଷଣ କରିଥିଲେ ।

# କଟକରୁ ବିପୁଳ ପରିମାଣର ନକଲି ପାନମସଲା ଓ ଗୁଟଖା ଜବତ

କଟକ,୧୬।୧ (ନି.ପ୍ର): ନକଲି ସାମଗ୍ରୀ ପ୍ରସ୍ତୁତିର ପେଣ୍ଠସ୍ଥଳ ପାଲଟିଥିବା କଟକରୁ ପୁଣି ବିପୁଳ ପରିମାଣର ନକଲି ପାନମସଲା ଓ ଗୁଟଖା ଜବତ କରିଛି କମିଶନରେଟ ପୋଲିସ । ସଶୋଳ ଗ୍ରାମରୁ ୧୨ କ୍ୱିଂଟାଲରୁ ଉର୍ଦ୍ଧ୍ୱ ଗୁଣ୍ଡି ଜବତ ହୋଇଛି । ଘଟଣାରେ ଜଣକୁ ଅଟକ ରଖି ପଚରା ଉଚୁରା ଚଳାଇଛି ପୋଲିସ । କୌଣସି ସୂତ୍ରରୁ ଖବର ପାଇ ୪ଟି ଗୋଦାମରେ ସଦର ଥାନା ପୋଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା । କୁଣ୍ଡା, କରତଗୁଣ୍ଡ ଓ ଅନ୍ୟାନ୍ୟ କେମିକାଲ ମିଶାଇ ନକଲି ପାନମସଲା ଓ ଗୁଟଖା ପ୍ରସ୍ତୁତି ହେଉଥିଲା । ଚଢ଼ଉ ବେଳେ ପାନମସଲା ଓ ଗୁଟଖା ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରିଛି ପୋଲିସ ।

# ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ବ୍ୟାସ କବିଙ୍କ ୧୭୯ ତମ ଜୟନ୍ତୀ ପାଳିତ




କପ୍ତିପଦା ,୧୬।୧ (ନି.ପ୍ର): କପ୍ତିପଦା ପଞ୍ଚାୟତ ସମିତି ଅନ୍ତର୍ଗତ ବିଶୋଳ ୟୁଥ କ୍ଲବ ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ଜାନୁଆରୀ ୧୨ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ୧୪ ତାରିଖ ଦିନ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୭୯ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ମକର ମିଳନ, ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ଭକ୍ତିଜ୍ଞାନ ସଂଚାର ସମିତି ଉଦଳାର ଅଧକ୍ଷ ଲକ୍ଷ୍ମୀଧର ପୁଥାଳ ଏହିକାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଦିର୍ଘ ୧ ସପ୍ତାହ ବ୍ୟାପି ଚାଲୁଥିବା ଏହି କାର୍ଯ୍ୟକ୍ରମର ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳିପଦ ପଣ୍ଡା, ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା ଓ କବୟତ୍ରୀ ପ୍ରମିଳା ପଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ଓ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବାରେ ଫକୀରମୋହନଙ୍କ ଉଦ୍ୟମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଓଡ଼ିଆ ଅକ୍ଷର ଓ ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ଏହାର ବହୁଳ ବ୍ୟବହାର ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସମସ୍ତେ ପ୍ରକାଶ କରିଥିଲେ । ଏହାପରେ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡ଼. ଚିନ୍ତାମଣୀ ସାହୁ, ଚିତ୍ତରଂଜନ ଆଚାର୍ଯ୍ୟ, ଯତୀନ କୁମାର ସେନାପତି, ଲକ୍ଷ୍ମଣ କୁମାର ବିନ୍ଧାଣୀ, ଗଙ୍ଗାଧର ଦାସ, ଜ୍ଞାନ ରଂଜନ ପୃଷ୍ଟି, ବିଷ୍ଣୁଚରଣ ବିନ୍ଧାଣୀ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ କ୍ଲବର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ପୁଅ ହତ୍ୟାକାରୀ ବାପାକୁ ଆଜୀବନ ଜେଲ୍

ରାଉରକେଲା,୧୬।୧ (ନି.ପ୍ର): ପୁଅ ହତ୍ୟାକାରୀ ବାପାକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ । ମାମଲାର ବିଚାର କରି ଅଭିଯୁକ୍ତ ବାପା ହଣ୍ଡା ଓରାମକୁ ଦୋଷୀ ସାବ୍ୟସ୍ତ କରିବା ସହ କୋର୍ଟ ତାଙ୍କ ରାୟରେ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୯ ମସିହା ଜୁନ୍ ୨୪ ତାରିଖରେ ପୁଅର ବେକକୁ ଅତ୍ୟନ୍ତ ନୃଶଂସ ଭାବେ ଛୁରୀରେ କାଟି ହତ୍ୟା କରିଥିଲା ଅଭିଯୁକ୍ତ ବାପ । ମାମଲାରେ ୧୪ ଜଣଙ୍କ ସାକ୍ଷ୍ୟ, ପ୍ରମାଣ ଓ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେଇ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରୀ ଓକିଲ ସତ୍ୟ ନାରାୟଣ ମହାପାତ୍ର ଏହି ସୂଚନା ଦେଇଛନ୍ତି ।

# ସାଇବର ସୁରକ୍ଷା ଓ ଗ୍ରାହକ ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା

କୋରେଇ,୧୬।୧ (ନି.ପ୍ର): ଯାଜପୁର ଜିଲ୍ଲାର ନୂତନ ଆରକ୍ଷ ଅଧିକ୍ଷକ (ଏସପି) ରାହୁଲ ପିଆରଙ୍କ ଅଧ୍ୟକ୍ଷତାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଯାଜପୁର ଜିଲ୍ଲାର ଶାଖା ପ୍ରବନ୍ଧକ ତଥା ଆଂଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବୀର ଚନ୍ଦ୍ର ସାହୁ ଓ ଅନ୍ୟ ବିଭାଗ ମୁଖ୍ୟଙ୍କୁ ନେଇ ସାଇବର ସୁରକ୍ଷା ଓ ଗ୍ରାହକ ସୁରକ୍ଷା ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ରକ୍ରମରେ ଶ୍ରୀ ରାହୁଲ ପିଆର ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଅଗ୍ରଦୂତ ଭାବରେ ବର୍ଣ୍ଣନା କରିବା ସହ ଏହାର ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜିକାଲି କିପରି ଗ୍ରାହକ ମାନଙ୍କୁ ଠକାମୀର ଶିକାର ହେବାକୁ ପଡୁଛି ବ୍ୟାଙ୍କ ଅଧିକାରୀ ମାନଙ୍କୁ ମଧ୍ୟ ସମସ୍ୟାର ସମାଧାନ କରିବାକୁ ପଡୁଛି ଓ ଗ୍ରାହକ ସଚେତନତା ସୃଷ୍ଟି କରିବା ଦିଗରେ କିପରି ପୋଲିସ ବିଭାଗ ଓ ବ୍ୟାଙ୍କର ମିଳିତ ଉଦ୍ୟମରେ କାର୍ଯ୍ୟ କରାଯାଇ ପାରିବ ସେ ଦିଗରେ ଆଲୋକପାତ କରିଥିଲେ । ଭାରତୀୟ ଷ୍ଟେଟବ୍ୟାଙ୍କ ତରଫରୁ ମୁଖ୍ୟ ପ୍ରବନ୍ଧକ ଜୟଦ୍ରଥ ବଳ ବ୍ୟାଙ୍କର ସାଇବର ସୁକ୍ୟୁରିଟ ରୋକିବାର ବୃବସ୍ଥା ତଥା ଗ୍ରାହକ ମାନଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା (ଏସଓପି) ସମ୍ପର୍କରେ ଆଲୋଚନା କରିଥିଲେ । ଷ୍ଟେବ୍ୟାଙ୍କର ନେତୃତ୍ୱରେ ଅନ୍ୟାନ ବ୍ୟାଙ୍କ ମାନଙ୍କୁ ଏକଜୁଟ କରି ସଚେତନତା ସୃଷ୍ଟି କରିବାକୁ ନିଷ୍ପତି ନିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷ ଅଧିକ୍ଷକ ବାଉରୀବନ୍ଧୁ ବେହେରା, ଉପମୁଖ୍ୟ ସଂଗ୍ରାମ କେଶରୀ ଟୁଡୁ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ୨୦ ଜଣ ଶାଖା ପରିଚାଳକ ଯୋଗଦାନ କରିଥିଲେ ।

# ଓଚିନ୍ଦାର ଗଣପର୍ବ ହରିହାଟ ମେଳା ଆରମ୍ଭ

କୋରେଇ,୧୬।୧ (ନି.ପ୍ର): ପଥରପଦା ପଂଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଆରମ୍ଭ ହୋଇଛି । ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ଶତାୟୁ ମେଳାକୁ କେବଳ ବିଧି ରକ୍ଷାରେ ସିମୀତ କରାଯାଇଛି । ଯଜ୍ଞ, ନାମଯଜ୍ଞ, ଗୀତା ଓ ଭାଗବତ ପାଠରେ କାର୍ଯ୍ୟକ୍ରମକୁ ଶେଷ କରିବାକୁ କମିଟି ପକ୍ଷରୁ ନିଷ୍ପତି ନିଆଯାଇଛି । ଚଳିତ ବର୍ଷ ଅପେରା, ଡ୍ରାମା, ପାଲା, ପ୍ରବଚନ, ନୃତ୍ୟ ଗୀତକୁ ବନ୍ଦ ରଖାଯାଇଛି । ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି । ହେଲେ କରୋନା କଟକଣାକୁ ଆଖି ଆଗରେ ରଖାଯାଇଥିବାରୁ ଫିକା ପଡିଛି ମେଳା ଓ ମହୋତ୍ସବ । ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ । ଶ୍ରଦ୍ଧାଳୁ ଭକ୍ତ ମାନେ କଟକଣା ମଧ୍ୟରେ ଯଜ୍ଞରେ ନିଡିଆ, ଘୃତ, ଚାଉଳ, ଉଖୁଡା ଆଦି ପକାଇଛନ୍ତି । କରୋନା ମହାମାରୀରୁ ସମଗ୍ର ବିଶ୍ୱକୁ ରକ୍ଷା କରାଯିବା ସହ ଆସନ୍ତା ବର୍ଷକୁ କିପରି ଧୁମଧାମରେ ମେଳା ଓ ମହୋତ୍ସବ ପାଳନ ହୋଇପାରିବ ସେ ନେଇ ପ୍ରଭୁଙ୍କ ନିକଟରେ ପ୍ରର୍ଥନା କରୁଛନ୍ତି ଗ୍ରାମବାସୀ ।

# ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ୍ ଟିମ୍ ଭଦ୍ରକ ପକ୍ଷରୁ ଗରିବଙ୍କୁ ଶୀତବସ୍ତ୍ର ପ୍ରଦାନ

ଭଦ୍ରକ,୧୬।୧ (ହି.ସ): - ଶ୍ରୀ ଶ୍ରୀ ଆନନ୍ଦ ମୂର୍ତ୍ତିଙ୍କ ଜନ୍ମ ଶତବାର୍ଷିକୀ ସ୍ୱର୍ଣ୍ଣଜୟନ୍ତୀ ଉପଲକ୍ଷେ ଆନନ୍ଦମାର୍ଗ ୟୁନିର୍ଭସାଲ ରିଲିଫ୍ ଟିମ୍ ଭଦ୍ରକ ଶାଖା ପକ୍ଷରୁ କଲେଇ ପଂଚାୟତର ବଳଭଦ୍ରପୁର ଠାରେ ଦୁସ୍ଥ ଲୋକମାନଙ୍କୁ ଚିହ୍ନଟ କରାଯାଇ ଶୀତବସ୍ତ୍ର, ଶାଢୀ, ଲୁଙ୍ଗି ଓ ଗାମୁଛା ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆନନ୍ଦ ମାର୍ଗର ବରିଷ୍ଠ ଆଚାର୍ଯ୍ୟ ସତ୍ୟ ସୁଧାନନ୍ଦ ଅବଦୂତ, ଆଚାର୍ଯ୍ୟ ରାସେଶ୍ୱରା ନନ୍ଦ ଅବଦୂତ, ଭଦ୍ରକ ଆନନ୍ଦମାର୍ଗ ସ୍କୁଲର ସଭାପତି ଚନ୍ଦ୍ରଗୁପ୍ତ ଲେଙ୍କା, ଆନନ୍ଦ ମାର୍ଗ ପ୍ରଚାରକ ସଂଘର ଜିଲା ସଭାପତି ଜଗନ୍ନାଥ ରାୟ, ଯୋଗ ଶିକ୍ଷକ କାହ୍ନୁଚରଣ ସାହୁ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତ, ସଂଗଠକ ମହେଶ୍ୱର ଲେଙ୍କା, କମଳାକାନ୍ତ ନାୟକ, ସୁଶାନ୍ତ କୁମାର ଦାସ, ମାନସ କୁମାର ଜେନା ପ୍ରମୁଖ ଯୋଗଦେଇ କଂଟାପଡା, ଚୁନିଦା, ବଳାଜିତପଡା, ମଙ୍ଗଳାପଦା, ଟାଙ୍କୁଣି, ଓଲଟୁଙ୍ଗା, ସୁନ୍ଦରଗଡିଆ, ଜଳମଣ୍ଡୁଆ, ଦାଶସାହି, ଦଇପୁରର ଗରିବ ଲୋକମାନଙ୍କୁ ଉପରୋକ୍ତ ସାମଗ୍ରୀ ବଂଟନ କରିଥିଲେ । ଏଥିରେ ସ୍ଥାନୀୟ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଏହି ଅବସରରେ ଚୁନିଦାସ୍ଥିତ ଉତ୍କଳ ନୃତ୍ୟ ତରଙ୍ଗର କଳାକାରମାନେ ନିର୍ଦ୍ଦେଶକ କାହ୍ନୁଚରଣ ସାହୁଙ୍କ ସଂଯୋଜନାରେ କୋଭିଡ୍-୧୯ ନିୟମ ପାଳନ ପୂର୍ବକ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ନୃତ୍ୟଶିଳ୍ପୀ ଶିଖାରାଣୀ ସାହୁ, ମଧୁସ୍ମିତା ସାହୁ ଓ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା ।

# ମଶାଣି ଜମିରେ ପ୍ଲଟିଂ ଆରମ୍ଭ : ପ୍ରତିବାଦରେ ଗ୍ରାମବାସୀଙ୍କ ପକ୍ଷରୁ ତହସଲ କାର୍ଯ୍ୟାଳୟ ଘେରାଉ

ରାଉରକେଲା,୧୬।୧ (ନି.ପ୍ର): ରାଉରକେଲା ନିକଟ ଟାଙ୍ଗରପାଲ୍ଲୀ ଅଂଚଳରେ ଥିବା ମଶାଣି ଜମି ଉପରେ କେତେକ ଜମି ଦଲାଲ ଓ ବିଲ୍ଡର ଆଖି ପକାଇ ସେଗୁଡିକୁ ପ୍ଲଟିଂ କରି ବିକିଚାଲିଥିବାରୁ ପାଖରେ ଥିବା ସମରା ବସ୍ତି ବାସିନ୍ଦା ଏହାର ପ୍ରତିବାଦ କରିବା ସହ ସେମାନେ ଆଜି ଏନେଇ ରାଉରକେଲା ତହସିଲଦାର ଓ ଏଡିଏମଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତହସିଲ କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି ଏବଂ ଘଟଣାକୁ ନେଇ ନିଜର ପକ୍ଷ ରଖିଛନ୍ତି ।

ସେମାନେ କହିଛନ୍ତି ଯେ, ଏହି ବସ୍ତିରେ ସେମାନେ ଦୀର୍ଘ ୭୦ ବର୍ଷ ତଳୁ ନିଜର ବାପା, ଦାଦା ପରଦାଦା ଅମଳରୁ ରହି ଆସୁଛନ୍ତି । ପାଖରେ ଥିବା ମଶାଣିକୁ ମଧ୍ୟ ସେମାନେ ବ୍ୟବହାର କରନ୍ତି । ହେଲେ ୧୯୮୨ ସେଟେଲମେଂଟରେ କିଛି ବାହାର ଲୋକଙ୍କୁ ଏହି ଶ୍ମଶାାନ ଜମିକୁ ପଟ୍ଟା କରିଦିଆଯାଇଥିବାରୁ ସେମାନେ ଦିର୍ଘ ଦିନ ପରେ ସେସବୁ ଶ୍ମସାନ ଜମି ଗୁଡିକୁ ପ୍ଲଟିଂ କରି ବିକିବାରେ ଲାଗିଛନ୍ତି । ଫଳରେ ପ୍ରତିଦିନ ସେଠାରେ ଜେସିବି ଠାରୁ ବଡ ବଡ ଯନ୍ତ୍ରପାତି କାମ କରିବା ଆରମ୍ଭ କରିଛି । ଏନେଇ ସେମାନଙ୍କୁ କହିବା ପରେ ସେମାନେ ଏହାକୁ ଶୁଣିବାକୁ ନାରାଜ । ଅନ୍ୟପକ୍ଷରେ ଆଖପାଖ ଅଂଚଳର ଲୋକଙ୍କ କହିବା କଥା ଏହା ଖେଳପଡିଆ ଓ ଶ୍ମଶାନ ଥିଲା,ଏହା କିଭଳି ୧୯୮୨ ସେଟେଲମେଂଟରେ ପଟ୍ଟା ହେଲା ? ରାଉରକେଲା ମହାନଗର ନିଗମ ହୋଇ ସେ ଅଂଚଳ ଏଥିରେ ସାମିଲ ହେଲାପରେ ସମ୍ପୃକ୍ତ ଯାଗା ଗୁଡିକ ବହୁ ମୂଲ୍ୟରେ ବିକ୍ରୀ ଚାଲିଛି । ତେଣୁ ବସ୍ତି ବାସୀ ମାନେ ଏନେଇ ଆଜି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଅଂଚଳରେ କିଛି ଦଲାଲ୍ ଆଦିବାସୀ ଜମି ଗୁଡିକୁ କିଛି ପୁଲିସ, କିଛି ତହସିଲ କର୍ମଚାରୀ ମାନଙ୍କ ସହାୟତାରେ ନାଲି ଆଖି ଓ ନିଶା ଖୁଆଇ ଲୁଟିବା ସହ ଏହିଭଳି କାଗଜ ପତ୍ର କରାଇନେଇ ଚାଲିଥିବାର ଖବର ମିଳିଛି । ନିକଟରେ ଜଣେ ବୃଦ୍ଧାଙ୍କୁ ଏହି ଅଂଚଳରୁ ଉଠାଇ ଆଣି ସିଭିଲ୍ ଟାଉନରେ ଏକ ଘରେ ରଖି ତାଙ୍କର ଜମି ଗୁଡିକୁ ଲେଖାଇ ନେଇଥିଲେ । ସେ ନିକଟସ୍ଥ ଫାଣ୍ଡିକୁ ଜିବାରୁ ପୋଲିସ ତାଙ୍କୁ ଘଉଡାଇ ଦେଇଥିଲା । ପରେ ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇବା ପରେ ଏସଡିପିଓ ପାନପୋଷଙ୍କ ସହାୟତାରେ ବୃଦ୍ଧା ଜଣଙ୍କୁ ନ୍ୟାୟ ମିଳିଥିଲା । ଖାଲି ଏହି ଅଂଚଳ ନୁହେଁ ରାଉରକେଲାରୁ ଲାଠିକଟା ଯାଏ ବର୍ତମାନ ଆଦିବାସୀ ମାନଙ୍କ ଜମି ଉପରେ ଏବେ ଜମି ଦଲାଲ ଓ ବିଲ୍ଡର ମାନଙ୍କ ଆଖି ପଡିଛି । ସାରନଗରୀ ଆଖପାଖରେ ମଧ୍ୟ ଅନୁରୂପ ଭାବେ କିଛି ପ୍ରଭାବଶାଳି ଲୋକ ଆଦିବାସୀଙ୍କ ଜମିକୁ ଦଖଲ କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛନ୍ତି । ରାଉରକେଲାରେ ନିକଟରେ ଏକ ବଡ ସରକାରୀ ଜମିକୁ ଯେଉଁଭଳି ଭାବେ ପୂର୍ବତନ ତହସିଲଦାର ମନଇଚ୍ଛା ଜଣକୁ ଦେଇ ଦେଇ ପଟ୍ଟା କରିଥିଲେ ଏହା ମଧ୍ୟ ସେହିଭଳି ପଟ୍ଟା ହୋଇଥାଇପାରେ ବୋଲି ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଯଦି ବସ୍ତି ବାସିନ୍ଦାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ ନକରେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର୍ କରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଜାନୁଆରୀ, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୧୧

(ପୂର୍ବପ୍ରକାଶିତ ଉତ୍ତାରୁ...)

ମୋର ଦଶବର୍ଷ ବୟସରେ ୧୮୯୭ ମସିହାରେ ମୁଁ ଆଗଲପୁର ସ୍କୁଲରୁ ଉଚ୍ଚ ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି। ଉଚ୍ଚ ଶିକ୍ଷା ସକାଶେ ବଲାଙ୍ଗିରକୁ ଯିବା ଇଚ୍ଛା ପ୍ରବଳ ଥିଲା। କିନ୍ତୁ ପିତା ଥିଲେ ଗରିବ, ବଲାଙ୍ଗିରର ଖର୍ଚ୍ଚ ଯୋଗାଇବାରେ ନିତାନ୍ତ ଅସମର୍ଥ। ପୁଣି କିଛିଦିନ ପୂର୍ବେ ମୋର ଅଠର ବର୍ଷ ବୟସ୍କ ଜ୍ୟେଷ୍ଠଭ୍ରାତାଙ୍କ ବିୟୋଗ ହୋଇଯାଇଥିଲା। ତେଣୁ ପିତା ମୋତେ ଛାଡ଼ିଲେ ନାହିଁ। ପଢ଼ାପଢ଼ି ବନ୍ଦକରି ବର୍ଷେକାଳ ଘରେ ରହିଗଲି। ୧୮୯୮ ମସିହା ମାର୍ଚ୍ଚ ମାସରେ ଡେପୁଟି ଇନ୍‌ସପେକ୍ଟର କନିଟ୍‌କର୍ ମହୋଦୟ ଆଗଲପୁରକୁ ଆସି ମୋତେ ଓ ମୋ ପିତାଙ୍କୁ ଡକାଇଲେ ଏବଂ ମୋତେ ବଲାଙ୍ଗିରକୁ ଉଚ୍ଚଶିକ୍ଷା ସକାଶେ ଶୀଘ୍ର ପଠାଇଦେବାକୁ ପିତାଙ୍କୁ କହିଲେ। କିନ୍ତୁ ପିତା ମୋ ଶିକ୍ଷାର ବ୍ୟୟଭାର ବହନ ସକାଶେ ଅସାମର୍ଥ୍ୟ ପ୍ରକାଶ କଲେ। କନିଟକର ମହୋଦୟ କିନ୍ତୁ ମୁଁ କୌଣସି ପ୍ରକାରେ ଗଲେ ମୋ ଖର୍ଚ୍ଚର ବ୍ୟବସ୍ଥା କରିଦେବେ ବୋଲି କେତେ ଉତ୍ସାହପୂର୍ଣ୍ଣ କଥା କହିଲେ। ଶୂନ୍ୟହସ୍ତରେ ମୁଁ ବଲାଙ୍ଗିର ଚାଲିଗଲି। ସେଠାରେ ଉପସ୍ଥିତ ହୋଇ ଶୁଣିଲି କନିଟକର ମହୋଦୟ ଗସ୍ତରେ ଅଛନ୍ତି। ମଧ୍ୟ ଇଂରାଜୀ ସ୍କୁଲର ଛାତ୍ର ଆମ୍ଭ ଗ୍ରାମର ମହାଦେବ ଗୁରୁଙ୍କ ସହାୟତାରେ ହେଡମାଷ୍ଟର ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ସହିତ ସାକ୍ଷାତ କଲି। ସେ ମୋତେ ପରୀକ୍ଷା କଲେ ଓ ମୋ ଅବସ୍ଥା ବିଷୟ ଜ୍ଞାତ ହୋଇ ମାସିକ ଦେଢ଼ ଟଙ୍କା ଲେଖାଁଏ ସାହାଯ୍ୟର ବ୍ୟବସ୍ଥା କରିଦେଲେ, ଯେହେତୁ ସାଧାରଣ ବୃତ୍ତି ଖାଲି ନଥିଲା। ସେହି ସମୟରେ ଛାତ୍ରବୃତ୍ତିର ପରିମାଣ ଥିଲା ଅଢ଼େଇଟଙ୍କା। ଦେଢ଼ ଟଙ୍କା ମଧ୍ୟ ଦଶବର୍ଷ ବୟସ୍କ ଦରିଦ୍ର ବାଳକ ସକାଶେ ଯଥେଷ୍ଟ ଥିଲା। ସମସ୍ତ ଜନିଷ ଶସ୍ତା। ଟଙ୍କାକୁ ଚାଉଳ ଦୁଇଖଣ୍ଡି (ଏକ ମହଣ) ଏବଂ ଏହି ଅନୁପାତରେ ଅନ୍ୟାନ୍ୟ ଜିନିଷର ମୂଲ୍ୟ।

ସ୍କୁଲରେ ନାମ ଲେଖାଇ ପଢ଼ାରେ ମନୋନିବେଶ କଲି। ମଧ୍ୟଇଂରେଜୀ ସ୍କୁଲରେ ଥିଲା ଚାରିଶ୍ରେଣୀ। ପ୍ରଥମ ଶ୍ରେଣୀର ଖଣ୍ଡେ ଇଂରେଜୀ ପ୍ରାଇମାର ଓ ଏହାଛଡ଼ା ଓଡ଼ିଆ ସାହିତ୍ୟ ଓ ଗଣିତ। ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଭାଗ ରିଡର ଓ ପ୍ରଥମ ଶ୍ରେଣୀ ତୁଲ୍ୟ ସାହିତ୍ୟ ଓ ଗଣିତ। ତୃତୀୟ ଶ୍ରେଣୀର ଦ୍ୱିତୀୟ ଭାଗ ଇଂରାଜୀ ରିଡର, ପ୍ରାଥମିକ ଇଂରେଜୀ ବ୍ୟାକରଣ, ଓଡ଼ିଆ ସାହିତ୍ୟ ଓ ଗଣିତ। ଏହି ଶ୍ରେଣୀରେ ବୀଜଗଣିତ ଓ ଜ୍ୟାମିତି ଆରମ୍ଭ ହେଲା। ଚତୁର୍ଥ ଶ୍ରେଣୀରେ ବୀଜଗଣିତରୁ କେତେକାଂଶ, ଜ୍ୟାମିତି ପ୍ରଥମ ପୁସ୍ତକ, ଓଡ଼ିଆ ସାହିତ୍ୟ, ଇଂରେଜୀ ତୃତୀୟ ଭାଗ ରିଡର ଓ ବ୍ୟାକରଣ, ଭୂଗୋଳ ଓ ପ୍ରାଥମିକ ବିଜ୍ଞାନ ପଢ଼ା ହେଉଥିଲା। ଓଡ଼ିଆ ସାହିତ୍ୟ ଉଚ୍ଚସ୍ତରର। ତୃତୀୟ ଶ୍ରେଣୀରେ ମଧୁସୂଦନ ରାଓଙ୍କ ପ୍ରବନ୍ଧମାଳା ଓ ଚତୁର୍ଥ ଶ୍ରେଣୀରେ ବିଚ୍ଛନ୍ଦ ପଟ୍ଟନାୟକଙ୍କ ରଘୁବଂଶ, ନିମାଇବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ ସର୍ବସାର ବ୍ୟାକରଣ ପଠିତ ହେଉଥିଲା। ଓଡ଼ିଆ ସାହିତ୍ୟ ଛଡ଼ା ଶିକ୍ଷାର ମାଧ୍ୟମ ଥିଲା ସମସ୍ତ ବିଷୟରେ ଇଂରେଜୀନ୍ତ ସୁତରାଂ ସେହି ସମୟର ମଧ୍ୟପ୍ରଦେଶର ମଧ୍ୟଇଂରାଜୀ ସ୍କୁଲର ଶିକ୍ଷା ଆଧୁନିକ ମଧ୍ୟଇଂରାଜୀ ଶିକ୍ଷା ଅପେକ୍ଷା ଉଚ୍ଚତର ଥିଲା। ଆଜିକାଲି ମଧ୍ୟଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ନିଆହୋଇ ମେଟ୍ରିକ୍ୟୁଲେଶନ୍ ପାଇଁ ଚାରିବର୍ଷ ରହିବାକୁ ହେଉଅଛି। ସେହି ସମୟରେ ମଧ୍ୟପ୍ରଦେଶ ମଧ୍ୟ ଇଂରେଜୀ ପରୀକ୍ଷା ପରେ ଛାତ୍ରକୁ ଆଧୁନିକ ଦଶମ ଶ୍ରେଣୀରେ ନିଆ ହୋଇ ଦୁଇବର୍ଷରେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ୍ ହେଉଥିଲା।

ବଲାଙ୍ଗିର ସ୍କୁଲରେ ଛାତ୍ରମାନଙ୍କୁ ଅତି ଅଳ୍ପ ହାରରେ ବେତନ ଦେବାକୁ ହେଉଥିଲା। କାହାକୁ ଅଣାଏ, କାହାକୁ ଅର୍ଥାତ ଧନୀ ପିଲାଙ୍କୁ ଦୁଇଅଣା। ଅନେକ ପିଲାଙ୍କୁ କିଛି ଦେବାକୁ ହେଉନଥିଲା। ପାଠ୍ୟ ବିଷୟରେ ବାହୁଲ୍ୟ ନଥିବାରୁ ଜଣେ ଶିକ୍ଷକ ସମସ୍ତ ବିଷୟ ପ୍ରତ୍ୟେକ ଶ୍ରେଣୀରେ ପଢ଼ାଉଥିଲେ। ଆଜିକାଲି ତୁଲ୍ୟ ପାଠ୍ୟପୁସ୍ତକ ସମୂହର ଘନଘନ ପରିବର୍ତ୍ତନ ହେଉନଥିଲା। ଖାତାପତ୍ରର ବାହୁଲ୍ୟ ମଧ୍ୟ ନଥିଲା। ପ୍ରଥମ ଶ୍ରେଣୀରେ ଉତ୍ତମ ହସ୍ତାକ୍ଷର ଶିକ୍ଷାପ୍ରତି ବିଶେଷ ଦୃଷ୍ଟି ଦିଆହେଉଥିଲା ଓ ଉତ୍ତମ ହସ୍ତାକ୍ଷର ସକାଶେ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ଥିଲା।

ପ୍ରତି ଶ୍ରେଣୀରେ ଛାତ୍ରମାନଙ୍କ ମଧ୍ୟରେ ପ୍ରତିଯୋଗିତାର ନିୟମ ଥିଲା। ପ୍ରତ୍ୟହ ପ୍ରତି ବିଷୟରେ ଶିକ୍ଷକ ମୌଖିକ ପରୀକ୍ଷା କରନ୍ତି। ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବା ଓ ନପାରିବା ଅନୁସାରେ ଛାତ୍ରମାନଙ୍କ ସ୍ଥାନ ପରିବର୍ତ୍ତନ ହେଉଥାଏ। ଅର୍ଥାତ, ଉପରେ ବସିଥିବା ଛାତ୍ର ଯଦି ପୃଷ୍ଟ ପ୍ରଶ୍ନର ଉତ୍ତର ଦେଇପାରିଲା ନାହିଁ ଓ ତାହାର ତଳେ ଯେଉଁ ସ୍ଥାନରେ ହେଉ ବସିଥିବା ଛାତ୍ର ତାହାର ଉତ୍ତର ଦେଲା, ତାହାହେଲେ ସେ ଉପରକୁ ଉଠିଯାଇ ତାହାର ସ୍ଥାନ ଅଧିକାର କରେ ଏବଂ ପରୀକ୍ଷା ଉତ୍ତାରେ ଶେଷରେ ବସିଥିବା ଛାତ୍ରକୁ ୧ ମାର୍କ ଓ କ୍ରମାନ୍ୱୟରେ ଉପରକୁ ଉପରକୁ ଛାତ୍ରମାନଙ୍କୁ ମାର୍କ ଦିଆହୁଏ। ମାସଶେଷରେ ପ୍ରତ୍ୟେକ ଛାତ୍ରଙ୍କ ମାର୍କ ସବୁ ମିଶାଯାଇ ଯେଉଁ ଛାତ୍ର ଯେତେ ମାର୍କ ପାଇଥାଏ ସେହି ଅନୁସାରେ ପରବର୍ତ୍ତୀ ମାସରେ ଶ୍ରେଣୀର ରେଜିଷ୍ଟରରେ ତାହାର ନାମ ଲେଖାଯାଏ। ଏହି ନିୟମ ଛାତ୍ରମାନଙ୍କୁ ଆତ୍ମନିର୍ଭରଶୀଳତା ଶିକ୍ଷା ଦେଉଥିଲା। ଆଜିକାଲି ତୁଲ୍ୟ ଘରୋଇଶିକ୍ଷାର ଆବଶ୍ୟକ ହେଉନଥିଲା। ପ୍ରକୃତରେ 'ଘରୋଇ ଶିକ୍ଷକ' ନାମ ପର୍ଯ୍ୟନ୍ତ ଶୁଣାନଥିଲା।

ମଫସଲ ପିଲାଙ୍କ ରହିବା ସକାଶେ ସୁବିନ୍ୟସ୍ତ ଛାତ୍ରାବାସର ବ୍ୟବସ୍ଥା ଥିଲା। କିନ୍ତୁ ଆଜିକାଲି ପରି ମେସ୍ ଜଣାନଥିଲା। ପିଲାମାନେ ସମସ୍ତେ ନିଜ ହାତରେ ରୋଷେଇ କରୁଥିଲେ। ବାସନ ମାଜିବା ସୁଦ୍ଧା ନିଜ ହାତରେ। କେବଳ ଜଣେ ଗଉଡୁଣୀ ସମସ୍ତଙ୍କ ସକାଶେ ନିକଟବର୍ତ୍ତୀ 'ବନ୍ଧ'ରୁ ପାଣି ଆଣିଦିଏ। ଗୌନ୍ତିୟା ଓ ଧନବାନ୍ ବ୍ୟକ୍ତିଙ୍କ ପୁତ୍ରମାନେ ସୁଦ୍ଧା ଏହି ନିୟମ ପାଳନ କରୁଥିଲେ। ଛାତ୍ର ଜୀବନର କଠୋରତା ସହିତ ସନ୍ନ୍ୟାସ ଓ କର୍ତ୍ତବ୍ୟ ପରାୟଣତାର ଚରମ ଉତ୍କର୍ଷ ଏହିଠାରେ ସଂସାଧିତ ହେଉଥିଲା।

ମୁଁ ପ୍ରଥମସ୍ଥାନ ଅଧିକାର କରି ପ୍ରଥମ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀକୁ ଉଠିଲି ଓ ଅଢ଼େଇ ଟଙ୍କାର ଗୋଟିଏ ବୃତ୍ତି ପାଇଲି। ଏଥିରେ ମୋର ଆଉ କୌଣସି ବିଷୟରେ ଅଭାବ ରହିଲା ନାହିଁ। ଦ୍ୱିତୀୟ ଶ୍ରେଣୀରେ ବସିବାର କେତେକଦିନ ଉତ୍ତାରେ ଆମ୍ଭମାନଙ୍କ ଶିକ୍ଷକ ହୋଇ ଆସିଲେ ଶ୍ରୀ ରବିଚନ୍ଦ୍ର ସାଏ। ସେ ଜଣେ ପାଟଣାବାସୀ। ବଲାଙ୍ଗିର ନିକଟସ୍ଥ କନ୍ଧପାଲି ଗ୍ରାମରେ ତାଙ୍କ ଘର। ରବିବାବୁ ପାଟଣାର ପ୍ରଥମ ମେଟ୍ରିକ୍ୟୁଲେଟ୍ ଥିଲେ। ମୁଁ ତାଙ୍କଠାରେ ଦେବତ୍ୱ ଦର୍ଶନ କରୁଥିଲି ଓ ଦିନେ ତାଙ୍କ ପରି ପ୍ରତିଷ୍ଠା ଲାଭ କରିବା ଆଶା ହୃଦୟରେ ପୋଷଣ କରୁଥିଲି। ତାହାଙ୍କ ସ୍ୱଭାବ ଅତ୍ୟନ୍ତ ଅମାୟିକ। ଛାତ୍ରମାନଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ଓ ଛାତ୍ରମାନେ ସୁଦ୍ଧା ତାହାଙ୍କୁ ଭକ୍ତି କରୁଥିଲେ। ସେହି ସମୟର ଶିକ୍ଷାଳୟ ସମୂହର ବିଶେଷତ୍ୱ ଏହି ଥିଲା ଯେ, ଛାତ୍ରମାନେ ଶିକ୍ଷକଙ୍କୁ ଭୟ ଓ ଭକ୍ତି କରୁଥିଲେ। ଉଭୟଙ୍କ ମଧ୍ୟରେ ପିତା ପୁତ୍ରର ସମ୍ପର୍କ ବିଦ୍ୟମାନ ଥିଲା। କୌଣସି ଛାତ୍ର କେବେହେଲେ ଶିକ୍ଷକଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁନଥିଲା। ଶିକ୍ଷକଙ୍କ ସମ୍ବନ୍ଧରେ ପ୍ରତିକୂଳ ଭାବ ପୋଷଣ ବା ତାହାଙ୍କ ବିରୁଦ୍ଧରେ ପ୍ରତିକୂଳାଚରଣ ପାପ ବୋଲି ମନେ ହେଉଥିଲା। କାଳର କି ବିଷମ ପରିବର୍ତ୍ତନ ହେଉଅଛି ! କାହିଁ ଆମ୍ଭମାନଙ୍କ ସମୟର ଆଦର୍ଶ, ଆଉ କାହିଁ ଆଧୁନିକ ଛାତ୍ରମାନଙ୍କ ଉଚ୍ଛୃଙ୍ଖଳତା। ଆମ୍ଭମାନଙ୍କର ସମୟ ଥିଲା ଆଜ୍ଞା ପାଳନର; ବର୍ତ୍ତମାନ ହେଲା ଧର୍ମଘଟର ଯୁଗ। ସମସ୍ତେ ଚିନ୍ତା ଓ କାର୍ଯ୍ୟରେ ସ୍ୱାଧୀନତା ଦାବିକଲେ। ଫଳରେ ସମାଜ ଜୀବନ ଶାନ୍ତି ଓ ଶୃଙ୍ଖଳାବିହୀନ ହେଲା।

ଦ୍ୱିତୀୟ ଶ୍ରେଣୀର ପାଠ ଆରମ୍ଭ ହେବା ସମୟରେ ଦୁଇଜଣ ରାଜକୁମାର ଆସି ଶ୍ରେଣୀରେ ଭର୍ତ୍ତି ହେଲେ। ଉଭୟଙ୍କ କର୍ଣ୍ଣରେ କୁଣ୍ଡଳ ଓ କପାଳରେ ସିନ୍ଦୂର ଟିପା। ପ୍ରଥମ ଶ୍ରେଣୀର ପାଠ ଘରେ ଘରେ ପଢ଼ି ଦ୍ୱିତୀୟ ଶ୍ରେଣୀରେ ଭର୍ତ୍ତି ହୋଇଅଛନ୍ତି। ସେହି ସମୟରେ ଯାନବାହନର ବାହୁଲ୍ୟ ନଥିଲା। ବାଇସାଇକେଲ ସୁଦ୍ଧା ଆସିନଥିଲା। ବାହନ କେବଳ ହାତୀ, ଘୋଡ଼ା ବା ଟାଙ୍ଗା। ରାଜକୁମାରଦ୍ୱୟ ନରବାହନରେ ସ୍କୁଲକୁ ଆସନ୍ତି। ଜଣେ ଲେଖାଁଏ ଚାକର କାନ୍ଧରେ ବସାଇ ପ୍ରତ୍ୟହ ସେମାନଙ୍କୁ ସ୍କୁଲ ବାରଣ୍ଡାରେ ଓହ୍ଲାଇ ଦେଇଯା'ନ୍ତି। ରାଜକୁମାରଦ୍ୱୟ ହତଭାଗା ଭୃତ୍ୟର ସ୍କନ୍ଧ ଦେଶରେ ଯେ କେବଳ ଆରୋହଣ କରିଥାନ୍ତି ତାହା ନୁହେଁ, ଆସୁଥିବା ବାଟରେ ଆରୋହୀଦ୍ୱୟ ସେମାନଙ୍କ କର୍ଣ୍ଣମୂଳର ଓ ସମ୍ମୁଖର ଦୀର୍ଘକେଶ ଆକର୍ଷଣ ପୂର୍ବକ ତାକୁ ଯନ୍ତ୍ରଣା ଦେଉଥାନ୍ତି ଓ ମୁହଁରେ 'ଖଡ଼ବଟ୍ ! ଖଡ଼ବଟ୍' ଶବ୍ଦ ଉଚ୍ଚାରଣ କରି ସେମାନଙ୍କୁ ଦୌଡ଼ାଇ ଅଶ୍ୱାରୋହଣ ସୁଖ ଉପଭୋଗ କରୁଥାନ୍ତି। ଦିନେ ଜଣେ ରାଜକୁମାରଙ୍କୁ ଓହ୍ଲାଇ ଦେଉଥିବା ସମୟରେ ଦେଖିଲି ନର-ଅଶ୍ୱର ଚକ୍ଷୁଦ୍ୱୟରୁ ଅବିଶ୍ରାନ୍ତ ଅଶ୍ରୁଧାରା ନିର୍ଗତ ହେଉଅଛି। ଆଉଦିନେ ଜଣେ ରାଜକୁମାରଙ୍କ ହସ୍ତରେ ଜଖମ ଓ ଗୋଡ଼ରେ ପଟ୍ଟି ବନ୍ଧା ହୋଇଛି। ପଚାରି ବୁଝିଲି, ଭୃତ୍ୟଟି ତାହାଙ୍କୁ ବାଟରେ କଚାଡ଼ି ଦେଇଛି ଓ ସେ ସେହି କାର୍ଯ୍ୟରୁ ଅବ୍ୟାହତି ପାଇଛି। (କ୍ରମଶଃ)




## ଡାଏରୀ -୪୮

ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



## ।। ମଙ୍ଗୁ ।।

ଘର ଭିତରେ ଅସମ୍ଭବ ନିରବତା । ମାଇଁ କାନ୍ଦୁକୁ ଆଉଜି ମନଦୁଃଖରେ ବସିଥାନ୍ତି ଡ୍ରଇଂରୁମ୍‌ରେ । ହରଦମ୍ ଟି.ଭି ସାମ୍ନାରେ ବସିଥାନ୍ତି, ସେଦିନ କିନ୍ତୁ ଟି.ଭି ଅଫ୍ । ମାମୁ ଅଫିସ୍‌ରେ, ଦୁଇ ଭାଇନା ମଧ ଅଫିସ୍‌ରେ, ଘରେ ସାନ ଦୁଇଭଉଣୀ, ନିଜ ଷ୍ଟଡି ରୁମ୍‌ରେ ମୁହଁ ପୋତି ବସିଥାନ୍ତି । ରଜନୀ ଦାଶର ଆଗମନରେ ବି' କାହାର କିଛି ପ୍ରତିକ୍ରିୟା ନାହିଁ ।

ଆଶ୍ଚର୍ଯ୍ୟ ହେଲା ରଜନୀ ଦାଶ ମାମୁଘରେ ଏ ଅସ୍ୱାଭାବିକ ଆଚରଣ ପାଇଁ । କିଛି ଦୁର୍ଘଟଣା ଘଟିନି ତ ! ଅବଶ୍ୟ ମାମୁଙ୍କ ଘରେ ଅଧିକାଂଶ ନିରବତାର କାରଣ ମାଇଁ । ଉଚ୍ଚସ୍ୱରରେ କମାଣ୍ଡିଂ ସ୍ୱରରେ ସବୁବେଳେ କିଛି ନା କିଛି ଗାଳି ବର୍ଷଣ କରୁଥିବେ । ସେଥିରୁ ଘରର କୌଣସି ସଦସ୍ୟ ବି ମୁକ୍ତି ପାଇବା ମୁସ୍କିଲ । କିଛି କାମ ନଥିଲେ କ୍ୱାଟର ସାମ୍ନା ଦୋକାନୀ ଓ ବସ୍ତିର ଲୋକମାନଙ୍କ ଉପରେ ହାକିମାତି ଜାହିର କରିବା ଏକ ନିୟମିତ ଅଭ୍ୟାସ ତାଙ୍କର । ରଜନୀ ଦାଶ ମାଇଁଙ୍କ ସେଂଟିମେଂଟ ସହ ପରିଚିତ । ପହଞ୍ଚୁ ପହଞ୍ଚୁ ତାଙ୍କ ଦେହ କଥା ଓ ଅନ୍ୟ କୁଶଳ ସମାଚାର ପଚାରିଦିଏ । ଆଉ ମାଇଁ ତାଙ୍କର ଅଭିମାନ ବ୍ୟଞ୍ଜକ ସ୍ୱରରେ ମାମୁ ଓ ପୁଅ ଝିଅଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ଚାଲନ୍ତି ।

ତଥାପି ବି ମାମୁଙ୍କ ସଂସାର ଚାଲିଥାଏ ଠିକ୍‌ଠାକ୍ । ସଂଜବେଳକୁ ଓଡ଼ିଶୀ ସଂଗୀତର ମୂର୍ଚ୍ଛନା ଭାସିଆସେ ଆଉ ନୁପୁରର ଧ୍ୱନି । ଦୁଇଭଉଣୀ ଓଡ଼ିଶୀ ନୃତ୍ୟାଙ୍ଗନୀ । କମ୍ ଦିନରେ ବେଶ୍ ପ୍ରତିଷ୍ଠା ଲାଭ କରିସାରିଛନ୍ତି । ଗୁରୁ ଗଂଗାଧର ପ୍ରଧାନ ସେମାନଙ୍କର ନୃତ୍ୟ ଶିକ୍ଷକ । ମୋଟାମୋଟି ସଂଜର ମାହୋଲ ମାମୁଘରେ ଏକ ନିଆରା ପରିବେଶ ସୃଷ୍ଟି କରେ ।

ସେଦିନ ବାଣୀବିହାରରୁ ଫେରିବା ବାଟରେ ମାମୁଙ୍କର କ୍ୱାଟର ଦିଗକୁ ସ୍କୁଟର ଗଡ଼ିଲା । କିନ୍ତୁ ଏମିତି ଗୋଟେ ଅସ୍ୱାଭାବିକ ପରିସ୍ଥିତିର ସାମ୍‌ନା କରିବାକୁ ପ୍ରସ୍ତୁତ ନଥିଲା ରଜନୀ ଦାଶ । ମାଇଁଙ୍କୁ ସାହାସ ସଂଚୟ କରି ପଚାରିଲା "କଣ ହୋଇଛି ମାଇଁ ! ଆପଣ ଦୁଃଖୀ ଜଣାପଡୁଛନ୍ତି । କେହି କିଛି କହିଲା କି ? (ମାଇଁଙ୍କୁ କହିବାର ସାହାସ କାହାର ଯଦିଓ ନଥାଏ) ମାଇଁ କାନ୍ଦ କାନ୍ଦ କଂଠରେ କହିଲେ, "ଜଣିଛୁ କାଲିଠୁ ମଙ୍ଗୁ ଘରକୁ ଆସିନି । ଆମେ ସମସ୍ତେ ଟେନ୍‌ସନ୍‌ରେ । ରୋଷେଇବାସ ବନ୍ଦ ।"

ରଜନୀ ଦାଶ ଗୋଲକ ଧନ୍ଦାରେ ପଡ଼ିଗଲା । ଇଏ ମଙ୍ଗୁଟି ପୁଣି କିଏ ? ଯାହା ପାଇଁ ଘରଟା ସାରା ନିରବ ! ଫୁଲ୍ ଟେସ୍‌ସନ୍‌ରେ ! ଅଥଚ ମଙ୍ଗୁ ସଂପର୍କରେ ଅତିରିକ୍ତ ପ୍ରଶ୍ନ ପୁଣି ମାଇଁଙ୍କ ମୁଡ୍‌କୁ ବିଗାଡ଼ି ଦେଇପାରେ । ନିରବ ରହିଲା । ସାନଭଉଣୀଙ୍କୁ ଠାରି ପଚାରିଲେ ବି' ଦୁହେଁ ନିରବ ମାଇଁଙ୍କ ଭୟରେ ।

ଏ ମଂଗୁଟି କିଏ ? ଯେତେ ବଂଧୁବାନ୍ଧବ ସଂପର୍କୀୟ ସମସ୍ତଙ୍କ ନା ମନେ ପକାଇଲା ରଜନୀ ଦାଶ । ସେମିତି କେହି ମଂଗୁ ନାମଧାରୀ ବ୍ୟକ୍ତି ଥିବାର ମନେ ପଡିଲାନି ।

କିଏ ହେଇପାରେ ମଂଗୁ ?

ମାଇଁ କହିଲେ "ବୁଝିଲୁ ! ସୋଫାରେ ବସି ଟି.ଭି ଦେଖୁଥିବ । କୁଆଡ଼େ ଯିବନି । ହେଲେ..." ମାଇଁ କାନ୍ଦି ପକାଇବା ଅବସ୍ଥାରେ । ମଙ୍ଗୁ ସୋଫାରେ ବସି ଟି.ଭି ! ପୁଣି ଚିନ୍ତାରେ ପଡ଼ିଗଲା ରଜନୀ ଦାଶ ।

ମାମୁଙ୍କ ଫୋନ୍ ଆସିଲା ଅଫିସରୁ "ମଙ୍ଗୁ ଘରକୁ ଆସିଲା କି ନାହିଁ ? ସାନଭଉଣୀ କହିଲା "ନାଇଁ ବାବା ! ରଥ ଅଙ୍କଲ (ପଡ଼ୋଶୀ) ଶେଷଥର ପାଇଁ ମଙ୍ଗୁଙ୍କୁ ଅଗ୍ରୱାଲ ଅଙ୍କଲଙ୍କ ଫ୍ଲାଟରେ ଦେଖିଥିବା କଥା କହୁଥିଲେ ।"

ରଜନୀ ଦାଶର ମୁଣ୍ଡ କିଛି କାମ କରିଲାନି । ସ୍କୁଟର ଷ୍ଟାର୍ଟ କରି ଫେର ଆସିଥିଲା ।

ରାତିସାରା ଘରେ ବି ମନେ ପକାଇବାକୁ ଚେଷ୍ଟା କଲା ଏ ମଂଗୁଟି କିଏ ?

ତା' ପରଦିନ ପୁଣି ନିର୍ଦ୍ଦିଷ୍ଟ ସମୟରେ ମାମୁଘରେ ହାଜର ହୋଇଗଲା ରଜନୀ ଦାଶ । ମଂଗୁ ବିଷୟ ଜାଣିବା ଆଶାରେ । ସେଦିନ କିନ୍ତୁ ପରିସ୍ଥିତି ସଂପୂର୍ଣ୍ଣ ଓଲଟା । ଗାଡ଼ି ରଖୁ ରଖୁ ମାଇଁଙ୍କ ଆଦର ଛିଟ୍‌କି ପଡ଼ିଲା । କାହିଁକି ପତ୍ନୀକୁ ସାଥିରେ ନଆଣି ଏକା ଚାଲିଆସୁଛ ? ରଜନୀ ଦାଶ ପଚାରିଲା "ମାଇଁ ମଂଗୁର କିଛି ଖବର ମିଳିଲା ? ମାଇଁ କହିଲେ, "ମୁଁ ଜାଣିଥିଲି ମୋ ମଂଗୁ ମୋତେ କୁଆଡ଼େ ଛାଡ଼ି ଯିବନି । ତୋ ମାମୁ ଅଯଥାରେ ବ୍ୟସ୍ତ ହେଉଥିଲେ ନା । ସକାଳୁ ସକାଳୁ ଆସି ହାଜର ହୋଇଗଲା । ଦେଖୁନୁ ସୋଫାରେ ବସି କେମିତି ଟି.ଭି ଦେଖୁଛି ।"

ରଜନୀ ଦାଶ ଗୋଟେ ଡିଆଁରେ ଡ୍ରଇଁ ରୁମ୍‌ରେ ହାଜର ହୋଇଗଲା । ସୋଫାରେ ଥିଲା ଗୋଟେ ଅପରଛନିଆ ବିଲେଇ । 'ଶଃ' କହି ତା ତଂଟିଟାକୁ ଧରି ପକାଇବାକୁ ଇଚ୍ଛା ହେଉଥିଲା । ମାଇଁ ମଙ୍ଗୁର ଗୁଣଗ୍ରାମ ବଖାଣିବାକୁ ଆରମ୍ଭ କରିଦେଇଥିଲେ । ରଜନୀ ଦାଶ ହସିବ କି କାନ୍ଦିବ ବୁଝି ପାରୁନଥିଲା । ମଙ୍ଗୁ ରଜନୀ ଦାଶକୁ ବେଖାତିର ଲୁକ୍‌ଟିଏ ଫଙ୍ଗିଲା ।

କବିତା.... ଆମ ସମୟର

## ।। କାନ୍‌ଭାସ୍‌ରେ ମୋନା ।।

ଫନୀ ମହାନ୍ତି



ପୁଷ୍ପଧନୁ, ବମିଖାଲ,
ଭୁବନେଶ୍ୱର-୭୫୧୦୧୦

କାଠ ଚଂପା ନୁହଁ ଅସରା ଅସରା
ଗୋଗୋଛ ବର୍ଷାମାଡ଼ରେ ଅଣାୟତ
ହୋଇବି ଫୁଟିଛି ପେଂଥାଏ
ଫୁଲ ମାଳତି ଲତାରେ
ଯେମିତି ନୀଳ ଅପରାଜିତାର ବର୍ଣ୍ଣବିଭା
ପରି ସୂର୍ଯ୍ୟାସ୍ତରେ ଝଲମଲ ମୋ ମୋନାର
ଚୂର୍ଣ୍ଣ କୁଂତଳ ଚିକ୍କଣ ଚିବୁକ
ରାଜହଂସୀ ଗ୍ରୀବା ଓ ଅଣଅଦୃଶ୍ୟ ସ୍ଫୀତ
ଓଠ ଧାରେ ଗାରେ
ଫିକା ସ୍ମିତ ହସ ।

ଯେମିତି ରିରଂସାରେ ମହୋଦ୍ଧତ
କୃଷ୍ଣନୀଳ ବେହିସାବ ଶଠ ଭ୍ରମର
ଯେମିତି ଅଭାବଭାବରେ
ଭାବଭୋଳ ଗୋଟେ ପ୍ରାଗ୍-ଐତିହାସିକ
ନିରବତାରେ ମୃଣ୍ମୟୀ ସାଗର
ଆହାଃ, ସତେ କି ଗୋଟିଏ ଚାଉଳେ ଗଢ଼ା
ମୋନା ମୋର, ହରିଣ୍ମୟ ମୋନା...

ମୋନା, ଏବେ କେତେ ବୟସ ତମର ?
କାହାକୁ ଅପେକ୍ଷା ତମର ?
କେହି ଆସିବାର ନାହିଁ
କାହାର ଯିବାର ବି' ନାହିଁ
କାଳ ପରି ମହାକାଳ କ୍ରୁର ଭୀଷଣ ନିଷ୍ଠୁର
ପୋଡ଼ା ଭାଗ୍ୟ ତମର ମୋର
ଆମ ଦୁହିଂକର ।

ପ୍ରଥମ ମିଳନ ପର୍ବରେ ପ୍ରଥମ ବିରହ
ଲଗ୍ନରେ ପ୍ରଥମ ଓ ଶେଷ ସ୍ପର୍ଶର ମଧୁରିମାରେ
ଯେମିତି ମୂକ ଦର୍ଶକ ଥିଲ
ସେମିତି ମହାନଂଦେ ଥାଅ
ପାପୁଲିଏ ଟଳମଟଳ ଜଳବିଂଦୁ ପରି
ବିସ୍ମୃତିର ହରିଦ୍ରା ରଂଗର କନ୍‌ଭାସ୍‌ରେ
ହିରଣ୍ମୟ ମୋନା, ଅଭୁଲା ମୋନା ମୋର ।।

## ।। ଆଖି ।।

ଅକ୍ଷୟ ପାତ୍ର



ଅଧ୍ୟାପକ:
ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା, ଢେଙ୍କାନାଳ-୨୦
ମୋ-୮୮୯୫୮୮୪୯୬୦

ଅନ୍ଧାରର ସୁବିନ୍ୟସ୍ତ ବ୍ୟାପ୍ତିକୁ ଫେଇ
ଅଦୃଷ୍ଟ ସେପାରିକୁ
ନିରେଖିବାର ଜଳାକବାଟି
ଆଖି ।।

ଆଲୁଅର ଉଦ୍ଧତ ଦୀପ୍ତିକୁ ଏଡ଼ି
ପଲକପାତର ଅନ୍ତରାଳେ ଛପିବସିଥିବା
ଅପଲକ ଅନ୍ଧାରକୁ
ଆପଣାଇବାର ରୀତି
ଆଖି ।।

ଜୀବନ ଓ ସର୍ଜନର
ସ୍ୱପ୍ନ ଓ ସନ୍ଦୀପନର
କେବେ ଛାୟାଘନ କେବେ ସ୍ଫଟିକ ପ୍ରତୀତି
ଆଖି ।।

ଆସକ୍ତି ଓ ସ୍ଫୁର୍ତ୍ତି
ଧୃତି ଓ ସମାଧିର
କେବେ ରହସ୍ୟମୟ କେବେ ଉତ୍‌ଛଳ ସ୍ଫୀତି
ଆଖି ।।

ଶୋକର ନଈଧାର
ଦ୍ରୋହର ଉଦ୍‌ଗାର
ପ୍ରେମର ସମ୍ମୋହକ ଦ୍ୟୁତି
ଆଖି;
ଐହିକ ଥିତି ଓ ପରମାର୍ଥିକ ଜାଗୃତିର
ଅକପଟ ସାକ୍ଷୀ ।।



## ।। ଜେନିଫର୍ ।।

ରାଜେଶ ପୂଜାରୀ



କୁଶମେଲ, କପିଳାପୁର
ପଞ୍ଚଗାଁ, ଝାରସୁଗୁଡ଼ା
ମୋ-୯୭୭୭୨୮୦୫୯୪

ଗାଢ଼ ମୁହଁର ଲାଳିମା
ଖୋଲାକେଶ ନିମନ୍ତ୍ରକ ହସ
ନୀଳଶାଢ଼ୀ ନୀଳଚୁଡ଼ି
ଆଃ...ସେ' ନୀଳପରୀ ବେଶ
ବାସ୍ ଆଉ
ଫେରି ହେଲାନି ତୁମ ପାଖରୁ,

ଜମା ଭଲ ଲାଗୁନଥିବା
ଟିଭି ଚ୍ୟାନେଲ, ସିରିଏଲ୍
ଅଚାନକ୍ ପ୍ରିୟ ପାଲଟିଲେ
ଖୁବ୍ ନିଜର ଲାଗିଲେ
ଅଜଣା ଠିକଣା ଯେତେ

ଭାଗ ବସେଇଲ ସେବେଠାରୁ
ଆଲୁଅ ଅନ୍ଧାର ସ୍ୱପ୍ନ ଭାବନାରେ
ଫୁଟିଲ ମହକିତ ତମାଳ ହେଇ
ମନ ଅଗଣାରେ
ପୃଷ୍ଠାପୃଷ୍ଠା ମାଡ଼ିଲ କବିତା ଖାତାରେ,
ଛନ୍ଦିଲ ବାନ୍ଧିଲ ଚାହାଣୀ ଠାଣି-
ଲୁହକୋହ ରାଗରୁଷା ଅଳି ଅଝଟରେ
ଭୂଇଁରୁ ଆକାଶ ବ୍ୟାପିଲ
ପାଣିରୁ ପବନ ଯାଏଁ ଶୁଭିଲ

ଶିଖେଇଲ କେମିତି ବାନ୍ଧିହୁଏ
ବୁଟୁଡ଼ି ଯାଇଥିବା ଗଣ୍ଠିଲି
ଗଢ଼ିହୁଏ କେମିତି
ଈର୍ଷୁକ ପକ୍ଷୀମାନଙ୍କ ଡେଣା ତଳେ ପୃଥିବୀ
ଅନପେକ୍ଷିତ ଝଡ଼ସବୁକୁ
ଅଫେରାବାଟର ଯାତ୍ରୀ ସଜେଇହୁଏ କେମିତି,

ଜାଣିଲି, ତୁମଠୁ
ସବୁ ସଂପର୍କକୁ ନିକିତିରେ ହୁଏନାହିଁ ତଉଲି
ତ୍ରାହିହେଲି, ବନ୍ଦ କବାଟ ଆଲୟରୁ
ପଶ୍ଚାତାପର ଉଲଗୁଣିରେ
ଓହଳିଥିବା ଆହତ ଚିତ୍ରରେ
ଭିଆଣ ହେଲା ମୁଗ୍ଧ ଋତୁଟେ
ସବୁଜ ଆଶାର ଧୂନ୍'ରେ ଅଂଟାଭଙ୍ଗା ଅତୀତ
ପିନ୍ଧିଲା ପ୍ରତ୍ୟହ ଉତ୍ସବର ବିଶ୍ୱସ୍ତ ପାଉଁଜି

ଆଉ କିଏ ତୁମକୁ
କେବଳ ଅଭିନେତ୍ରୀ ଭାବିପାରେ ଜେନିଫର୍
କିନ୍ତୁ ମୋ ପାଇଁ ତୁମେ ସ୍ୱର୍ଣ୍ଣାଭ ଉତ୍କର୍ଷତାଟେ,
ମଧୁର କୃତଜ୍ଞତାଟେ
କ'ଣ ବା ଦେଇ ପାରିବି ଯେ'
କେବଳ ଶୁଭ ମନାସେ ଦୀପ ଜାଳେ
ବେଳେବେଳେ ମୋ ଭିତରେ ତୁମକୁ ବଞ୍ଚେ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଜାନୁଆରୀ, ୨୦୨୧

## ମନେପଡେ....(୪୮)

# ବାପାଙ୍କ ପ୍ରଥମ ଓ ଶେଷ ଦଣ୍ଡ



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ମୋର ଚତୁର୍ଥ ଶ୍ରେଣୀ ହୋଇଥିଲା । ଗାଁ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲି । ବିଷ୍ଣୁ ସାର ଥିଲେ ଶ୍ରେଣୀ ଶିକ୍ଷକ । ସାରଙ୍କର ମୁଁ ଥିଲି ପ୍ରିୟ ଛାତ୍ର । ଗଣିତ ଥିଲା ମୋର ପ୍ରିୟ ବିଷୟ । ସାର୍ ପ୍ରତିଦିନ ଆମ ଶ୍ରେଣୀରେ ପାଟି ଗଣିତ କଷିବା ପାଇଁ ଦେଉଥିଲେ । ସାରଙ୍କ ଗଣିତ ପ୍ରଶ୍ନ ପାଇଲା ମାତ୍ରେ ମୁଁ ଖୁବ୍ ବ୍ୟଗ୍ର ହେଇପଡୁଥିଲି । ତାର ସମାଧାନ କରି ସାରଙ୍କୁ ପ୍ରଥମେ ଦେଖାଇବା ପାଇଁ । ସାର୍ ପ୍ରତିଦିନ ମୋର ପ୍ରଥମ ଖାତା ଦେଖି ଖୁସି ହେଇ କହୁଥିଲେ, 'ତୁ ଏତେ ତରବର ହେଇ କରୁଛୁ କାହିଁକି ? ସେସବୁକୁ ଆଉ ଥରେ ଦେଖୁନୁ କାହିଁକି ? ଏମିତି ଅଭ୍ୟାସ ରହିଲେ ପରୀକ୍ଷାରେ ଯଦି ଭୁଲ ହେଇଯାଏ ?'

ସାର୍ ଯେତେଥର ମୋତେ ତାଗିଦ୍ କଲେ ବି ମୋର କିଛି ପରିବର୍ତ୍ତନ ହେଉନଥିଲା । ସେଇ ପ୍ରଥମ ହେବାର ନିଶା ମୋର ଶୈଶବ ମନକୁ ଚଂଚଳ କରି ଦେଉଥିଲା ଥରକୁ ଥର । ସାର୍ କିନ୍ତୁ ମୋତେ ଏ ବିଷୟରେ ବାରମ୍ବାର ସଜାଗ ଓ ସତର୍କ କରାଇ ଦେଉଥିଲେ କିନ୍ତୁ ମୋର ଏ ଦିଗରେ ଆଦୌ ବି ଧ୍ୟାନ ରହୁନଥିଲା ।

ବାପା ବେଳେବେଳେ ଆମ ସ୍କୁଲକୁ ଯାଉଥିଲେ । ବିଷ୍ଣୁ ସାର୍ ତାଙ୍କର ପ୍ରିୟ ମଣିଷ । ସେ ତାଙ୍କ ସହ ଗପ ହେଉଥିଲେ ଅନେକ ଥର ପୁରାଣ ଠୁଁ ଆରମ୍ଭ କରି ଗାଁ ରାଜନୀତି ଯାଏଁ ।

ମୋ ଶ୍ରେଣୀରେ ଆମ ସାହିର ବେଙ୍ଗ ଜେଜେଙ୍କ ଝିଅ ସଜନୀ ମୋ ସହ ପଢୁଥିଲା । ପ୍ରକୃତ କଥା ହେଲା ବେଙ୍ଗ ଜେଜେ ଖୁବ୍ ବୁଢା ହେଇଯାଇଥିଲେ । ତାଙ୍କ ପ୍ରଥମ ସ୍ତ୍ରୀ ବିବାହର ଖୁବ୍ କମ୍ ବର୍ଷ ପରେ ମରିଯାଇଥିଲେ । ଜେଜେ କିନ୍ତୁ ଆଉ ଦ୍ୱିତୀୟ ବିବାହ କରିବାକୁ ଚାହୁଁ ନଥିଲେ । ବୟସ ଗଡିଯିବାରୁ ସମସ୍ତେ ତାଙ୍କ ଉପରେ ଚାପ ପକାଇଥିଲେ । ସତ କଥା ହେଲା ସେ ବାହା ନହେଲେ ତାଙ୍କ ବଂଶର କେହି ଉତ୍ତରାଧିକାରୀ ରହିବେ ନାହିଁ ବୋଲି ତାଙ୍କର ନିଜ ଲୋକମାନେ ତାଙ୍କୁ ବୁଝାଇଥିଲେ ।

ଶେଷକୁ ସେ ବିବାହ କରିବାକୁ ରାଜି ହେଇଥିଲେ । କିନ୍ତୁ ତାଙ୍କର ବୟସ ଅଧୀକ ହେଇ ଯାଇଥିବାରୁ କେଉଁଠି ହେଲେ କନ୍ୟା ଠିକ୍ ହେଇ ପାରୁନଥିଲା । ସେତେବେଳେ ଗଂଜାମ ଜିଲ୍ଲାରୁ କିଛି ମଧ୍ୟସ୍ଥି ଆମ ଅଂଚଳକୁ ଆସୁଥିଲେ । ସେମାନେ ଟଙ୍କା ନେଇ ଗଂଜାମୀ ଝିଅ ମାନଙ୍କୁ ବାହାଘର ପାଇଁ ଯୋଗାଇ ଦେଉଥିଲେ । ବେଂଗ ଜେଜେ ସେଇମାନଙ୍କ ମାର୍ଫତରେ କନ୍ୟା ଆଣି ବାହା ହେଇଥିଲେ । ତାଙ୍କର ବଡ ଝିଅ ସଜନୀ ଯିଏ ମୋ ସହ ପଢୁଥିଲା ।

ସେଦିନର ଘଟଣା ଥିଲା ଏମିତି ମୋ ପାଇଁ ଅଶୁଭ । ବିଷ୍ଣୁ ସାର୍ ଶ୍ରେଣୀରେ ଗଣିତ ଦେଇଥିଲେ । ଆମେ ସବୁ ଅଙ୍କ କରୁଥିଲୁ । ତା ଭିତରେ ବାପା ଆସି ବିଷ୍ଣୁ ସାର୍‌ଙ୍କ ପାଖରେ ପହଂଚି ଯାଇଥିଲେ ।

ବାପାଙ୍କୁ ଦେଖି ମୁଁ ଆନମନା ହେଇ ଯାଇଥିଲି । ମୋର ସ୍ୱାଭାବ ମୁତାବକ ତରବର ହେଇ ଶୀଘ୍ର ଗଣିତ ଶେଷ କରି ସାରଙ୍କ ପାଖକୁ ନେଇ ଯାଇଥିଲି କିନ୍ତୁ ମୋର ଦୁର୍ଭାଗ୍ୟକୁ ସେହିଦିନ ମୁଁ ଦୁଇଟି ସାଧାରଣ ଗଣିତ ବ୍ୟସ୍ତତା ଯୋଗୁଁ ଭୁଲ୍ କରି ଦେଇଥିଲି । ମୋ ଖାତାରେ ସାର୍ ବାପାଙ୍କ ସାମ୍ନାରେ ଲାଲ ଛକି ପକାଇ ଦେଇଥିଲେ । ମୋତେ ଲାଗୁଥିଲା ଯେମିତି ମୋ ଛାତିକୁ ସାର୍ ଗୋଟେ ହତିଆରରେ ଦୁଇଫାଳ କରିଦେଇଛନ୍ତି ।

ଠିକ୍ ସେଇ ସମୟରେ ସାର୍‌ଙ୍କୁ ସଜନୀ ବି ତା ଅଙ୍କ ଖାତା ଦେଖାଇଥିଲା ଓ ତା ଅଂକ ସବୁ ଠିକ୍ ଥିଲା । ବାପା ଏପରି ଅପମାନରେ ଜର୍ଜରିତ ହୋଇ ଘରକୁ ଫେରି ଆସିଥିଲେ । ମୁଁ ଜାଣିଥିଲି ମୋର ଗଣିତ ଭୁଲ କରିବା ବାପାଙ୍କୁ ବହୁତ କଷ୍ଟ ଦେଇଛି ।

ସେଦିନ ସନ୍ଧ୍ୟାରେ ବାପା ଗୋଟେ ହଳକରା ପାଂଚଣ ଆଣି ନିର୍ଘାତ ପ୍ରହାର କରିଥିଲେ । ବାପାଙ୍କୁ ବୋଉ, ଜେଜେ, ଜେଜେମାଆ ଯେତେ ବାରଣ କରିଥିଲେ ବି ସେ କିଛି ଶୁଣି ନଥିଲେ । ତାଙ୍କର ଗୋଟେ କଥାଥିଲା, 'ଜାତି ଗୋତ୍ର ନଥିବା ମାଆର ଝିଅ ଅଂକ ନିର୍ଭୁଲ କରୁଛି ଅଥଚ ମୋ ପୁଅ ଅଂକ ଭୁଲ କରୁଛି ।'

ସେଦିନ ବାପା ମୋତେ ବାଡ଼େଇ ବାଡ଼େଇ ଥକି ପଡିଥିଲେ । ମୋ ସର୍ବାଙ୍ଗ ଦେହରୁ ରକ୍ତ ନିଗିଡ଼ି ପଡୁଥିଲା ରାତିରେ ଶୋଇବାକୁ ଗଲାବେଳେ ବୋଉ ମୋ ଦେହରେ ମଲମ ମାରି ଦେଉଥିଲା ବେଳେ ଥପ୍ ଥପ୍ କାନ୍ଦୁଥିଲା । ମୁଁ ବି ଧକେଇ ଧକେଇ କାନ୍ଦୁଥିଲି ।

ବାପା କିନ୍ତୁ ରାତିରେ କିଛି ଖାଇ ନଥିଲେ ଅନୁତାପ ହେତୁ । ସେଥିପାଇଁ ଘରେ ଆଉ କେହିବି ଖାଇ ନଥିଲେ । ସେଇ ରାତିରେ ମୁଁ ବିଛଣାରୁ ଉଠି ଏକା ଏକା ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲି, "ହେ ପ୍ରଭୁ ମୋତେ ବଡ଼ ମଣିଷ କରିଦିଅ ।" ଶପଥ କରିଥିଲି ଆଉ କେବେ ତରବର ହେଇ ଗଣିତ ଭୁଲ କରିବି ନାହିଁ । ତା ପରଠୁଁ ମୁଁ କୋଣସି ଗଣିତ ଆଉ ଭୁଲ କରି ନଥିଲି ପରୀକ୍ଷାରେ । ବାପା ବି ଆଉ କେବେ ମୋତେ ଆଉ ଏମିତି ନିର୍ମମ ଭବେ ମାରି ନଥିଲେ । କିନ୍ତୁ ବାପାଙ୍କ ସେଇ ମାଡ଼ କଥା ଆଜି ବି ମନେ ପଡିଲେ ଆଖିରୁ ମୋର ଲୁହ ଆସିଯାଏ । ପ୍ରକୃତରେ ବାପାଙ୍କ ମଥାକୁ ସେଦିନ ବିଷ୍ଣୁ ସାର୍‌ଙ୍କ ସାମ୍ନାରେ ତଳକୁ କରିଦେଇଥିବା ପାଇଁ ଏବେ ବି ମୁଁ ଅନୁତାପ କରେ ।

## ଧାରାବାହିକ ଉପନ୍ୟାସ

# ନାତି



ଭାଗ-୧୧

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

"ପେନ୍ ହେଲା, ବ୍ଲିଡ଼ିଂ ବି । ତେଣୁ ନେଇ ଆସିଲି ଏଠିକି ଭଲ କରିବା ପାଇଁ । ଏଠି ତାକୁ ଅପରେସନ୍ କରିଦେଲେ । ପୁଅଟିଏ ହେଲା, ତିନିଦିନ ବଂଚି ମରିଗଲା । ଡେଲିଭରୀ ଡେଟ୍ ଆହୁରି ଦେଢ଼ମାସ ବାକି ଥିଲା । ଏମାନେ ଆଞ୍ଚା ଭଲଭାବେ କିଛି ବୁଝନ୍ତି ନାହିଁ । ବୁଝିଲେ ବି ନାହିଁ ।" - ଲୋକଟିର ସ୍ୱରରେ ଯେମିତି ଅଭିଯୋଗମାନ ଭର୍ତ୍ତି ହୋଇ ରହିଥିଲା ।

"ଓଃ, ବନ୍ଦକର, ବନ୍ଦକର !" - ନିରବ ସଂଳାପଟିଏ ତାଙ୍କ ଭିତରେ ଉଚ୍ଚାରିତ ହୋଇଗଲା । ଦୀନନାଥ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଫାଟି ପଡ଼ିଲେ ।

ଆଉ କୌଣସି ବାକ୍ୟ ବିନିମୟ ନ କରି ସେ ହଠାତ୍ ଫେରିଆସିଲେ ଓ.ଟି. ସାମ୍ନାକୁ ଏବଂ ମନେ ମନେ ପ୍ରମାଦ ଗଣିବାକୁ ଲାଗିଲେ । ଏବେ ଶୁଭଦାର କ'ଣ ହେବ ?

ସୁମତି ଯୋଡ଼ ହସ୍ତେ ପ୍ରାର୍ଥନା କଲା ଭଂଗୀରେ ଛିଡ଼ା ହୋଇଛି । ଜ୍ୱାଇଁ ଭବେଶ ନିରବ ପ୍ରତିକ୍ଷା କରୁଛି ଶୁଭଦାର ଶୁଭ ଖବର ଶୁଣିବାପାଇଁ । ଶହେ ଦୁଇ ନମ୍ବର ପ୍ରକୋଷ୍ଠ ସାମ୍ନାରେ ସ୍ଥାଣୁବତ୍ ଛିଡ଼ା ହୋଇଛି ଲୋକଟି, ଯାହାକୁ ଅନେଇବାକୁ ବି ଅଶୁଭ ମଣୁଛନ୍ତି ଦୀନନାଥ ।

ଓ.ଟି. ସାମ୍ନାରୁ ଟିକେ ଅପସରି ଯିବାକୁ ଚାହୁଁଛନ୍ତି ଭବେଶ । ତା' ମନର ବିକଳ ପ୍ରତୀକ୍ଷାକୁ ବାପା (ଶ୍ୱଶୁର)ଙ୍କ ନଜର ଉହାଡ଼କୁ ନେଇ ଯିବାକୁ ଚାହୁଁଛି । ଏଣୁ କରପଟିଆ ପାଦେ ପାଦେ ଆଗେଇ ଯାଉଛି ଲୋକଟି ଆଡ଼କୁ । ଯାହାପ୍ରତି ଏକ ପ୍ରକାର ଏଲର୍ଜି ତିଆରି ହୋଇଗଲାଣି ଦୀନନାଥଙ୍କ ଭିତରେ ।

ଭବେଶ ନିକଟତର ହୋଇଗଲାଣି ଲୋକଟିର । ହୁଏତ ତା' ସହିତ ଲୋକଟି କଥା ଯୋଡ଼ି ଦେଇପାରେ ! ତା'ର ସେହି ଦୁଃଖଦ ଘଟଣାଗୁଡ଼ିକ ଜଣେ ଦରଦୀ ଲୋକ ଭାବି ବଖାଣି ଦେଇପାରେ ! ଶ୍ୱଶୁର ଜ୍ୱାଇଁ ଉଭୟଙ୍କ ମୁଣ୍ଡ ଭିତରେ ମନସ୍ତାତ୍ତ୍ୱିକ ଆଶଂକା ଖେଳେଇ ଦେଇପାରେ ! ଏଣୁ ଭବେଶକୁ ଶୀଘ୍ର ପ୍ରତ୍ୟାହୃତ କରି ଆଣିବାକୁ ହେବ ଭାବି ଦୀନନାଥ ଡାକିଲେ -

"ଭବେଶ ! ଟିକେ ଏଠିକି ଆସ ।"

ସତକୁ ସତ ଭବେଶ ଫେରି ଆସିଲା ଓ.ଟି. ସାମ୍ନାକୁ ।

॥ ୭ ॥

ଏସ୍.ଏନ୍.ସି.ୟୁ. ସାମ୍ନା କୃଷ୍ଣଚୂଡ଼ା ଗଛ ଡାଳରୁ ଡାମରା କାଉଟି କେଉଁଆଡ଼େ ଉଡ଼ିଗଲାଣି, ଆଉ କା-କା ରାବି ଦୀନନାଥଙ୍କୁ ବିବ୍ରତ କରୁନାହିଁ । କିନ୍ତୁ ନର୍ସିଂହୋମ୍‌ର ଯୁବପ୍ରୌଢ଼ ଲୋକଟିର ବ୍ୟଥାତୁର କାହାଣୀ, ସ୍ତ୍ରୀଲୋକଟିର ପେଜୁଆ ପେଜୁଆ ଫୁଲା ଆଖି, ମିଥ୍ୟା କଥା ଉପରେ ବିଶ୍ୱାସ ରଖି ପୁଅକୁ ପ୍ରତୀକ୍ଷା କରିବା ଇତ୍ୟାଦି ଘଟଣା ଦୀନନାଥଙ୍କ ଚେତନାରେ ଗଭୀର ପ୍ରଲେପ ହୋଇ ରହିଯାଇଛି ଯାହା । ପୁନରାୟ ଜୀବନରେ ସେ ଦୁଃଖୀ ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ଆଉ କେବେ ଦେଖାହୋଇ ନ ପାରନ୍ତି । ହେଲେ ସେମାନଙ୍କର ଏ ଦୁଃଖଭରା କାହାଣୀ ଅନ୍ତତଃ ଶେଷ ପର୍ଯ୍ୟନ୍ତ ଦୀନନାଥଙ୍କ ସ୍ମୃତିରେ ଉଜ୍ଜୀବିତ ହୋଇ ରହିଥିବ ।

ଡାକ୍ତରଖାନାର ଏଇ ଅଳିଆ ଅପନ୍ତରା ଭୂଇଁଟି ବିଶାଳ ପୃଥିବୀର ଗୋଟେ ଘା'ପରି ଦିଶୁଛି ଦୀନନାଥଙ୍କୁ, ଆଉ ସେଠି ହାଉଜାଉ ହେଉଥିବା ଲୋକମାନେ ଯେମିତି ସାଲୁବାଲୁ କୃମିସଦୃଶ । ତା' ଭିତରେ ସେ ବି ଗୋଟିଏ କୃମି । ଦୀନନାଥଙ୍କୁ ଏମିତି କାହିଁକି ମନେହେଲା କେଜାଣି ! ଭବେଶ, ଜୀତୁ ଓ ଲିପୁ କେହି ହେଲେ ପାଖରେ ନାହାନ୍ତି । ଭବେଶର ଚେୟାର୍‌ରେ ବସିଥିବା ଲୋକଟି କେଉଁଆଡ଼େ ଉଠିଗଲାଣି । ଦୀନନାଥଙ୍କ ଭାବଗମ୍ଭୀର ମୁହଁକୁ ଦେଖି ଲଣ୍ଡଭଣ୍ଡ ହେଉଥିବା ଲୋକମାନଙ୍କ ଭିତରୁ କେହି ଜଣେ ବି ସେ ଫାଙ୍କା ଚେୟାର୍‌ରେ ବସିବାକୁ ସାହସ କରୁନାହାନ୍ତି । ଅର୍ଦ୍ଧନିମୀଳିତ ଚକ୍ଷୁରେ ଭାବମଗ୍ନ ଥାଇ ପରିସ୍ଥିତି ଏବଂ ପରିବେଶକୁ କ୍ରମେ ହଜମ କରି ନେବାର ପ୍ରୟାସରେ ବସି ରହିଛନ୍ତି ସେ ।

ହଠାତ୍ ନର୍ଦ୍ଦମା କଡ଼ରେ ଦୁଇଚାରୋଟି କୁକୁରଙ୍କର କାମୁଡ଼ାକାମୁଡ଼ି ଶବ୍ଦରେ ସେ ପ୍ରକୃତିସ୍ଥ ହେଲେ । ସେମାନଙ୍କ କାମୁଡ଼ା କାମୁଡ଼ିର ହେତୁଟି କ'ଣ, ଅଚିରେ ତାହା ଦୀନନାଥଙ୍କ ଚକ୍ଷୁ ସାମ୍ନାରେ ଉଦ୍‌ଭାବିତ ହୋଇଗଲା । ଏକ ଅପରିପକ୍ୱ ଶିଶୁକନ୍ୟାର ଦୁଇ କୁନି କୁନି ଗୋଡ଼ । ତଳିପେଟଠାରୁ ଅଲଗା ହୋଇଯାଇଛି । ହୁଏତ ଅପର ଅଂଶ କେଉଁ ବଳୁଆ ପ୍ରତିଦ୍ୱନ୍ଦ୍ୱୀ ଛିନ୍ନ କରି ନେଇଯାଇଛି । ଡାକ୍ତରଖାନା ଡଷ୍ଟବିନ୍‌ରୁ ସନ୍ଧାନ ପାଇ ଏମାନେ ସେଇଟାକୁ ନେଇ ଆସିଛନ୍ତି ! ଭାଗ ବଂଟୁରା ହୋଇପାରୁନାହିଁ । ସେଥିପାଇଁ ଝଗଡ଼ା ଓ କାମୁଡ଼ା କାମୁଡ଼ି ।

ଏ ଦୃଶ୍ୟ ଦେଖି ଏକପ୍ରକାର ଚିର୍‌ଚିରେଇ ଉଠିଲେ ଦୀନନାଥ । ଯୋଗକୁ ଭବେଶ ନାହିଁ କି ପୁତୁରାଦ୍ୱୟ ବି । ଏପରି ବୀଭତ୍ସ ଦୃଶ୍ୟ ସେମାନଙ୍କ ଭିତରେ ହୁଏତ କିଛି ଭିନ୍ନଆତଙ୍କ ଖେଳେଇ ଦେବାପାଇଁ ଯଥେଷ୍ଟ ହୋଇଥାନ୍ତା । ଥୋକେ ଲୋକ ରୁଣ୍ଡ ହୋଇଗଲେ ସେଠି । ଗୋଟିଏ କୁକୁର ମୃତ ଶାବକର ଅର୍ଦ୍ଧେକ ଅଂଶ ଧରି ଡ୍ରେନ୍ ଭିତରେ ଏବଂ ଅନ୍ୟ ଦୁଇଟି ପ୍ରାୟ ଆକ୍ରମଣ ମୁଦ୍ରାରେ । ଦୀନନାଥ ଚେୟାର୍ ଛାଡ଼ି ଉଠିଗଲେ ଘଟଣା ସ୍ଥଳକୁ । ଆକ୍ରମଣକାରୀ ଦୁଇକୁକୁର ମଧ୍ୟରୁ ଗୋଟିଏ ଲମ୍ଫ ପ୍ରଦାନ କରି ସେଇଟିକୁ ଝାମ୍ପି ଆଣିଲା ବେଳକୁ କେହି ଜଣେ ଦେଖଣାହାରୀ କେଉଁଠୁ ଗୋଟେ ବାଉଁଶ ଦଣ୍ଡ ଆଣି ପ୍ରହାର କରନ୍ତେ ଜୀବନ ବିକଳରେ ସବୁଯାକ କୁକୁର ଛତ୍ରଭଂଗ ଦେଇ ଦୂରେଇ ଗଲେ । ଏଥର ନର୍ଦ୍ଦମା କଡ଼ ଭୂଇଁ ଉପରେ ମୃତ ଶିଶୁ କନ୍ୟାର ଅର୍ଦ୍ଧେକ ଅଂଶ ସ୍ପଷ୍ଟ ହୋଇଗଲା । ଅପେକ୍ଷାକୃତ ବଳୁଆ କୁକୁରଟି ପୁନଃରାୟ ଏହାକୁ ଝାମ୍ପି ନେବା ମଉକାରେ ପ୍ରତୀକ୍ଷା କରୁଥିଲା ।

ଜନ୍ମ ସହିତ ମୃତ୍ୟୁ ହିଁ ଜଡ଼ିତ । ପୁଣି ଉଭୟ ସ୍ଥିତିରେ ମଣିଷ ଅସହାୟ । ଅସହାୟ ଅବସ୍ଥାରେ ମା' ପେଟରୁ କନ୍ୟା ଭୃଣଟିକୁ ହତ୍ୟା କରାଯାଇଥିବ କିମ୍ବା ଅପରିପକ୍ୱ ଅବସ୍ଥାରେ ଜନ୍ମ ହୋଇଥିବା କାରଣରୁ ତା'ର ମୃତ୍ୟୁ ହୋଇଯାଇଥିବ ! କେହି ତାକୁ ରକ୍ଷା କରି ପାରି ନଥିବେ, ନା ଡାକ୍ତର ନା ଜନ୍ମଦାତ୍ରୀ । ମୃତ୍ୟୁ ପରେ ତାକୁ ଫୋପାଡ଼ି ଦିଆ ଯାଇଥିବ ଡାକ୍ତରଖାନାର ଡଷ୍ଟବିନ୍ ଭିତରକୁ କିମ୍ବା ଅଳିଆ ଗଦାକୁ ।

ଦୀନନାଥଙ୍କ ଆଖିଯୋଡ଼ିକ ଛଳଛଳେଇ ଆସିଲା । ଲାଗିଲା, ସେ ଯେମିତି କାନ୍ଦି ପକେଇବେ । ଅଥଚ ସେ କାନ୍ଦି ପାରିଲେ ନାହିଁ, ଯେହେତୁ ସେ ଆଦୌ କାନ୍ଦି ପାରନ୍ତି ନାହିଁ । ଜୀବନର ଶେଷ କାନ୍ଦିବା କେବେ କାନ୍ଦିଥିଲେ, ତାହା ତାଙ୍କର ଆଦୌ ମନେ ନାହିଁ ।

ଚାହୁଁ ଚାହୁଁ ସ୍ଥାନଟି ଲୋକାରଣ୍ୟ ହୋଇଗଲା । ନାହିଁ ନଥିବା ଲୋକ ରୁଣ୍ଡ ହୋଇଗଲେ । ଚାରି ଛ'ଜଣ ସାମ୍ବାଦିକ ନିଜ ନିଜ କ୍ୟାମେରାରେ ଫଟୋ ଉଠେଇନେଲେ । ଆସନ୍ତା କାଲି ସକାଳେ ବଡ଼ ବଡ଼ ସମ୍ବାଦ ପତ୍ରରେ ନିଉଜ୍ ହୋଇ ବାହାରିବ। ଅତିରୁ ଅତି ଚାଂଚଲ୍ୟକର ତଥ୍ୟ ଦେଇ ସଂବାଦଟି ପରିବେଷିତ ହେବ ଖବରକାଗଜଗୁଡ଼ିକରେ ଫଟୋ ସହିତ । ତାପରେ ଲାଗିବ ହୋ-ହଲ୍ଲା । ବିଧାନସଭାରେ ହଟ୍ଟଗୋଳ । ଗୃହ ମୁଲତବୀ । ଶାସକ ଦଳର ବୈଠକ, ବିରୋଧୀ ଜଳର ବୈଠକ । ପୁଣି ଚାଲିବ ତଦନ୍ତ । ବସିବ କମିଟି । ତା'ପରେ ଲୋକେ ଭୁଲିଯିବେ । ସମୟ କଡ଼ ଲେଉଟେଇ ଦେବ । ଆଉ କିଛି ଘଟଣା ଘଟି ପୂର୍ବ ଘଟଣାକୁ ମାଟିତଳେ କବର ଦେଇଦେବ ।

ମାତ୍ର କେତୋଟି ମୁହୂର୍ତ୍ତ ପରେ, ଦୀନନାଥ ଦେଖିଲେ ଜଣେ ମେହେନ୍ତର ସେଠି ଅଳିଆ ଭର୍ତ୍ତି ଏକ ଠେଲା ଧରି ପହଂଚିଲା । ସାଂଗରେ ଜଣେ ଡାକ୍ତରଖାନା କର୍ମଚାରୀ । ଭିଡ଼ ଦୁଇଭାଗ ହୋଇଗଲା । ସେଇଟିକୁ ଅଳିଆ ଠେଲା ଭିତରେ ପୂରେଇ ମେହେନ୍ତର ସଂଗେ ସଂଗେ ଅଦୃଶ୍ୟ ହୋଇଗଲା ।

ଦୀନନାଥ ସାମ୍ବାଦିକମାନଙ୍କ ସହିତ ଏସ.ଏନ୍.ସି.ୟୁ. ସମ୍ପର୍କରେ କିଛି କଥା ହେଲେ । ଏହାର ଦୂରାବସ୍ଥାକୁ ସେମାନଙ୍କ ନଜରକୁ ଆଣିଲେ । ତୁରନ୍ତ ଏହାର କିଛି ସୁବ୍ୟବସ୍ଥା ହେବା ଦରକାର ବୋଲି ଦାବି ଜଣେଇଲେ ।

ଏସ୍.ଏନ୍.ସି.ୟୁ. ସମେତ ସମ୍ମୁଖସ୍ଥ ଅରମା, ଅପନ୍ତରା ଭୂଇଁର ଫଟୋଚିତ୍ର ଉତ୍ତୋଳନ କରାଗଲା । ଆସନ୍ତା କାଲି ଉଭୟ ସମ୍ବାଦକୁ ଭିନ୍ନ ଭିନ୍ନ କରି ଫଟୋ ସହିତ ଖବରକାଗଜର ସମ୍ମୁଖ ପତ୍ରରେ ବାହାରିବା ନିଶ୍ଚିତ ବୋଲି ପ୍ରତିଶ୍ରୁତି ଦେଇ ସାମ୍ବାଦିକମାନେ ବାହାରିବାକୁ ଉଦ୍ୟତ ହେଲାବେଳକୁ ଜଣେ ଡାକ୍ତରଖାନା କର୍ମଚାରୀ ତାଙ୍କୁ ଆସି କ'ଣ କହିଲେ କେଜାଣି, ସେମାନେ ମୁହେଁଇଲେ ସି.ଡ଼ି.ଏମ୍.ଓ.ଙ୍କ ଅଫିସ୍ ଆଡ଼େ ।

"ଗାଡ଼ି କେଉଁଠି ପହଂଚିଲାଣି ମା !" - କାର୍ ଭିତରେ ବସିଥିବା ପ୍ରମଦାକୁ ପ୍ରଶ୍ନକଲେ ଦୀନନାଥ । ଚକ୍ଷୁଦ୍ୱୟ ତାଙ୍କର ସେହିପରି ମୁଦ୍ରିତ ଥିଲା ।

"ତୁମେ ଗାଡ଼ି ରୋକୁନା କାହିଁକି ଦୀନେଶ ? ବାପା ପରା ଚାହା ପିଇବେ !" - ପ୍ରମଦାର ସ୍ୱରରେ ସାମାନ୍ୟ ତୀବ୍ରତା ଥିଲା ।

"ଆଗରେ ପାଣିକୋଇଲି ଛକ ଆସୁଛି । ସେଇଠି ଗାଡ଼ି ରହିବ ।"- ପ୍ରମଦାର କଥା ଉପରେ ଦୀନେଶ ଦୃଢ଼ତାର ସହିତ କହିଲେ ।

"ତୁମମାନଙ୍କ ଭିତରୁ ଆଜି କେହି ସମ୍ବାଦପତ୍ର ଦେଖିଛ ?" - ଦୀନନାଥଙ୍କ ଭାବନା ଅଟକିଥିଲା ଗତକାଲିର ଡାକ୍ତରଖାନା ପରିସରରେ ଘଟିଥିବା ଘଟଣା ପାଖରେ । ସାରାଦିନର ବ୍ୟସ୍ତତା ଭିତରେ ସେ ଖବରକାଗଜ ଦେଖିବାକୁ ଏକପ୍ରକାର ବିସ୍ମରି ଦେଇଥିଲେ । ଏବେ ତାହା ମନେ ପଡ଼ିବାରୁ ପଚାରିଦେଲେ ।

"କାହିଁକି ବାପା ! ଆପଣଙ୍କ ଜାଣିବାରେ କ'ଣ କିଛି ବିଶେଷ ଖବର ଥିଲା କି ?" - ପ୍ରଶ୍ନ କଲା ପ୍ରମଦା !

"ଗତକାଲି ଡାକ୍ତରଖାନା ପରିସରରେ ସମ୍ବାଦ ହେଲା ଭଳି ଘଟଣାଟି ଘଟିଥିଲା । ପ୍ରଥମ ପୃଷ୍ଠା ମଣ୍ଡନ କଲାଭଳି ସମ୍ବାଦ ।" - କହିଲେ ଦୀନନାଥ ।

"ମୁଁ ତ ଦୁଇ ତିନୋଟି ସମ୍ବାଦପତ୍ର ଭଲଭାବେ ଆଖି ପକେଇଛି। କାହିଁ ବାଲେଶ୍ୱର ମେଡ଼ିକାଲ୍ ସଂପର୍କରେ ସେମିତି କୌଣସି ସଂବାଦ ନାହିଁ ।" - ଗାଡ଼ି ଚଳଉ ଚଳଉ କହିଲା ଦୀନେଶ ।

ଏ ସମ୍ପର୍କରେ ଆଉ ଅଧିକ କିଛି ଚର୍ଚ୍ଚା କରିବାକୁ ମନ ବଳିଲା ନାହିଁ ଦୀନନାଥଙ୍କର । ଡାକ୍ତରଖାନା କର୍ମଚାରୀଙ୍କ ଇଂଗିତରେ ସାମ୍ବାଦିକଗଣ ସି.ଡ଼ି.ଏମ୍.ଓ. ଅଫିସ୍ ଆଡ଼କୁ ମୁହେଁଇବାର ଅଭିପ୍ରାୟ ବୁଝିଗଲେ ସେ । ସୁତରାଂ ଗତକାଲିର ସଂବାଦ ଆଉ କେବେ ବି ଖବର କାଗଜ ପୃଷ୍ଠା ମଣ୍ଡନ କରିବ ନାହିଁ । ଦୀନନାଥ ପୁନରାୟ ନିଜର ଚକ୍ଷୁ ମୁଦ୍ରିତ କରି ଗାଡ଼ି ଭିତରେ ବସି ରହିଲେ ।

(କ୍ରମଶଃ)

## ଅନୁବାଦ ଗଳ୍ପ

# ॥ ନିଆଁଝୁଲ ॥



ମୂଳ ହିନ୍ଦୀ- ଡ. ଲତା ଅଗ୍ରବାଲ
ଅନୁବାଦକ- ବିନୟ କୁମାର ଦାସ

ଶେଷରେ ନିଜର ସୁରକ୍ଷା ନିମନ୍ତେ କୃଷ୍ଣାଙ୍କୁ ପୋଲିସର ସହାୟତା ନେବାକୁ ହିଁ ପଡିଲା । ପୋଲିସ ଆସି ତାଙ୍କର ବ୍ୟଭିଚାରୀ ସ୍ୱାମୀ ଆଉ ଟିକିଏ ଟିକିଏ କଥାରେ ଶାରୀରିକ ପୀଡନ ଦେଉଥିବା ଶାଶୁମା'ଙ୍କୁ ହାତକଡି ପକାଇ ଥାନାକୁ ନେଇଗଲା । ବିଗତ ଦୁଇ ବର୍ଷ ଧରି ସେ ପ୍ରତିଦିନ ଉଭୟଙ୍କର ଅତ୍ୟାଚାରକୁ ମଥାପାତି ନିରବରେ ସହ୍ୟ କରିଆସୁଥିଲେ । ପରିବାରର ମର୍ଯ୍ୟଦାକୁ ଦୃଷ୍ଟିରେ ରଖି ତାଙ୍କୁ ଅବଶ୍ୟ ଏତକ କରିବାକୁ ପଡୁଥିଲା । କେତେବେଳେ ଯୌତୁକ ଦାବି କରି ମାନସିକ ଆଉ ଶାରୀରିକ ପୀଡନ ଦେଉଥିଲେ ତ କେତେବେଳେ ସାମାନ୍ୟ ପାରିବାରିକ ଘଟଣାକୁ କେନ୍ଦ୍ର କରି ତାଙ୍କୁ ବାରମ୍ବାର ଅପମାନିତ କରି ଚାଲୁଥିଲେ ଉଭୟ ସ୍ୱାମୀ ଓ ଶାଶୁମା । ହେଲେ ସବୁ ସହିବାର ଗୋଟିଏ ସୀମା ଥାଏ । ସେତକ ଟପିଯିବାରୁ କୃଷ୍ଣାଙ୍କୁ ନିଜ ଇଚ୍ଛା ବିରୁଦ୍ଧରେ ଏମିତି ଏକ ଦୃଢ ପଦକ୍ଷେପ ନେବାକୁ ହେଲା । ଏଥିପାଇଁ ଆଜି ଘରେ ପୂରାପୂରି ଶୁନ୍ ଶାନ୍ । କେମିତି ଏକ ଭିନ୍ନ ନିରବତାରେ ସ୍ନାନ କରୁଛି ତାଙ୍କ ବାସଭବନ ।

"ବାପା, ଆପଣ ସକାଳ ଠାରୁ ଏ ପର୍ଯ୍ୟନ୍ତ ପାଣି ଟୋପାଏ ବି ପିଇ ନାହାନ୍ତି । କିଛି ଖାଇ ନିଅନ୍ତୁ । ଏମିତି ଉପବାସରେ ରହିଲେ ଏ ବୟସରେ ଆପଣ ଅସୁସ୍ଥ ହୋଇ ପଡିବେ । ମୁଁ ଖାଇବା ନେଇ ଆସୁଛି ।" ଖଟରେ ଚୁପଚାପ୍ ବସିଥିବା ଶ୍ୱଶୁରଙ୍କୁ ଓଢଣା ଭିତରୁ ଅତି ବିନମ୍ରତା ସହ କହିଲା କୃଷ୍ଣା ।

"ତୋତେ ମୋ ଚିନ୍ତା କେବେ ଠାରୁ ଘାରିଲାଣି ବୋହୂ ?" ରାଗ ରାଗ ସ୍ୱରରେ କହିଲେ ଶ୍ୱଶୁର ।

"ମୋତେ କ୍ଷମା କରି ଦିଅନ୍ତୁ ବାପା, ମୁଁ କେବେ ବି ଚାହୁଁ ନ ଥିଲି ଏମିତି ଏକ ଅଘଟଣ ଘଟୁ ଆମ ପରିବାରରେ .., ହେଲେ ଶେଷ ସୁଦ୍ଧା ମୁଁ ଆଉ ପାରିଲିନି ବାପା ।"

"ଆଉ ସେଇଥିପାଇଁ ଏ ଘରର ଖାନଦାନ ଆଉ ବଂଶ ଗରିମାରେ କଳଙ୍କ ବୋଳି ଦେବାକୁ ତୁ ଟିକିଏ ବୋଲି କୁଣ୍ଠିତ ହେଲୁ ନାହିଁ ? ଏ ଘରର ମାନ ସମ୍ମାନକୁ ଧୂଳିସାତ୍ କରି ତୋ ମନ ଏବେ ଶାନ୍ତ ହେଲା ତ ?"

"ତାହେଲେ ଆପଣ ଏଥିପାଇଁ ମୋତେ ଦୋଷୀ ଭାବୁଛନ୍ତି ?"

"ଆଉ କାହାକୁ ଦୋଷୀ ସାବ୍ୟସ୍ତ କରିବି ? ତୁ ଅବଶ୍ୟ ମନେମନେ ବହୁତ ଖୁସି ହେଉଥିବୁ ତୋ ଯୋଜନାରେ ତୁ ସଫଳ ହୋଇ ପାରିଛୁ ବୋଲି । ଅହଙ୍କାରର ନିଆଁଝୁଲରେ ତୁ ମୋ ହସଖୁସିର ସୁନ୍ଦର ପରିବାରକୁ ଜାଳିପୋଡି ଛାରଖାର କରିଦେଲୁ । ଜାଣେନି , ଆହୁରି କଣ ସବୁ ରହିଛି ତୋ ମନରେ ?"

" ବାପା , ମୁଁ ତ ଆପଣଙ୍କୁ ମୋ ଦୁଃଖ କାହାଣୀ ସବୁ ଗୋଟି ଗୋଟି କରି ଜଣାଉଥିଲି ଆଉ କିଛି ବିହିତ ପ୍ରତିକାର କରି ପରିବାରର ମଂଗଳ କାମନା କରୁଥିଲି । ହେଲେ ଆପଣ ସବୁ ଶୁଣି ନ ଶୁଣିଲା ପରି ହେଲେ । ପ୍ରତିକାର ବଦଳରେ ଆପଣ ପରୋକ୍ଷରେ ବି ସେମାନଙ୍କୁ ସମର୍ଥନ କରି ଚାଲିଲେ ।"

"ଚୁପ୍ କର ବୋହୂ..ମୁଁ ତୋର କିଛି କଥା ଆଉ ଶୁଣିବାକୁ ଚାହୁଁନି ।"

ଶ୍ୱଶୁରଙ୍କର ଏ ଆକ୍ଷେପ ଆଉ ଦୋଷାରୋପ କରିବାର କଟୂକ୍ତି ଶୁଣି କୃଷ୍ଣାଙ୍କର ଟିଭି ସିରିଏଲରେ "ମହାଭାରତ"ର କିଛି ଏହି ଢଂଗର ଦୃଶ୍ୟ ମନେ ପଡିଯାଉଥିଲା । ହଁ, ସେତେବେଳେ ମହାଭାରତ ଯୁଦ୍ଧର ପରିସମାପ୍ତି ଘଟିଥାଏ । ସାରା ରାଜମହଲର ଛତ୍ରେଛତ୍ରେ ରାଜୁତି କରୁଥାଏ ଏକ ଭୟାବହ ନିରବତା । ଆପଣାର ବଂଶଜଙ୍କ କୁକର୍ମ କାଳିମାରେ ନିଜ ନିଜର ମୁହଁ ଲୁଚାଇ ବସି ରହିଥିଲେ କୁରୁ ବଂଶର ଅବଶିଷ୍ଟ ସଦସ୍ୟଗଣ । ହସ୍ତିନାପୁରର ସେଇ ପୂର୍ବ କୋଳାହଳ ନଥିଲା କି ଚଳଚଂଚଳ ନଥିଲା ରାଜବାଟୀ । ରୋଷଶାଳାରେ ଶୀତଳାବସ୍ଥା ରହିଥିଲା ଚୁଲି । କାହାରି ପେଟକୁ ଦାନା କଣିକାଟିଏ ବି ଯାଇ ନଥିଲା କି କାହା ମୁହଁରୁ ପଦେ କଥା ବାହାରୁନଥିଲା । ଏମିତି ବି ଜଣା ଯାଉଥିଲା, ସତେ ଯେମିତି ମହାରାଜ ଧୃତରାଷ୍ଟ୍ର ଆଉ ମହାରାଣୀ ଗାନ୍ଧାରୀ ନିଜ ନିଜ କକ୍ଷରେ ସମାଧିସ୍ଥ ହୋଇ ସାରିଥିଲେ । ମହାତ୍ମା ବିଦୂର ଏବଂ କୁନ୍ତୀ ଯେତେ ଚେଷ୍ଟା କଲେ ସୁଦ୍ଧା ସେମାନେ ଜଳସ୍ପର୍ଶ ସୁଦ୍ଧା କରିବା ପାଇଁ ରାଜି ହେଉ ନଥିଲେ । ଯୁଧିଷ୍ଠିରଙ୍କ ନିବେଦନ କୁ କେହି କର୍ଣ୍ଣପାତ କଲେ ନାହିଁ । ସତେ ଯେମିତି କାହାରି ଅନୁରୋଧକୁ ନ ଶୁଣିବା ପାଇଁ ସେ ଦୁହେଁ ଶପଥ କରିସାରିଥିଲେ ।

ଶେଷରେ ନିଜେ ଦ୍ରୌପଦୀ ତାଙ୍କ କକ୍ଷରେ ପ୍ରବେଶ କରି କହିଲେ , "ତାତଶ୍ରୀ ! ବଡମା ! ନିୟତିର ଲେଖନକୁ କିଏ ବା ଟାଳି ପାରିବ ? ଆପଣମାନେ ବିଜ୍ଞ .. ମୁଁ ବା କଣ ବୁଝାଇ ପାରିବି ଆପଣମାନଙ୍କୁ ? ହସ୍ତିନାପୁର ଭାଗ୍ୟରେ ଯେତିକି ଯାହା ଲେଖା ହୋଇଥିଲା, ସେତକ ତ ହୋଇଗଲା । ଆପଣମାନେ ଅନ୍ନଜଳ ତ୍ୟାଗ କଲେ କି ଲାଭ ହେବ ଅଧିକା ? ଆପଣ ତ ଜାଣୁଥିବେ, ଆପଣ ଜଳସ୍ପର୍ଶ କରୁ ନଥିବାରୁ ସାରା ପରିବାର ଉପବାସରେ ରହିଛନ୍ତି । ଚାଲନ୍ତୁ.. ସମସ୍ତେ ଆପଣଙ୍କୁ ପ୍ରତୀକ୍ଷା କରି ରହିଛନ୍ତି ।"

"ପ୍ରତୀକ୍ଷା ? କେମିତି ପ୍ରତୀକ୍ଷା ଦ୍ରୌପଦୀ ? ଏବେ ବି କଣ ତୁମ ପ୍ରତୀକ୍ଷାର ଅନ୍ତ ଘଟି ନାହିଁ ? "

"ଆପଣ ଏମିତି କଣ କହୁଛନ୍ତି ଜ୍ୟେଷ୍ଠପିତା ? ମୁଁ ତ ଆପଣଙ୍କର ସମସ୍ତଙ୍କର ସ୍ୱାସ୍ଥ୍ୟ ଚିନ୍ତା କରି ଏମିତି କହିଲି । ଅଥଚ ଆପଣ ମୋତେ ଭୁଲ ବୁଝୁଛନ୍ତି । ମୋତେ ଦୋଷାରୋପ କରୁଛନ୍ତି ।"

"କରିବିନି ? ତୁମେ ହିଁ ତ ମୋ ସୁଖଶାନ୍ତିରେ ଉବୁଟୁବୁ ହେଉଥିବା ପରିବାରକୁ ଜାଳି ଦେଲ ଅଗ୍ନିଜନ୍ମା ।"

ଏମିତି ସେଦିନ ଧୃତରାଷ୍ଟ୍ର କଟାକ୍ଷ କରିଥିଲେ , ଆଉ ଆଜି ଅନୁରୂପ ଢଂଗରେ କହୁଛନ୍ତି ଶ୍ୱଶୁର ! କୃଷ୍ଣା ମନେମନେ କହୁଥିଲେ, "ଏମାନେ କି ଚରିତ୍ରର ଲୋକ ବିଧାତା ? ପ୍ରଥମରୁ ନେତ୍ରହୀନ ହୋଇ ଯାବତୀୟ ଅନ୍ୟାୟକୁ ଉତ୍ସାହିତ କରିବେ ଆଉ ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷାରୋପ କରିବେ ଆମ ପରି ନିରୀହ କୂଳବଧୂମାନଙ୍କୁ ।" ଏତିକି ଭାବିଦେଲା କ୍ଷଣି କୃଷ୍ଣାଙ୍କର ମନରେ ଆକ୍ରୋଶର ମାତ୍ରା ବଢିଗଲା । ସେ ଓଢଣାରୁ ମୁହଁ ବାହାର କରି କହିଲେ, "ଆପଣ ଠିକ୍ କହିଛନ୍ତି ବାପା । ଆପଣଙ୍କ ଅନୁମାନ ଅନୁସାରେ ଜଣେ ନାରୀ ତ ନିଆଁଝୁଲ ଟିଏ.. ତେବେ ସେ ନିଆଁଝୁଲର ସଦୁପଯୋଗ କରିବାର ଦାୟିତ୍ୱ ପରିବାରର ମୁଖ୍ୟ ଉପରେ ହିଁ ନିର୍ଭର କରିଥାଏ । ସେ ସେହି ନିଆଁଝୁଲକୁ ନେଇ କୂଳପ୍ରଦୀପ ପ୍ରଜ୍ୱଳନ କରାଯାଇ ପାରେ.... ପରିବାରକୁ ବି ଜଳାଇ ଦିଆଯାଇ ପାରେ ।"

।।।।।। ୦ ।।।।।।

+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ମଣିଷ ରୂପରେ ଦେବଦୂତ ପଦ୍ମଶ୍ରୀ ଡି.ପ୍ରକାଶ ରାଓ

## ଅଧ୍ୟାପକ ଶରତ କୁମାର ଦାସ



ମାନ ସମ୍ମାନ ପଛରେ ଧାଇଁ ନଥିଲେ ସେ, ମାତ୍ର ମାନସମ୍ମାନ ସ୍ୱତଃ ଧାଇଁଥିଲା ସଦା ତାଙ୍କ ପଛରେ । କର୍ମ ସହ ଆବଦ୍ଧ ଥିଲା ତାଙ୍କ ସମଗ୍ର ଜୀବନ କାଳ । କର୍ମରୁ ତାଙ୍କର ଯେପରି ବିରତି ନଥିଲା । ସୁତରାଂ ତାଙ୍କୁ ଜଣେ ସଚ୍ଚୋଟ କର୍ମଯୋଗୀ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ସରଳତା, କର୍ମତତ୍ପରତା, ସମୟାନୁବର୍ତ୍ତିତା ଓ ସର୍ବୋପରି ତାଙ୍କର ବଦାନ୍ୟତା ତଥା ଦରଦୀ ମଣିଷପଣିଆ ତାଙ୍କୁ ଜଣେ ଭଲ ମଣିଷ ତଥା ସମାଜସେବୀର ଆଖ୍ୟା ପ୍ରଦାନ କରିଛି । ସେ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ଆମର ଅତି ପରିଚିତ, କେବଳ କଟକର ଗର୍ବ ନୁହଁନ୍ତି, ସମଗ୍ର ଓଡିଶା ମାଟିର ଗର୍ବ ପଦ୍ମଶ୍ରୀ ଡି.ପ୍ରକାଶ ରାଓ, ଯିଏ କି ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ଗତ ବୁଧବାର ୧୩ ତାରିଖରେ ମୃତ୍ୟୁବରଣ କରିଛନ୍ତି ।

ଚା' ଦୋକାନୀରୁ ସମାଜସେବୀ ଓ ସମାଜସେବୀରୁ 'ପଦ୍ମଶ୍ରୀ' -ଏକ ଲମ୍ବା ବାଟ ଅତିକ୍ରମ କରିଥିବା ପ୍ରାକାଶ ରାଓ ଥିଲେ ଓଡିଆ ମାଟିର ଏକ ଚିର ପରିଚିତ ସ୍ୱର । 'ଆନି ଫେରେକ୍ସ', 'ଓର୍ଲଡ ହ୍ୟୁମାନ୍ ରାଇଟ୍ସ' ଓ 'ଭାରତ ବିକାଶ ସଙ୍ଗମ' ଆଦି ମର୍ଯ୍ୟାଦାଜନକ ସମ୍ମାନ ପାଇଥିବା ଶ୍ରୀଯୁକ୍ତ ରାଓ ହେଉଛନ୍ତି ସେହି ବ୍ୟକ୍ତିତ୍ୱ ଯାହାଙ୍କୁ ଦେଖା କରିବା ପାଇଁ ଦେଶର ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରନ୍ତି ଓ ରାଷ୍ଟ୍ରପତି ତାଙ୍କୁ ବ୍ୟକ୍ତିଗତ ଭାବେ ମଧ୍ୟାହ୍ନ ଭୋଜନର ଆମନ୍ତ୍ରଣ କରନ୍ତି । ସେହି ମହାନ ବ୍ୟକ୍ତିଙ୍କର ଜନ୍ମ ହୁଏ ୧୯୫୮ ମସିହା ନଭେମ୍ବର ୧୧ ତାରିଖ କଟକର ବକ୍ସି ବଜାର ଅଂଚଳରେ । ତାଙ୍କ ବାପା ଡି.କ୍ରୀଷ୍ଣାମୂର୍ତ୍ତି ଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୈନିକ, ଯିଏ କି ସାତବର୍ଷ କାଳ ରାଙ୍ଗୁନରେ ରହି ଜାପାନ ବିରୋଧରେ ଯୁଦ୍ଧ ଲଢିଥିଲେ । ପରେ କଟକ ଆସି ବକ୍ସି ବଜାରରେ ଏକ ଚା' ଦୋକାନ ଖୋଲିଥିଲେ ।

ମାତ୍ର ୮ ବର୍ଷ ବୟସରେ ଏହି ଚା' ଦୋକାନରେ ସେ ନିଜ ବାପାଙ୍କୁ ସାହାଯ୍ୟ କରିଥିଲେ ସେ । ଜୀବନର ପ୍ରଥମ ସକାଳରୁ ଦାରିଦ୍ର୍ୟତା ସହ ପ୍ରକାଶ ସତେ ଯେମିତି ସାଲିସ୍ କରିବା ଶିଖିବା ଆରମ୍ଭ କଲେ । ଭୋକ ଉପବାସରେ ଅନେକ ସମୟ କାଟିଥିଲେ ବି ସେ କାହା ନିକଟରେ ହାତ ପାତି ନଥିଲେ । ଭୋକ ସହ ଲଢେଇ ତାଙ୍କର ଜାରି ରହିଥିଲା ଅନବରତ । ପରିବାରର ଚାରି ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ବଡ । ଜଣେ ମେଧାବୀ ଛାତ୍ର ହିସାବରେ ପଂଚମ ଶ୍ରେଣୀରେ ବୃତ୍ତି ପାଇଥିଲେ । ଷଷ୍ଠ ଶ୍ରେଣୀରେ ପାଠ ପଢିବା ସମୟରେ ପାଖରେ ଜ୍ୟାମିତି ବାକ୍ସଟିଏ କିଣି ନ ପାରିବାର ଦୁଃଖ ତାଙ୍କୁ ବହୁତ କଷ୍ଟ ଦେଇଥିଲା । ବାପ୍, ଏଇଠୁ ଆରମ୍ଭ ହେଲା ଅର୍ଥ ଉପାର୍ଜନ ପାଇଁ ତାଙ୍କର ଚା' ବିକାଳିର ଜୀବନ । ବାପାଙ୍କ ସହିତ ସେ ଚା' ବିକିଲେ । ଦିନରେ ଦୋକାନ କାମ, ରାତିରେ ପାଠ ପଢା ଓ ମାସରେ ଚାରି ଦିନ ସ୍କୁଲ୍ । ଏହି ଭଳି ଭାବେ ଦାରିଦ୍ର୍ୟତାର ଅମାନିଶାର ଭିତରେ ସେ ସର୍ବଦା ଦେଖୁଥିଲେ ତୋଫା କଇଁଫୁଲିଆ ଜହ୍ନ ରାତିର ଛବି । କେବେ ବି ନିଜକୁ ଦୁର୍ବଳ ଭାବୁ ନ ଥିଲେ । କେବେ ବି ନୁହେଁ ।

୧୯୭୩ ମସିହାରେ ଟେଷ୍ଟ ପରୀକ୍ଷାରେ ୮୫ ପ୍ରତିଶତ ନମ୍ବର ରଖି ସେଣ୍ଟଅପ୍ ହୋଇଥିଲେ ମଧ୍ୟ ମାତ୍ର ୪୨ ଟଙ୍କାର ଅଭାବ କାରଣରୁ ପ୍ରକାଶ ମାଟ୍ରିକ ପରୀକ୍ଷା ଦେଇପାରିଲେ ନାହିଁ ପ୍ରକାଶ । ପାଠରେ ଡୋରି ବନ୍ଧାହେଲା । ଅନ୍ୟ ପକ୍ଷରେ ଅତ୍ୟଧିକ ପରିଶ୍ରମ ଓ ଭୋକ ଉପାସରେ ରହି ତାଙ୍କର ଦେହ ମଧ୍ୟ ଖରାପ ହୋଇଗଲା । କଟକ ବଡ ମେଡିକାଲରେ ଦୀର୍ଘ ଛ' ମାସ ଚିକିତ୍ସା ଓ ଅସ୍ତ୍ରୋପଚାର ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ । ସେହି ସମୟରେ ତାଙ୍କୁ କେହି ଜଣେ ରକ୍ତଦାନ କରିଥିଲେ ଯାହା ତାଙ୍କୁ ଗଭୀର ପ୍ରଭାବିତ କରିଥିଲା । ପରବର୍ତ୍ତୀ ସମୟରେ ଜଣେ ସଫଳ ରକ୍ତଦାତାର ଭୂମିକା ନିର୍ବାହ କରି ୧୯୭୬ ରୁ ୨୧୪ ଥର ରକ୍ତ ଦାନ କରି ଅନ୍ୟର ଜୀବନ ବଂଚେଇବାରେ ମହତ୍ ଭାଗିଦାରୀ ହେବା ସହ ରାଜ୍ୟପାଳଙ୍କ ଠାରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ମଧ୍ୟ ହୋଇଛନ୍ତି ।

ଗରିବ ବସ୍ତି ପିଲାଙ୍କ ପାଇଁ ସେ ଥିଲେ ଦେବଦୂତ ସଦୃଶ । ସତେ ଯେପରି ବସ୍ତି ପିଲାଙ୍କ ଅଜ୍ଞତା ରୂପକ ଅନ୍ଧାରୀ ମୂଳକରେ ସେ ହିଁ ଥିଲେ ଶିକ୍ଷାର କିରଣ । ସରକାରୀ ଜାଗାରେ କରିଥିବା ଦୁଇ ବଖରା ଘରେ ନିଜେ ବଖରାଏ ଘରେ ରହିବା ସହିତ ଆର ବଖରାଟିରେ' ଆଶା ଓ ଆଶ୍ୱାସନା' ନାମକ ବିଦ୍ୟାଳୟଟି ଖୋଲି ପ୍ରତିଦିନ ମଧ୍ୟାହ୍ନରେ ଶିକ୍ଷା ଦାନ ଆରମ୍ଭ କଲେ । ଶିକ୍ଷାଦାନ ସହିତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରତିଦିନ ଖାଇବାକୁ ଦେଉଥିଲେ । ମଧ୍ୟାହ୍ନ ଭୋଜନ ପ୍ରତି ଆକୃଷ୍ଟ ହୋଇ ଅଧିକାଂଶ ପିଲା ପଢ଼ିବାକୁ ଆସୁଥିବାର ସେ କହୁଥିଲେ । ଏବେ ବି ସେହି ବିଦ୍ୟାଳୟରେ ୮୨ ପିଲାଙ୍କର ପାଠ ପଢା ସହିତ ଖାଇବାର ବ୍ୟବସ୍ଥା ରହିଛି । ପିଲା ସଂଖ୍ୟା ବଢିବାରୁ କିଛି ଶିକ୍ଷକଶିକ୍ଷୟିତ୍ରୀ ନିଯୁକ୍ତି ଦେଇ ସେମାନଙ୍କୁ ମଧ୍ୟ ମାସିକ କିଛି ପାରିଶ୍ରମିକ ଦେବା ଆରମ୍ଭ କଲେ । ଦିନମାନ ଅକ୍ଳାନ୍ତ ପରିଶ୍ରମ କରି ନିଜ ଚା' ଦୋକାନରୁ ଯେତିକି ଅର୍ଥ ଉପାର୍ଜନ କରୁଥିଲେ ସେଥି ମଧ୍ୟରୁ କିଛି ଅର୍ଥ ସଂଚୟ କରି ନିଜ ବିଦ୍ୟାଳୟର ସମସ୍ତ ଖର୍ଚ୍ଚ ତୁଲାଇବା ସହି ପିଲାଙ୍କର ଖାଇବା ଖର୍ଚ୍ଚ ମଧ୍ୟ ତୁଲାଇବାରେ ସମର୍ଥ ହୋଇଥିଲେ । ମଝିରେ ମଝିରେ କେତେକ ବଦାନ୍ୟ ବ୍ୟକ୍ତି କିଛି କିଛି ସାହାଯ୍ୟ ମଧ୍ୟ କରୁଥିଲେ ତାଙ୍କ ଅନୁଷ୍ଠାନକୁ ।

ବସ୍ତିପିଲାଙ୍କୁ ସେ ଅତିମାତ୍ରାରେ ଭଲ ପାଉଥିଲେ । ସେମାନଙ୍କ ହସଖୁସି ରେ ନିଜର ସମସ୍ତ ହସଖୁସିକୁ ମିଶାଇ ଦେଉଥିଲେ ସେ ଯେମିତି । ସମ୍ବଳ କହିଲେ ସେହି ଦୁଇ ବଖରା ଚାଳଘର ଓ ଗୋଟିଏ ପୁରୁଣା ସାଇକେଲ । ସରଳ ନିରାଡମ୍ବର ଜୀବନ ସହ ଦରଦପଣରେ ସଦା ଆଗରୁ ଆଗରୁ ହେଉଥିଲା ତାଙ୍କ କୋମଳ ହୃଦୟ । ଓଡିଆ ଇଂରାଜୀ ସହିତ ଅନେକ ଭାଷା କହିବାରେ ସେ ଥିଲେ ମାହିର । ବିଭିନ୍ନ ଭାଷାଭାଷୀର ଗ୍ରାହକ ମାନଙ୍କୁ ଭିନ୍ନ ଭିନ୍ନ ଭାଷାରେ ସମ୍ଭାଷଣ କରି ମନ କିଣି ନେଉଥିଲେ ନିଜ ହାତ ତିଆରି ଚା' କପ୍ ଟିଏ ମାଧ୍ୟମରେ । ପ୍ରତିଟି ମୁହୂର୍ତ୍ତରେ ତାଙ୍କ ମୁହଁରେ ଫୁଟୁଥିଲା ହସ । ଦୁଃଖରେ ଥାଇ ମଧ୍ୟ ଦୁଃଖର ଚିହ୍ନ ମଧ୍ୟ ତାଙ୍କୁ ଟିକେ ବି ସ୍ପର୍ଶ କରିନଥିଲା । ସକାଳ ବେଳା ଚା' ଦୋକାନରେ ପରିଶ୍ରମ କରି ଅପରାହ୍ନରେ ଧାଇଁ ଯାଉଥିଲେ କଟକ ମେଡିକାଲ । ଅସହାୟ ରୋଗୀଙ୍କର ସେବା କରି ସେ ପାଉଥିଲେ ପରମ ଆତ୍ମସନ୍ତୋଷ । କୌଣସି ସଙ୍କଟାପନ୍ନ ରୋଗୀଙ୍କର ରକ୍ତ ଆବଶ୍ୟକ ପଡୁଥିଲେ ସେ ବିନା ଦ୍ୱିଧାରେ ଆଗେଇ ଆସୁଥିଲେ ରକ୍ତ ଦାନ କରି ଜୀବନ ବଂଚେଇବା ପାଇଁ ।

୨୦୧୮ ମସହିରେ କୌଣସି କାର୍ଯ୍ୟକ୍ରମରେ କଟକକୁ ଆସିଥିବା ଭାରତର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ତାଙ୍କୁ ଭେଟିଥିଲେ । ମଧୁର ଆଳପ ଆଲୋଚନା ସହିତ ସେ ଶ୍ରୀ ରାଓଙ୍କ ଭୁରି ଭୁରି ପ୍ରଶଂସା କରିଥିଲେ । ଏହାପରେ ପଦ୍ମଶ୍ରୀ ଉପାଧି ପାଇବା ପାଇଁ ତାଙ୍କ ନାମ ସୁପାରିଶ କରାଯାଇଥିଲା । ଶେଷରେ ୨୦୧୯ ମସିହାରେ ରାଷ୍ଟ୍ରପତି ଶ୍ରୀଯୁକ୍ତ ଡି .ପ୍ରକାଶ ରାଓଙ୍କୁ ମର୍ଯ୍ୟାଦାଜନକ 'ପଦ୍ମଶ୍ରୀ' ପୁରସ୍କାରରେ ସମ୍ମାନିତ କରିଥିଲେ ।ଅତି ବିନମ୍ରତାର ସହିତ ଏହି ସମ୍ମାନକୁ ଗ୍ରହଣ କରି ଜନସେବାରେ ନିଜ ଜୀବନକୁ ନିୟୋଜିତ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ସେ ।

ସତରେ ଶ୍ରୀଯୁକ୍ତ ରାଓଙ୍କ ଭଳି ଜଣେ ସରଳ, ଦରଦୀ, ଆମୟିକ, ବଦାନ୍ୟ ତଥା କର୍ମଠ ଲୋକ ମିଳିବା ବିରଳ ନିଶ୍ଚୟ । ପ୍ରତିଦିନ ଭୋର୍ ୫ ଟାରୁ ତାଙ୍କର କାମ ଆରମ୍ଭ ହୁଏ ଏବଂ ଗୋଟିଏ ପରେ ଗୋଟିଏ ରୁଟିନ୍ ଭଳି ଚାଲିଥାଏ ରାତି ପର୍ଯ୍ୟନ୍ତ । ନା ଥିଲା ବିଶ୍ରାମ ନା ଥିଲା ଦୁଃଖ । ନା ଥିଲା ସ୍ୱପ୍ନ ନା ଥିଲା ଅବସୋସ । କର୍ମ ହିଁ ଥିଲା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ବ୍ରତ । ସେ ଏକ ଟିଭି ସାକ୍ଷାତକାରରେ ଏପରିକି ମୃତ୍ୟୁ ପରେ ତାଙ୍କ ନିଜ ଶରୀରକୁ ସଂସ୍କାର ନକରି କଟକ ବଡ ମେଡିକାଲକୁ ଦାନ ଦେଇଦେବାକୁ ଇଚ୍ଛାପ୍ରକାଶ କରିଥିଲେ । ଯେଉଁ ମେଡିକାଲ ପାଇଁ ସେ ଥରେ ନୂଆ ଜୀବନ ପାଇଥିଲେ ସେହି ମେଡିକାଲର ଡାକ୍ତରୀ ପିଲାଙ୍କ ପାଠପଢ଼ାରେ ତାଙ୍କ ସ୍କେଲିଟନ୍ ସାହାଯ୍ୟରେ ଆସିବ ବୋଲି ସେ ଆଶା ପୋଷଣ କରିଥିଲେ । ଅର୍ଥାତ ମୃତ୍ୟୁ ପରେ ମଧ ସେ ଲୋକଙ୍କର ସେବା କରିପାରିବେ ।

ଶ୍ରୀଯୁକ୍ତ ରାଓ ଅନେକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ବିଭିନ୍ନ ଅନୁଷ୍ଠାନ ତରଫରୁ ସେ ମଧ ଅନେକ ବାର ସମ୍ମାନିତ ହୋଇଥିଲେ ବିଦେଶ ଭ୍ରମଣର ମଧ ସୁଯୋଗ ପାଇଥିଲେ । ଥରେ କାନାଡା ଭ୍ରମଣରେ ଯାଇ କାନାଡା ମାଟିରେ ୧୮ ମିନିଟ ଇଂରାଜୀରେ ଭାଷଣ ଦେଇ କଟକ ତଥା ଓଡିଶା ମାଟିର ଟେକ ରଖିଥିଲେ ସେହି ଗରିବ ଚା' ବିକାଳି ପ୍ରକାଶ ରାଓ । ଆଶ୍ଚର୍ଯ୍ୟ ଲାଗିଲେ ବି ସତ ତାଙ୍କ ସରଳ ଜୀବନର ଗରିମାମୟ କାହାଣୀ । ଏତେ ପୁରସ୍କାର ତଥା ସମ୍ମାନରେ ସମ୍ମାନିତ ହୋଇଥିଲେ ମଧ ନା ଥିଲା ତାଙ୍କର ଗର୍ବ ନା ଥିଲା ଅହଂକାର । ମଣିଷ ଭଳିଆ ମଣିଷଟିଏ ଥିଲେ । ଏଇ ଓଡିଆ ମାଟିରେ ଝାଟିମାଟିର ଭଙ୍ଗା ଛପର ଘରେ ପାଦଥାପି ସେ ଅଗଣିତ ଓଡିଆଙ୍କ ହୃଦୟରେ ନୀଡଟିଏ ତୋଳିଗଲେ ଚିରଦିନ ପାଇଁ । ନିଃସନ୍ଦେହରେ କହିବାକୁ ଗଲେ ପ୍ରକାଶ ରାଓ ଥିଲେ ମଣିଷ ରୂପରେ ଜନ୍ମ ନେଇଥିବା ଦେବଦୂତଟିଏ।



ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧



# ରଜନୀଙ୍କ ରାଜଧାନୀ ଗୁଗୁଲ୍

## ॥ ଶନିସପ୍ତା ॥

ଏବେ ଲାଗୁଛି କିଛି ନେତାଙ୍କର ଶନିସପ୍ତା ଚାଲିଛି । ଯେତେ ଉଦ୍ୟମ ଜାରି ରହିଲେ ବି ବଦନାମ ପିଛା ଛାଡୁଡ଼ି । ପଦ୍ମ ଦଳିଆ ଆଉ ହାତ ଦଳିଆ ବି' ଇସ୍ୟୁ ଗୁଡ଼ାକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି । ଗୋଟାକ ପରେ ଗୋଟାଏ ଇସ୍ୟୁ ପୁଣି ମୁଣ୍ଡ ଟେକୁଛି । ସୁପ୍ରିମୋ କୁଆଡ଼େ ଏସବୁ ନେଇ ଭାରି ଅସନ୍ତୁଷ୍ଟ । ସବୁବେଳେ ନିଜର କ୍ଲିନ୍ ଇମେଜ୍ ରଖିବାକୁ ସୁପ୍ରିମୋ ଯେ କୌଣସି କଦମ୍ ଉଠାଇପାରନ୍ତି, ଅତୀତରେ ଏହାର ଢେର୍ ଉଦାହରଣ ରହିଛି । ହାଜତ ମୃତ୍ୟୁ ଠାରୁ ଆରମ୍ଭ କରି ପରୀ ହତ୍ୟାଦଣ୍ଡ, ମାହାଙ୍ଗା ଡବଲ୍ ମର୍ଡରକୁ ନେଇ ବିରୋଧୀ ଯେଉଁ ପ୍ରକାର ହଲାପଟା ଚଲେଇଛନ୍ତି, ସୁପ୍ରିମୋଙ୍କ ଟେନ୍‌ସନ୍ ବଢ଼ିଗଲା ପରି ଲାଗୁଛି। ତେଣୁ ଦଳରୁ ମଇଳା ସଫା କରିବା ନିମନ୍ତେ ସୁପ୍ରିମୋ ପ୍ରସ୍ତୁତ ହେଉଥିବାର ଜଣାପଡୁଛି । ୩ ଜଣ ଗଡ଼ମୁଖିଆ ଆଉ ଜଣେ ମହିଳା ମନ୍ତ୍ରୀଙ୍କ ନାମ ଏ ତାଲିକାରେ ଅଛି ବୋଲି ଆଶଂକା କରାଯାଉଛି । ପୁଣି କିଛି ମନ୍ତ୍ରୀଙ୍କ ବିଭାଗ ଅଦଳ ବଦଳ ବି ହୋଇପାରେ । ଦେଖାଯାଉ କେଉପାଣି କୁଆଡ଼େ ଯାଉଛି ।

## ॥ ଜାତକ ॥

କିଛି ଜ୍ୟୋତିଷମାନଙ୍କ ଗଣନା ଅନୁସାରେ ଇନ୍ଦ୍ରଙ୍କର ରାଶି ହେଉଛି କନ୍ୟା ଓ ନକ୍ଷତ୍ର ହେଉଛି ଉତ୍ତରା ଫାଲ୍‌ଗୁନି । ଏହି ରାଶି ନକ୍ଷତ୍ରର ବ୍ୟକ୍ତିମାନେ କଳାପ୍ରିୟ, ସାହସୀ ଓ ନରମ ପ୍ରକୃତିର ହୋଇଥାନ୍ତି । ତେବେ ଭୀଷଣ ଭାବରେ ସ୍ୱାର୍ଥପର । ନିଜପ୍ରତି ସାମାନ୍ୟତମ ବିପଦ କିମ୍ବା ନିଜ ସ୍ୱାର୍ଥରେ ବାଧା ପହଞ୍ଚାଇବାର ସଂକେତ ମିଳିଲେ କଠୋର ହୋଇଉଠନ୍ତି । ଇନ୍ଦ୍ରଦେବ ନିଜ ଇନ୍ଦ୍ରପଦ ନିମନ୍ତେ ଯାହା କିଛି କରିପାରନ୍ତି । ତେବେ ଏଠି ଜଣେ ପଦ୍ମଦଳିଆ ଇନ୍ଦ୍ରଙ୍କ କଥା କୁହାଯାଉଛି ଯିଏକି ରାଜ୍ୟର ମୁଖ୍ୟ ମଂଗୁଆଳ । ଘଟଣା କ୍ରମରେ କିଛି ନେତାଙ୍କର ଆବିର୍ଭାବ ଘଟିଲେ ଇନ୍ଦ୍ରଦେବ ତାଙ୍କୁ ନିରବ କରିବାରେ ଧୂରନ୍ଧର । କିଛିବର୍ଷ ତଳେ ନୀଳଗିରି ବାବାଙ୍କ ଆବିର୍ଭାବ ଘଟିଥିଲା । ଏବେ କିନ୍ତୁ ବାବାଜୀଙ୍କ ସ୍ୱର ଟିକେ ନିରବି ଯିବାପରି ମନେ ହେଉଛି । ବିଜୟ, ଦିଲ୍ଲିପଙ୍କ ରାସ୍ତା ତ' ସଫା ହୋଇ ସାରିଛି । ତେବେ ଅଗ୍ନିକନ୍ୟା ଅପରାଜିତାଙ୍କୁ ନିରବ କରିବାର ସବୁ ଉଦ୍ୟମ ଇନ୍ଦ୍ରଙ୍କର ବିଫଳ ହେବାପରି ମନେହେଉଛି । ଅବଶ୍ୟ ଓଡିଶାରେ ପଦ୍ମଦଳର ବିକାଶ ପଛରେ ଇନ୍ଦ୍ରଙ୍କର ଅବଦାନ ଯେ ଯଥେଷ୍ଟ ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । କେନ୍ଦରେ ମଧ ଇନ୍ଦ୍ରଙ୍କର ଦବ୍‌ଦବା ଜୋର୍ । କେନ୍ଦ୍ରମନ୍ତ୍ରୀ ଭାବରେ ସେ ବେଶ୍ ପ୍ରଭାବଶାଳୀ । ତଥାପି କେନ୍ଦ୍ରରେ ଅପରାଜିତାଙ୍କ ପ୍ରତି ଅହେତୁକ ଅନୁକମ୍ପା ବାରି ହୋଇ ପଡୁଛି । ଦେଖାଯାଉ ଇନ୍ଦ୍ର କେଉଁ ବାଣ ପ୍ରୟୋଗ କରୁଛନ୍ତି ଆଗକୁ !




## ॥ କୃତଜ୍ଞତା ॥



ଗୋବିନ୍ଦ ମଲ୍‌ହୀ
(୧୯୨୧-୨୦୦୧)

ସମସ୍ତଙ୍କୁ କ'ଣ ଗୋଟେ ତରାଜୁରେ ତଉଲି ହୁଏ ? ସମୟ ସୁଅରେ ଭାସି ଅନ୍ତରଙ୍ଗ ବନ୍ଧୁ ବି ବିଶ୍ୱାସଘାତକ ହୋଇଯାଉଥିବା ବେଳେ ସାତପର ପାଖରେ ଆସି ଠିଆହୁଏ ପିଠିର ଭାଇ ଭଳି । ଦେଶ ବିଭାଜନ ସମୟର ସେଇଭଳି ଏକ ପରିସ୍ଥିତିକୁ ଆପଣା ଗଳ୍ପରେ ସଫଳ ଭାବେ ଫୁଟାଇବାକୁ ପ୍ରୟାସ କରିଛନ୍ତି ସିନ୍ଧି ଭାଷାର ପ୍ରଖ୍ୟାତ ଗାଳ୍ପିକ 'ଗୋବିନ୍ଦ ମଲ୍‌ହୀ' । କୌଣସି ଧର୍ମ କି ସମ୍ପ୍ରଦାୟ ଖରାପ ନୁହେଁ । କିଛି ଲୋକଙ୍କ ଭୁଲ ପାଇଁ ଆମେ ସମସ୍ତଙ୍କୁ ଦୋଷ ଦେଇ ପାରିବା ନାହିଁ ।

ସିନ୍ଧ୍ ପ୍ରଦେଶରେ ମେହଦ୍ ଜିଲ୍ଲା ଅନ୍ତର୍ଗତ ଥାରଡ଼ି ଗାଁରେ ଜଣେ ବ୍ୟବସାୟୀ ଥିଲେ କୋଙ୍ଗୋମଲ । ନିଜେ ହିନ୍ଦୁଧର୍ମାବଲମ୍ବୀ ହୋଇଥିଲେ ସୁଦ୍ଧା ଗାଁର ମୁସଲମାନଙ୍କ ସହ ତାଙ୍କର ଖୁବ୍ ଭଲ ସମ୍ପର୍କ । ୱାଧେରୋ (ଗାଁ ମୁଖିଆ) ଜାନ୍ ମୁହମ୍ମଦ ଥିଲେ ତାଙ୍କର ବାଲ୍ୟବନ୍ଧୁ । ଜମିଦାର ଅଲୀ ମୁରାଦ୍ ଥିଲେ ବୋତଲ ବନ୍ଧୁ, ଦୁହେଁ ସାଙ୍ଗରେ ବସି ପିଉଥିଲେ ମଦ । ୧୯୪୬ ମସିହାର ସିନ୍ଧ୍ ବିଧାନସଭା ନିର୍ବାଚନ ବେଳେ ଜାନ୍ ମୁହମ୍ମଦ ଓ ଅଲୀ ମୁରାଦ ଉଭୟେ ନାମାଙ୍କନ ପତ୍ର ଦାଖଲ କରିବାରୁ ଭାରି ଅଡୁଆରେ ପଡ଼ନ୍ତି କୋଙ୍ଗୋମଲ । କାହାକୁ ସମର୍ଥନ କରିବେ ? ଦୁହେଁ ଚାହୁଁଥାନ୍ତି ତାଙ୍କର ସହଯୋଗ । ଖୁବ୍ ଭାବିଚିନ୍ତି ଜମିଦାର ଅଲୀ ମୁରାଦଙ୍କ ପକ୍ଷରେ ଯୋଗ ଦିଅନ୍ତି, କାରଣ ସେ ଥାଆନ୍ତି ମୁସଲିମ୍ ଲିଗ୍ ବିପକ୍ଷ ଦଳରେ । ଶେଷକୁ ଅଲୀ ମୁରାଦ ବିଜୟୀ ମଧ୍ୟ ହୁଅନ୍ତି । ଫଳାଫଳ ଘୋଷିତ ହେବା ଦିନ ସନ୍ଧ୍ୟାରେ ମୁରାଦ୍, ତାଙ୍କ ବଡ଼ଭାଇ ହମିଦ୍ ଖାନ୍ ଓ କୋଙ୍ଗୋମଲ ତିନିହେଁ ଗୋଟେ ସ୍ଥାନରେ ଏକତ୍ରିତ ହୋଇ ଖାଇପିଇ ଖୁବ୍ ମଜା କରନ୍ତି । ନିର୍ବାଚନ ପ୍ରଚାର ବେଳେ ଦିନରାତି ଏକ୍ କରି ବହୁତ ଖଟିଥିଲେ କୋଙ୍ଗୋମଲ । ସେଇଥିପାଇଁ ତ ବିଜୟ ସମ୍ଭବ ହୋଇ ପାରିଛି । ନହେଲେ ମୁସଲମାନ ବହୁଳ ଅଞ୍ଚଳରେ ଲିଗ୍ ବିପକ୍ଷରେ ଜିତିବା ବଡ଼ ମୁସ୍କିଲ । ତେଣୁ ଜମିଦାର ଭ୍ରାତୃଦ୍ୱୟ ଥାଆନ୍ତି ଅନୁଗୃହୀତ । ହମିଦ୍ ଖାନ୍ ପ୍ରସ୍ତାବ ରଖନ୍ତି ତାଙ୍କ ଜମି ଲିଜ୍‌ରେ ନେଇ ସେ ଚାଷ କରନ୍ତୁ ବୋଲି । କୋଙ୍ଗୋମଲ ବନ୍ଧୁତ୍ୱ ଭିତରେ ବ୍ୟବସାୟିକତା ଚାହୁଁ ନଥିବାରୁ ଲିଜ୍ ନେବାକୁ ଅମଙ୍ଗ ହେବାରୁ ଦୁଇଭାଇ ବହୁତ ବୁଝାନ୍ତି । ତାଙ୍କ ଜମି ଅନ୍ୟମାନେ ଲିଜ୍‌ରେ ନେଇ ପ୍ରଚୁର ଲାଭବାନ ହେଉଛନ୍ତି । ତେଣୁ ସେ ଲାଭବାନ୍ ହେଲେ କ୍ଷତି କ'ଣ ? ଅମଳ ପରେ ତାଙ୍କୁ ତାଙ୍କ ଭାଗ ଠିକ୍ ସମୟରେ ଦେଇଦେଲେ କାମ ଫତେ । କୃତଜ୍ଞତାର ବୋଝ ମୁଣ୍ଡ ଉପରେ ଥିଲା ଭଳିଆ ଆଉ ତାଙ୍କୁ ଲାଗିବନି ।

ବନ୍ଧୁ ଜାନ୍ ମୁହମ୍ମଦ ଏ କଥା ଶୁଣି ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହନ୍ତି । ଆଦୌ ହାତଛଡ଼ା କରିବା କଥା ନୁହେଁ । ଦଶ ରୁ ବାର ହଜାର ଟଙ୍କା ଖଟାଇଲେ ଅମଳ ବେଳକୁ ଆୟ ହେବ ପ୍ରାୟ ଚାଳିଶ ହଜାର । ନିଷ୍ପତ୍ତି ନେବାରେ ବିଳମ୍ବ କଲେ ଜମି କାଜୀ ହାତକୁ ବି ଚାଲିଯାଇ ପାରେ । ଜମିଦାର ଭ୍ରାତୃଦ୍ୱୟ କୋଙ୍ଗୋମଲ ଭରସାରେ ବର୍ଷେ ପାଇଁ ତାଙ୍କ ଜମିକୁ ତ ଆଉ ପଡ଼ିଆ ପକେଇବେନି । ସେଇ ସମାନ କଥା ମୁରାଦ ସାଙ୍ଗରେ କାଜୀ ବି ଦିନେ ଆସି ତାଙ୍କୁ କହେ । ପୂର୍ବରୁ ସେ ସେଇ ଜମି ଚାଷ କରୁଥିଲା । ଖୁବ୍ ଉର୍ବର । ଏଇଟା ହିଁ ଚାଷ ଆରମ୍ଭ କରିବାର ପ୍ରକୃଷ୍ଟ ସମୟ । ଧନଦେବୀଙ୍କୁ ଗୋଡ଼ରେ ଆଡ଼େଇଦେବା ଉଚିତ ନୁହେଁ ।

ଶେଷରେ କୋଙ୍ଗୋମଲ ଚାଷ କରିବାକୁ ରାଜି ହୁଏ । ହେଲେ ସେ ବାପୁଡ଼ା ବେପାରୀ ଲୋକ । କି ଚାଷ କରିବ ସେ ବିଷୟରେ କିଛି ଧାରଣା ନଥାଏ ତା'ର । ଅଲୀ ମୁରାଦ୍ ତାକୁ ଜମିରେ କପାଚାଷ କରିବାକୁ କହନ୍ତି । କପାରେ ବହୁତ ଲାଭ । ହେଲେ ସେଥିପାଇଁ ଜୈକବାବାଦ୍‌ରୁ ଗୋଟେ ରଷ୍ଟିଙ୍ଗ ମେସିନ୍ କିଣି ଆଣିବାକୁ ପଡ଼ିବ । ବିଳମ୍ବ ନକରି ତା'ପରଦିନ କୋଙ୍ଗୋ ଯାଏ ଜୈକବାବାଦ । ସପ୍ତାହେ ଭିତରେ ଗାଁକୁ ଫେରେ ମେସିନ୍‌ର ରସିଦ୍ ପକେଟରେ ପୂରାଇ । ନିଜେ ସେଠିକା ରେଲଷ୍ଟେସନ୍‌ରେ ସେ ମେସିନ୍ ବୁକ୍ କରି ଆସିଛି । ପନ୍ଦର ଦିନ ପରେ ବି ମେସିନ୍ ପହଞ୍ଚି ପାରେନି ଥାରଡ଼ି । କାଜୀ ତାକୁ ଆସି ମେସିନ୍ କଥା ପଚାରି କହେ କପାମଞ୍ଜି ଲଗେଇବାର ଦିନ ଗଡ଼ି ଗଲାଣି । ଏବେ ଲଗେଇଲେ ଭଲ ଉଧେଇବନି ଗଛ । ମେସିନ୍ ଅପେକ୍ଷାରେ ନରହି ବିଲରେ ବାଜରା ବୁଣିଦେବା ଭଲ । ବାଜରାଟା ବି ଭଲ ଅର୍ଥକାରୀ ଫସଲଟିଏ । ଆଉ କିଛିଦିନ ପରେ ତା'ସମୟ ବି ଚାଲିଯିବ । କାଜୀଙ୍କ ଉପଦେଶ ମାନି କୋଙ୍ଗୋମଲ ସକ୍ରିୟ ହୋଇଉଠେ । କୌଣସି ଲିଖିତ କାଗଜପତ୍ର ବିନା କେବଳ ବନ୍ଧୁଙ୍କ କଥାରେ ହିଁ ସେ ବନିଯାଏ ଭାଗଚାଷୀ । ବିଲରେ କାମ କରିବାକୁ ମୁଲିଆ ଯୋଗାଡ଼ କରି ସେମାନଙ୍କୁ ମଞ୍ଜି ଓ ଅଗ୍ରୀମ ପାରିଶ୍ରମିକ ବି ଦେଇଦିଏ । ଖତସାରରେ କୌଣସିଥିରେ ହେଳା ବି କରେନି । ଅମଳ ହୁଏ ଖର୍ଚ୍ଚ ମୁତାବକ । ଲୋକେ ଦେଖି ପରସ୍ପର ଭିତରେ କଥାବାର୍ତ୍ତା ହୁଅନ୍ତି କୋଙ୍ଗୋମଲ ଟି ଭାରି ଭାଗ୍ୟବାନ ବୋଲି । ହେଲେ ଏବେ ବି ତା'ର ଭାଗ୍ୟ ନିର୍ଣ୍ଣିତ ହେବାର ବାକି ଥାଏ । ପାକିସ୍ଥାନ ଗଠନ ସହ ଆରମ୍ଭ ହୋଇସାରିଥାଏ ହିନ୍ଦୁଙ୍କ ପଳାୟନ । ଆନନ୍ଦମନରେ କିଛି ଲୋକ ଉତ୍ସବର ଆୟୋଜନ କରୁଥିବା ବେଳେ ଆଉ କିଛି ଗଭୀର ଦୁଃଖରେ ଆପଣା ପେଡ଼ି ପୁଟୁଳି ବାନ୍ଧୁଥାନ୍ତି ଦେଶାନ୍ତରୀ ହେବାପାଇଁ । କୋଙ୍ଗୋମଲଙ୍କର କିନ୍ତୁ ଆଦୌ ଚିନ୍ତା ନଥାଏ । ଯେଉଁମାନେ ହିନ୍ଦୁ ସମ୍ପ୍ରଦାୟର ଶତ୍ରୁ ସେମାନଙ୍କର ସହ ତ ତାଙ୍କର ଖୁବ୍ ଆତ୍ମୀୟ ସମ୍ପର୍କ । ସେ ଆଉ ଭୟ କରିବେ କାହାକୁ ଯେ ?

ଥାରଡ଼ି ଗାଁର ହିନ୍ଦୁମାନେ ଆସ୍ତେ ଆସ୍ତେ ଗାଁ ଛାଡ଼ି ସୀମା ଆରପାରିକୁ ଚାଲିଯାଉଥାନ୍ତି । କୋଙ୍ଗୋମଲ ତାଙ୍କ ଭାଇମାନଙ୍କୁ ସାହସ ଦେଇ କହନ୍ତି କିଛି ଭୟ କରିବାର ନାହିଁ ବୋଲି । କାହାର ସାହସ ଅଛି ଯେ ତାଙ୍କ ଆଡ଼କୁ ଆଙ୍ଗୁଳି ଉଠେଇବ ? କୁଆଡ଼େ ଯାଇ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବା ଅପେକ୍ଷା ସେଇଠି ନିଜ ଗାଁରେ ହିଁ ରହିବା ଭଲ । ହେଲେ ତାଙ୍କ ବିରୁଦ୍ଧରେ ଯେ ଗୋଟେ ଚକ୍ରାନ୍ତ ଦାନା ବାନ୍ଧିସାରିଛି ସେ ବିଷୟରେ ସେ ଆଦୌ ଟେର୍ ପାଇ ନଥାନ୍ତି । ଚକ୍ରାନ୍ତର ମୁଖ୍ୟ ନାୟକ ଥିଲା ସେଇ କାଜୀ, ଯିଏ ତାଙ୍କୁ ଚାଷ କରିବା ପାଇଁ ଖୁବ୍ ଉସ୍‌କେଇଥିଲା କିଛିଦିନ ପୂର୍ବେ । କେତେ ବର୍ଷରୁ ଚାଷ କରି ଆସୁଥିବା ଜମି ତାକୁ ନଦେଇ ଜମିଦାର ତାଙ୍କ ବନ୍ଧୁ କୋଙ୍ଗୋମଲକୁ ଦେବା କଥାଟି ତାକୁ ଖୁବ୍ ବାଧିଥାଏ । ଉପରେ କୌଣସି ଭାବ ପ୍ରକାଶ ନକରି ସେ କୋଙ୍ଗୋକୁ ଉକ୍ତ ଜମି ଚାଷ କରିବାକୁ ଉତ୍ସାହିତ କରିଥିଲା । ଶିକ୍ଷିତ ଓ ଚତୁର କାଜୀ ବୋଧେ ବଦଳୁଥିବା ପରିସ୍ଥିତିରୁ ଆଗାମୀ ଭବିଷ୍ୟତ ବିଷୟରେ ଧାରଣା କରି ଠିକ୍ ସମୟରେ କୋଙ୍ଗୋକୁ ପାନେ ଦେବାକୁ ମନସ୍ଥ କରିଥାଏ । ପ୍ରଥମେ ସେ ବଡ଼ ଜମିଦାର ହମିଦ୍ ଖାନ୍‌ଙ୍କୁ ଯାଇ ଚୁପି ଚୁପି କହେ ହିନ୍ଦୁମାନଙ୍କର ପଳାୟନ ବିଷୟରେ । କୋଙ୍ଗୋ ଓ ତାର ଭାଇମାନେବି ଅଧିକ ଦିନ ସେଇଠି ରହି ପାରିବେନି । ନିଜ ଜିନିଷପତ୍ର ଧରି ଭାରତ ଚାଲିଯିବେ । ହମିଦ୍ ଖାନ୍ କାଜୀଙ୍କ ଭଳି କୁଟିଳ ପ୍ରକୃତିର ନଥିଲେ । ତାଙ୍କ ମନ ପରିବର୍ତ୍ତନ କରିବାକୁ କାଜୀ ଖୁବ୍ ଚେଷ୍ଟା କରେ । ନୂଆ ଦେଶ ଗଢ଼ା ହେଲାଣି । ପାକିସ୍ଥାନର ଧନସମ୍ପତ୍ତି ପାକିସ୍ଥାନରେ ହିଁ ରହିବା କଥା । ତାହା ଭାରତ କାହିଁକି ଯିବ ଯେ ? ଦେଶର ଭଲ ଚାହିଁବା କ'ଣ ପ୍ରତ୍ୟେକ ସୁନାଗରିକର କର୍ତ୍ତବ୍ୟ ନୁହେଁ ? ଦେଶ କଥା ଆସିବାରୁ ଆସ୍ତେ ଆସ୍ତେ ହମିଦ୍ ଖାନ୍‌ଙ୍କ ମନ ପରିବର୍ତ୍ତନ ହେବାକୁ ଲାଗେ । ଆରେ ପ୍ରକୃତ ସତକଥା ତ ! ଏତେ ସୁନ୍ଦର ବାଜରା ହୋଇଛି ତାଙ୍କ ଜମିରେ । ତା'ର କିଛି ଅଂଶ ଭାରତ ଚାଲିଯିବା ଆଦୌ ଉଚିତ ହେବନି ।

କାଜୀ କିଛି ଭିନ୍ନ ବାଗରେ ଅଲୀ ମୁରାଦ୍‌ଙ୍କ ମନ ଜିଣିବାକୁ ଚେଷ୍ଟା କରି ତାଙ୍କୁ ମୁସଲିମ୍ ଲିଗ୍‌ରେ ଯୋଗ ଦେବାକୁ ପ୍ରବର୍ତ୍ତାଏ । ନବଗଠିତ ଦେଶରେ ଏଥର ଲିଗ୍‌ର ଶାସନ ଚାଲିବ । ଏଇ ସମୟରେ ଦଳ ପରିବର୍ତ୍ତନ କରି ଲିଗ୍‌ରେ ଯୋଗ ଦେଲେ ଆପଣା ଲୋକପ୍ରିୟତା ତଥା କର୍ମକୁଶଳତା ଯୋଗୁଁ ଖୁବ୍ ଶୀଘ୍ର ପ୍ରାଦେଶିକ ସ୍ତରରେ ମନ୍ତ୍ରୀ ବନିଯିବାର ସମ୍ଭାବନା ରହିଛି । କାଜୀର କଥା ଶୁଣି ମୁରାଦ୍ ଭାବନ୍ତି ଦଳ ବଦଳ କଲେ କ'ଣ ସେ ମନ୍ତ୍ରୀପଦ ର ହକ୍‌ଦାର ହୋଇ ପାରିବେ ? କାହିଁ କେତେ ବର୍ଷରୁ ପରା ୱାଧେରୋ ଜାନ୍ ମୁହମ୍ମଦ ସେଇ ଦଳରେ ରହିଛି । ଠିକଣା ଜାଗାରେ ତୀର ଯାଇ ଲାଗିଥିବା ଦେଖି କାଜୀ ଭିତରେ ଭିତରେ ଖୁସି ହୋଇ କହେ, ଧର୍ମ ଓ ସମ୍ପ୍ରଦାୟର ମହତ୍ ସ୍ୱାର୍ଥ ଦୃଷ୍ଟିରୁ ଜାନ୍ ମୁହମ୍ମଦ ଆଉ ଜମିଦାରଙ୍କ ପ୍ରତି ଈର୍ଷାନ୍ୱିତ ହେଉ ନଥିବେ । ତେବେ ମୁସଲମାନଙ୍କ ବିଶ୍ୱାସ ଜିତିବା ପାଇଁ କାଫେର କୋଙ୍ଗୋମଲକୁ ଜମି ଓ ବର୍ତ୍ତମାନର ଅମଳ ପାଖରୁ ଦୂରରେ ରହିବାକୁ ନିର୍ଦ୍ଦେଶ ଦେବାକୁ ହେବ । ୱାଧେରୋ ସାହେବ୍ ବି ଆଉ କୋଙ୍ଗୋକୁ ପୂର୍ବପରି ପସନ୍ଦ କରୁ ନାହାନ୍ତି । ପାକିସ୍ଥାନ ମୁସଲମାନଙ୍କର, ହିନ୍ଦୁଙ୍କ ସ୍ଥାନ କାହିଁକି ଏଠି ରହିବ ଯେ ? ସିଏ ସବୁକିଛି ବିକି ଭାଙ୍ଗି କେମିତି ପଳେଇବ ସେଇ ଓର ଉଣ୍ଡୁଛି । ଆମ ଦେଶରେ ଉପାର୍ଜିତ ଧନ ଭାରତରେ ନିବେଶ କରିବା ତାର ଉଦ୍ଦେଶ୍ୟ । ଅଲୀ ମୁରାଦ୍‌ଙ୍କ ମନ ଆସ୍ତେ ଆସ୍ତେ ବଦଳିବାକୁ ଲାଗେ । ଏଇ ଚକ୍ରାନ୍ତର ସୁରାକ୍ କୋଙ୍ଗୋମଲଙ୍କୁ ମିଳେ ଜମିଦାର ଘର ଗୋଟେ ଭୃତ୍ୟ ପାଖରୁ । ହେଲେ ସେ ବାଲ୍ୟବନ୍ଧୁଙ୍କ ଉପରେ ଆଦୌ ସନ୍ଦେହ କରି ପାରନ୍ତିନି । ଜମିଦାରଙ୍କ ଘରକୁ ବୁଲି ଯିବାରୁ ତାଙ୍କୁ ପୂର୍ବଭଳି ଆଦର ମିଳେ । ତିନିବନ୍ଧୁଙ୍କର ଏକାଠି ବସି ଚାଲେ କବାବ୍ ଓ ମଦର ଆସର । କଥା ମଝିରେ କୋଙ୍ଗୋ ଜମିରେ ହୋଇଥିବା ବାଜରାର ଭାଗ କଥା ଉଠାନ୍ତି । ଯେତେଶୀଘ୍ର ସେସବୁ ସରିଗଲେ ସେ ଭାରତ ଯିବାର ଆୟୋଜନ କରିବେ । ସେଇ ଭାଗବାଣ୍ଟ ପାଇଁ ହିଁ ସେ ତାଙ୍କ ଭାଇମାନଙ୍କୁ ଅଟକାଇ ରଖିଛନ୍ତି । ଜମିଦାର ଭ୍ରାତୃଦ୍ୱୟ କିନ୍ତୁ କଥାଟିକୁ ଟାଳିବା ଆରମ୍ଭ କରନ୍ତି । ଏଥିରେ ଏତେ ଛାନିଆଁ ହେବାର କ'ଣ ଅଛି ଯେ ! ଭାଗ ହେବା ସମୟରେ ହେବ । ସିଏ କାହିଁକି ଛାଡ଼ିକି ଯିବା କଥା ଚିନ୍ତା କରୁଛନ୍ତି ? ଏଠି ତାଙ୍କର ତ କିଛି ଅସୁବିଧା ନାହିଁ । ହମିଦ୍ ଖାନ୍ ବି ସେଇ ସମାନ କଥା କହନ୍ତି, ବନ୍ଧୁମାନଙ୍କ ଭିତରେ ଏଇ ବ୍ୟବସାୟିକ ଭାଗବାଣ୍ଟ କ'ଣ ଯେ ! କିଛି ଭାଗ ହେବନି କି ସେ ବି ସିନ୍ଧ୍ ଛାଡ଼ି କୁଆଡ଼େ ଯିବେନି । ଜମିଦାର ଭ୍ରାତୃଦ୍ୱୟଙ୍କ ବଦଳିଥିବା କଥାର ଢଙ୍ଗରେ ଆଶ୍ଚର୍ଯ୍ୟ ତଥା ଭୟଭୀତ ହୋଇଯାନ୍ତି କୋଙ୍ଗୋମଲ । ସେ ସିନ୍ଧ୍ ଛାଡ଼ି ଯିବେ କି ନଯିବେ ସେଇଟା ତାଙ୍କ ଇଚ୍ଛା । ହିନ୍ଦୁମାନେ ସମସ୍ତେ ଚାଲିଗଲେ ଏକୁଟିଆ ସିଏ କେମିତି ରହିବେ ଯେ ? ଚୁକ୍ତି ମୁତାବକ ଅମଳ ପରେ ନେଣଦେଣର ମାମଲା ଯେତେ ଶୀଘ୍ର ତୁଟିଯିବା ଭଲ । ହେଲେ ଏମାନେ ତ ତା' କଥାକୁ କର୍ଣ୍ଣପାତ୍ ସୁଦ୍ଧା କରୁ ନାହାନ୍ତି । ତାଙ୍କ ଭିତରେ ତେବେ ସ୍ୱାର୍ଥ ଆପଣା ପ୍ରଭାବ ବିସ୍ତାର କଲାଣି । ପକ୍କା ପାକିସ୍ଥାନୀ ବନିଗଲେଣି ଦୁହେଁ ।

ଖଳାରେ ବାଜରା ପାହାଡ଼ ପ୍ରମାଣେ ଗଦା ହୋଇ ରହିଥାଏ । କୋଙ୍ଗୋମଲ ସେଠାକୁ ଯିବାର ଅଧିକାର ହରେଇବାରୁ ଖୁବ୍ ଉଦାସ ହୋଇ ପଡ଼ନ୍ତି । ବାଜରା ପ୍ରତି ଆଉ ମୋହ ନରଖି ଶୀଘ୍ର ସିନ୍ଧ୍ ଛାଡ଼ି ଚାଲିଯିବାକୁ ଭାଇମାନେ ପରାମର୍ଶ ଦିଅନ୍ତି । କେତେ ହଜାର ଟଙ୍କା ପାଇଁ ଆପଣା ଜୀବନକୁ ବାଜି ଲଗେଇବା ବୁଦ୍ଧିମାନୀ ନୁହେଁ । କାହାରି କଥା ନଶୁଣି କୋଙ୍ଗୋ ମେହଦ୍ ଯାଆନ୍ତି ଜଣେ ପରିଚିତ ଓକିଲଙ୍କୁ ଭେଟିବାକୁ । ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଇ ଝାମେଲାରେ ନପଡ଼ିବା ପାଇଁ ସେ ବି ପରାମର୍ଶ ଦିଅନ୍ତି । କୋର୍ଟ ପରିସରରୁ ନିରାଶ ହୋଇ ଫେରୁଥିବା ବେଳେ ଇନ୍ସପେକ୍ଟର ଅତା ଅଲ୍ଲାଙ୍କ ସହ ଭେଟ ହୁଏ । ପୂର୍ବେ ସେ ଥାରଡ଼ିରେ ସବ୍-ଇନ୍ସପେକ୍ଟର ଥିଲେ । ଆଚରଣରେ ମାତ୍ରାଧିକ ନିଷ୍ଠୁରତା ଯୋଗୁଁ ଚାକିରିରୁ ବରଖାସ୍ତ ହେବାକୁ ଯାଉଥିବା ବେଳେ କୋଙ୍ଗୋମଲଙ୍କ ସାହାଯ୍ୟ ଫଳରେ ସେ ବର୍ତ୍ତି ଯାଇଥାନ୍ତି । ହଠାତ୍ ତାଙ୍କୁ ଦେଖି ଖୁବ୍ ଖୁସିହୋଇ କରମର୍ଦ୍ଦନ କରି କୋର୍ଟକୁ କାହିଁକି ଆସିଥିଲେ ବୋଲି ପଚାରନ୍ତି ଇନ୍ସପେକ୍ଟର । ପ୍ରଥମେ କହିବାକୁ ଅମଙ୍ଗ ହୁଅନ୍ତି କୋଙ୍ଗୋମଲ । କହି ଲାଭ କ'ଣ ଯେ, ଇଏ ବି ତ ଜଣେ ମୁସଲମାନ । ହେଲେ ଅଧିକ ସମୟ ଚୁପ୍ ରହି ନପାରି ସବୁକଥା ବଖାଣି ବସନ୍ତି ତାଙ୍କ ସମ୍ମୁଖରେ । ସବୁ ଧ୍ୟାନଦେଇ ଶୁଣି ସାରିବା ପରେ ଅତା ଅଲ୍ଲା କହନ୍ତି, "ଭାଇ କୋଙ୍ଗୋମଲ, ହାତର ସବୁ ଆଙ୍ଗୁଳି ସମାନ ନଥିବା ଭଳି ସବୁ ମୁସଲମାନ ଖରାପ ବି ନୁହନ୍ତି । ମୋତେ ଗୋଟେ ସପ୍ତାହ ସମୟ ଦିଅ । ମୁଁ ତୁମ ସମସ୍ୟାର ସମାଧାନ କରିଦେବି । ଏମିତି ଚାବି ମୋଡ଼ିବି ଯେ ସେମାନେ ତୁମ ଭାଗ ତୁମକୁ ଦେବା ସହ ନିଜ ନାକ ବି ଚଟାଣରେ ରଗଡ଼ିବେ ଦେଖିବ ।" ଗୋଟେ ସାଦା କାଗଜରେ କୋଙ୍ଗୋଙ୍କ ଦସ୍ତଖତ କରେଇ ନେଇ କାହାକୁ କିଛି ନକହି ଗାଁକୁ ଚାଲିଯିବାକୁ ନିର୍ଦ୍ଦେଶ ଦିଅନ୍ତି ।

ପାଞ୍ଚଦିନ ପରେ ୱାଧେରୋଙ୍କ ଘରକୁ କୋଙ୍ଗୋମଲଙ୍କୁ ଡକରା ହୁଏ । ସେଠି ଯାଇ ପହଞ୍ଚିଲା ବେଳେ ଅଲୀ ମୁରାଦ୍ ନିଜ ପଗଡ଼ି ଇନ୍ସପେକ୍ଟରଙ୍କ ପାଦ ପାଖରେ ରଖି ନେହୁରା ହୋଇ କହୁଥାନ୍ତି ଗିରଫ୍ ପରୱାନା ଫେରେଇ ନେବାପାଇଁ । କୋଙ୍ଗୋ ଯାହା ଚାହିଁବେ ସେ ତାହା କରିବାକୁ ରାଜି । ଇନ୍ସପେକ୍ଟର କିନ୍ତୁ ମାନିବାକୁ ନାରାଜ । ସେ ଉପର କୋର୍ଟରୁ ଅର୍ଡ଼ର ନେଇ ଆସିଛନ୍ତି । ଜଣେ ବିଧାନସଭାର ମାନ୍ୟବର ସଦସ୍ୟ, ଜଣେ ପ୍ରତିଷ୍ଠିତ ଜମିଦାର ଓ ଆଉଜଣେ ଗାଁର ଧର୍ମରକ୍ଷକ । ଏମାନେ ଯଦି ଆପଣା କର୍ତ୍ତବ୍ୟରେ ଖିଲାପ କରିବେ ତେବେ କାହା ପାଖରୁ ଆଉ ଭଲକାମ ଆଶା କରାଯିବ ? ଘରସାରା ପୋଲିସ ଛାଇଁ ହୋଇ ରହିଥାନ୍ତି । ହମିଦ୍ ଖାନ୍ ହାତ ଯୋଡ଼ି କୋଙ୍ଗୋମଲଙ୍କୁ ଅନୁରୋଧ କରୁଥାନ୍ତି ଅଭିଯୋଗପତ୍ର ଫେରେଇ ନେବାକୁ । ସେ କୋଙ୍ଗୋଙ୍କ ସବୁକଥା ମାନିବେ । ହେଲେ କୋଙ୍ଗୋ ଅଭିଯୋଗ ବିଷୟରେ କିଛି ଜାଣି ନଥିବାରୁ ଚୁପ୍‌ଚାପ୍ ଠିଆ ହୋଇଥାନ୍ତି । ଇନ୍ସପେକ୍ଟର ଅଭିଯୋଗ ପତ୍ର ଫେରସ୍ତ ହୋଇ ପାରିବନି ବୋଲି କହନ୍ତି । ସେମିତିହେଲେ ମିଥ୍ୟା ଆରୋପ ଅଭିଯୋଗରେ ଗିରଫ୍ ହେବେ ନିଜେ କୋଙ୍ଗୋମଲ । ସମାଧାନ ଚାହିଁଲେ ଭାଗଚାଷ, ଖର୍ଚ୍ଚ, ମେସିନ କିଣା ବାବଦକୁ ତାଙ୍କୁ କୋଡ଼ିଏ ହଜାର ଟଙ୍କା କୋଙ୍ଗୋଙ୍କୁ ଦେବାକୁ ପଡ଼ିବ । ଦୁଇକିସ୍ତିରେ ସେମାନେ ପଇସା ଦିଅନ୍ତି । ସବୁ ପଇସା ଆଦାୟ ପାଇଁ ସାତଦିନ ଜଗି ରହନ୍ତି ଇନ୍ସପେକ୍ଟର । ସମସ୍ୟା ସମାଧାନ ହେବାଯୋଗୁଁ ତାଙ୍କୁ ଧନ୍ୟବାଦ ଜଣେଇବାରୁ ଇନ୍ସପେକ୍ଟର କହନ୍ତି, "ନା କୋଙ୍ଗୋ । ତୁମେ ମୋ ପାଇଁ କରିଥିବା ଉପକାର ମୁଁ କେବେ ଶୁଝି ପାରିବିନି । ଏହା ତ ମୋର କର୍ତ୍ତବ୍ୟ ଥିଲା । ଯଦି ମୋତେ ପ୍ରକୃତରେ ଧନ୍ୟବାଦ ଦେବାକୁ ଚାହୁଁଛ ତେବେ ଗୋଟେ କାମ କରିବ । ଭାରତକୁ ଗଲେ ସେଠି କହିବ ଯେ ପାକିସ୍ଥାନରେ ସମସ୍ତେ ଖରାପ ନୁହନ୍ତି । ସେଠି ଖୁବ୍ ବିଶ୍ୱସ୍ତ ମୁସଲମାନ ବି ଅଛନ୍ତି ଆଉ ତାଙ୍କ ପାଖରେ କୃତଜ୍ଞତାବୋଧ ବି ଅଛି ।" (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୭ ଜାନୁଆରୀ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୨୪)



# ଦେବତା ବି ଅଘର ଆଜି !


ଡ. ରାଧାରଂଜନ ପଟ୍ଟନାୟକ


ଏଇ ଆମର ପୁଣ୍ୟଭୂମି ଭାରତ ବର୍ଷ। ତେତିଶ କୋଟି ଦେବତାଙ୍କ ଜନ୍ମ ବି ଏଇଠି ବୋଲି ପ୍ରତିଟି ହିନ୍ଦୁ ବିଶ୍ୱାସ କରନ୍ତି। ଆଜିକାଲି କିନ୍ତୁ ପ୍ରତି ମୁହୂର୍ତ୍ତରେ ନୂଆ ନୂଆ ଦେବତା ଜନ୍ମ ନେଉଥିବାର ଲକ୍ଷ୍ୟ କରାଯାଉଛି। ଜନବସତି ଭଳି ଦେବତାମାନଙ୍କ ବସତି ମଧ ବଢ଼ି ବଢ଼ି ଚାଲିଛି। କେଉଁଠି ପଥର ଖଣ୍ଡରେ ତ; ପୁଣି କେଉଁଠି ଦାରୁ ରୂପରେ। ଭକ୍ତିର ଭଗବାନ। ଭଗବାନ ତ ସବୁଠି, ଅନ୍ତରରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ।

ମାତ୍ର ଦୁର୍ଭାଗ୍ୟ; ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମ ହୋଇଥିବା ଏଇ ପବିତ୍ର ମାଟିରେ ବିବିଧ ଦେବଦେବୀଙ୍କୁ ଅନେକ ଅପାଂକ୍ତେୟ ସ୍ଥାନରେ ସ୍ଥାପନା କରାଯାଉଛି। ଦେବଙ୍କ ଠାରୁ ଦେବୀଙ୍କ ସଂଖ୍ୟା ସର୍ବାଧିକ। କେଉଁଠି କିଏ ପୂଜା ପାଉଛନ୍ତି ତ; ପୁଣି କେଉଁଠି କିଏ ଖରା ବର୍ଷା ଶୀତ କାକର ଖାଇ ଅପୂଜା ରହୁଛନ୍ତି। ଏମିତି ବି ଲଗାଯାଇଥିବା ସିନ୍ଦୁର ବି ଧୋଇ ଧୋଇ କିମ୍ଭୁତ କିମ୍ଭାକାର ଦେଖାଯାଉଛି। ସତରେ ଦେବଦେବୀଙ୍କ ଭାଗ୍ୟରେ କ'ଣ ଏଇ ଜାତକ ଲେଖା ହୋଇଛି ? କେଉଁ ଦେବୀ ଆରବ ପତି ତ, ପୁଣି କେଉଁ ଦେବୀ ଅଘର। ରାସ୍ତା କଡ଼ କିମ୍ବା କେଉଁ ଅନାମଧେୟ ଗଛ ମୂଳ ଏମାନଙ୍କ ଆଶ୍ରୟ ସ୍ଥଳ। ଯଦି ଭାଗ୍ୟରେ ଥାଏ, ତେବେ କୌଣସି ପୂଜକ ପୂଜା କରିଥାଏ। ମାତ୍ର ସଂପ୍ରତି ସ୍ୱାର୍ଥସର୍ବସ୍ୱ ଦୁନିଆରେ କିଏ ବା କାହିଁକି ପୂଜା କରିବ ? ସଭିଏଁ ତ ଅର୍ଥର ଗୋଲାମ। ବିନା ଅର୍ଥରେ କେହି କେବେ କ'ଣ ସ୍ୱଇଚ୍ଛାରେ ପୂଜାପାଠ କରିଥାଏ ? ବୋଧ ହୁଏ ନା।

ସତେକି ଦୟନୀୟ ଆମର ଦେବଦେବୀମାନେ ! କିଏ ଅମୀର ତ ପୁଣି କିଏ ଫକୀର। ତେଲିଆ ମୁଣ୍ଡରେ ତେଲ ଢ଼ାଳିବା ରୀତିରେ ଚିରାଚରିତ ଭକ୍ତମାନେ ବିତ୍ତଶାଳୀ ଦେବତାଙ୍କ ହୁଣ୍ଡିରେ କେତେ କେତେ ସୁବର୍ଣ୍ଣ ଅଳଙ୍କାର ଏବଂ ଅର୍ଥ ଦାନ କରିଥାନ୍ତି। କେହି କେହି ତ ନିଜ ଓଜନର ପଦ୍ମଫୁଲବି ଅର୍ପଣ କରିଥାନ୍ତି। ମାତ୍ର ରାସ୍ତାକଡ଼ରେ ପ୍ରତିଷ୍ଠା କରାଯାଇଥିବା ଦେବୀଙ୍କ ପ୍ରତି କାହାରି ନଜର ନଥାଏ। ସମ୍ଭବତଃ ଭାରତ ହେଉଛି ବିଶ୍ୱର ଏକ ମାତ୍ର ଦେଶ, ଯେଉଁଠି ମୂର୍ତ୍ତି ପୂଜକ ମାନେ ଜନ୍ମ ନେଇଥାନ୍ତି। ମନେ ହୁଏ, ସତେ ଯେମିତି ଏମାନଙ୍କ ପାଇଁ ମୂର୍ତ୍ତି ସବୁ ଶୂନ୍ୟରୁ ଉହ୍ଲାଇ ଆସନ୍ତି।


ଆମ ଦେଶ ମୂର୍ତ୍ତି ଉତ୍ପାଦନର ବିରାଟ କାରଖାନା। ଏଠିକାର ମୂର୍ତ୍ତି ଶିଳ୍ପ ବିଶ୍ୱବିଖ୍ୟାତ। ଏକ୍ସପୋର୍ଟ ଆଇଟମ ମଧ ହେଉଛି ଏହି ମୂର୍ତ୍ତି। ବିଗତ ତିରିଶ ବର୍ଷ ଭିତରେ ମୂର୍ତ୍ତି ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି। ସେହି ଅନୁପାତରେ ପୂଜକ ସଂଖ୍ୟା ମଧ ବଢ଼ିଛି। ସତରେ ବିଚିତ୍ର ଏଇ ପୂଜକ ମାନଙ୍କର ଦର୍ଶନ (Philosophy)। ସେମାନେ ପୂଜା କରନ୍ତି କେବଳ ଅଘଟଣ ସମୟରେ ବର୍ତ୍ତି ଯିବା ପାଇଁ। ଯଦି କିଛି ଫାଇଦା ହୁଏ, ତେବେ ହନୁମାନଙ୍କ ଠାରୁ ବଦ୍ରୀନାରାୟଣଙ୍କ ଉଚ୍ଚତା ପର୍ଯ୍ୟନ୍ତ ମୂର୍ତ୍ତି ପ୍ରତିଷ୍ଠା କରାଇ ତାଙ୍କ ସାମ୍ନାରେ ମୁଣ୍ଡ ନୁଆଇଁ ଥାନ୍ତି।


ସବୁ ଦେବତାଙ୍କ ଭାଗ୍ୟରେ ନଥାଏ ମନ୍ଦିର। ଯେଉଁଠି ମିଳିଲା, ସେଇଠି ସ୍ଥାପିତ ହୋଇଥାନ୍ତି, କିଛି ଭକ୍ତ ବେଶ୍ କିଛି ଘଣ୍ଟା ଖୋଳ ବଜାନ୍ତି। ପୂଜା ଅର୍ଚ୍ଚନା କରନ୍ତି। ଝୁଣା ବି ଦିଅନ୍ତି। ଏମାନଙ୍କ ଯୋଗୁଁ ପଥ ବି ଦେବତା ରଥ ବି ଦେବତା ପାଲଟି ଯାଆନ୍ତି। ବାସ୍ତବରେ ଦେଖାଯାଉଛି ଅନେକ ମୂର୍ତ୍ତି ଯାଯାବର ଭଳି ଏଣେ ତେଣେ ପଡ଼ିଥାଆନ୍ତି। ଯେମିତି ଏମାନଙ୍କର ଆଗ ପଛ କିମ୍ବା ଭୂତ ଭବିଷ୍ୟତ କିଛି ନାହିଁ। ବୋଧହୁଏ ଏମାନେ କୌଣସି ଧାର୍ମିକ କ୍ରାନ୍ତି ପାଇଁ ପ୍ରତୀକ୍ଷା କରିଛନ୍ତି ବର୍ଷ ବର୍ଷ। ଯଦି ଏମିତି କ୍ରାନ୍ତି ସଫଳ ହୁଏ, ତେବେ ସେମାନଙ୍କୁ ଆଦରର ମନ୍ଦିର ମିଳିବ। ଏମ.ପି ଏବଂ ଏମ.ଏଲ୍.ଏ ଫଣ୍ଡରୁ ମଧ ଅର୍ଥ ଆସି ଏହି ସବୁ ମନ୍ଦିରର ରୂପରେଖ ଦିଆଯିବ। ଯଦି ବି ଏହା ସମ୍ଭବ ନ ହୁଏ, ତେବେ କୌଣସି ସ୍ମଗଲର କାନ୍ଧରେ ଲଦି ହୋଇ ବିଦେଶ ଯିବା ପସନ୍ଦ କରିବେ। ବିଦେଶକୁ ତ ସଭିଏଁ ଯାଆନ୍ତି। ପ୍ରଫେସର ଠାରୁ କଣ୍ଟ୍ରାକ୍ଟର ପର୍ଯ୍ୟନ୍ତ, ତେବେ ଏମାନେ ବା ଯିବେନି କାହିଁକି ?

ଆମ ଦେଶ ମୂର୍ତ୍ତି ଉତ୍ପାଦନର ବିରାଟ କାରଖାନା। ଏଠିକାର ମୂର୍ତ୍ତି ଶିଳ୍ପ ବିଶ୍ୱବିଖ୍ୟାତ। ଏକ୍ସପୋର୍ଟ ଆଇଟମ ମଧ ହେଉଛି ଏହି ମୂର୍ତ୍ତି। ବିଗତ ତିରିଶ ବର୍ଷ ଭିତରେ ମୂର୍ତ୍ତି ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି। ସେହି ଅନୁପାତରେ ପୂଜକ ସଂଖ୍ୟା ମଧ ବଢ଼ିଛି। ସତରେ ବିଚିତ୍ର ଏଇ ପୂଜକ ମାନଙ୍କର ଦର୍ଶନ (Philosophy)। ସେମାନେ ପୂଜା କରନ୍ତି କେବଳ ଅଘଟଣ ସମୟରେ ବର୍ତ୍ତି ଯିବା ପାଇଁ। ଯଦି କିଛି ଫାଇଦା ହୁଏ, ତେବେ ହନୁମାନଙ୍କ ଠାରୁ ବଦ୍ରୀନାରାୟଣଙ୍କ ଉଚ୍ଚତା ପର୍ଯ୍ୟନ୍ତ ମୂର୍ତ୍ତି ପ୍ରତିଷ୍ଠା କରାଇ ତାଙ୍କ ସାମ୍ନାରେ ମୁଣ୍ଡ ନୁଆଇଁ ଥାନ୍ତି। ଦେବତା ବି ମନଖୁସିରେ ପୂଜା ପାଆନ୍ତି।

ଖୁବ୍ ବିଶ୍ୱାସର ପ୍ରତୀକ ହେଉଛନ୍ତି ମୂର୍ତ୍ତି। ସେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟ ଜାଣିପାରନ୍ତି। ଯଦି କେହି ଜଣେ କାର ନେଇ ଆସେ, ତେବେ ଲାଇସେନ୍ସ ଅପେକ୍ଷାରେ, କେହି ଯଦି ପାଦରେ ଚାଲି ଚାଲି ଆସେ, ତେବେ ଚାକିରି ଉଦ୍ଦେଶ୍ୟରେ ପୁଣି କେହି ଯଦି ସ୍କୁଟରେ ଆସେ, ତେବେ ପ୍ରମୋଶନ ଲକ୍ଷ୍ୟରେ। ଏହି ରହସ୍ୟମୟ କଥାକୁ ଦେବଦେବୀ ଜାଣିପାରନ୍ତି। ଧର୍ମୀ ଅଧର୍ମୀ ସଭିଏଁ ଆସିଥାନ୍ତି। ନିଜ ନିଜର ମନ କଥା ଜଣାଇଥାନ୍ତି। ନେତା ଠାରୁ ମନ୍ତ୍ରୀ ଯାଏଁ ସଭିଏଁ ଦର୍ଶନଭିକ୍ଷୁ ହୋଇଥାନ୍ତି। ଏସବୁ ସତ୍ତ୍ୱେ ଆମର ଦେବ ଦେବୀ ଖୁବ୍ ଦୟନୀୟ ଭାବରେ ବିରାଜମାନ କରୁଛନ୍ତି। ବିରାଟକାୟ ହନୁମାନ ମୂର୍ତ୍ତି ସବୁ ପକ୍ଷୀମାନଙ୍କର ଶୌଚାଳୟ ପାଲଟିଛି। ରାସ୍ତାକଡ଼ରେ ସ୍ଥାପିତ ଦେବୀ ମୂର୍ତ୍ତି ପାଖରେ ନା ଅଛି ସ୍ୱଚ୍ଛତା ନା ଅଛି ମନ୍ତ୍ରପାଠ। କେବଳ ନିଜ ନିଜ ସ୍ୱାର୍ଥସିଦ୍ଧି ପାଇଁ ସଭିଏଁ ସକାମ ପୂଜାଅର୍ଚ୍ଚନା କରନ୍ତି। କିଏ ନେତା ହେବ, କାହାପାଇଁ ସୁଦୃଶ୍ୟ ପ୍ରାସାଦ ଦରକାର, କିଏ ବା ପ୍ରଚୁର ସମ୍ପତ୍ତିର ମାଲିକ ହେବ, ଏମିତି କଳ୍ପନାଜଳ୍ପନାର ଫୁଲ ଫୋପାଡନ୍ତି, ଧୂପ ବି ଦିଅନ୍ତି ବାସ୍ ଆଉ କ'ଣ ଦରକାର ଯେ !

ଆଜି ସମୟ ଆସିଛି। ସଭ୍ୟ ମଣିଷ ଆମ୍ଭେମାନେ। ଧର୍ମ ନାରେ ଏମିତି ଯତ୍ରତତ୍ର ଦେବଦେବୀଙ୍କୁ ସ୍ଥାପନ କରା ନ ଯାଉ। ଏକ ପବିତ୍ର ଭାବାବେଗରେ ପ୍ରାର୍ଥନା କଲେ ପ୍ରହ୍ଲାଦଙ୍କ ଭଳି ସବୁଠି ଦର୍ଶନ ପାଇବେ ଈଶ୍ୱରଙ୍କୁ। ସବୁଠି ସାନ୍ନିଧ ପାଇବେ ତାଙ୍କର।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


---

## ସ୍ମୃତି ଶତଦଳ ୧୭୯



# ॥ ନାଁ ଟି ତାର ସାସ୍ମା-୨ ॥


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


**ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ କୌଣସି କେସ୍‌କୁ ନିଶ୍ଚିତ ଭାବେ କେମିତି ଡେଲିଭରି ହେବ କହିହେବ ନାହିଁ । ନରମାଲ୍ ଡେଲିଭରି ନିଶ୍ଚୟ ହେବ ବୋଲି ଜାଣିଲେ ବି କେତେବେଳେ ସିଜରିଆନ୍ ହୁଏ ଏବଂ ଆଦୌ ନର୍ମାଲ୍ ଡେଲିଭରି ହୋଇ ପାରିବନି ବୋଲି ଭାବି ସିଜରିଆନ ସେକ୍‌ସନ୍ ପାଇଁ ପ୍ରସ୍ତୁତ ହେଲାବେଳେ ହଠାତ୍ ନରମାଲ୍ ଡେଲିଭରି ହୋଇଯାଏ । ଏହା ପ୍ରଭୁଙ୍କର ବିଚିତ୍ର ବିଧାନ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏମିତି ତ' ଦୀର୍ଘ ୪୦ ବର୍ଷ ଧରି ହଜାର ହଜାର ଡେଲିଭରି କରିଛି କିନ୍ତୁ କେତୋଟି ପେସେଣ୍ଟ କଥା ସଂପୂର୍ଣ୍ଣ ମନେ ରହିଯାଇଥାଏ । ଯାହା ବର୍ଷ ବର୍ଷ ଧରି ଭୁଲି ପାରିନାହିଁ । ପ୍ରାୟ ୧୯୮୪-୮୫ ମସିହାର କଥା । ଝିଅଟିଏ (ସ୍ନେହ) ମୋ ପାଖୁ ବଡ଼ବିଲ୍‌ରୁ ଆସି ଦେଖାଉଥାଏ । ତା'ର ପ୍ରଥମେ ଆଦୌ ପିଲାପିଲି ହେଉନଥିଲା । ତାପରେ ଚିକିତ୍ସା କଲା ପରେ ତା'ର ଗର୍ଭସଂଚାର ହେଲା ଏବଂ ଯେତେ କଷ୍ଟ ପଡ଼ିଲେ ମଧ ସେ ପ୍ରତିମାସରେ ବଡ଼ବିଲ୍‌ରୁ ଆସି ମୋ ପାଖରେ ଚେକ୍‌ଅପ୍ କରାଏ । ଥରଟିଏ ଅଳ୍ପଲେବର୍ ପେନ୍ ସହ ସେ ଆସି ଆମ ପାଖରେ ପହଞ୍ଚିଲା । ସେତେବେଳେ ଏତେ ସୁବିଧା ନଥିଲା । ତେଣୁ ତାକୁ ହସ୍‌ପିଟାଲରେ ଆଡ଼ମିଶନ୍ କରାଇ ଦେଲି । କିନ୍ତୁ ତାର ଏକା ଜିଦ୍ ଯେ ଆଉ କେହି ଛୁଇଁ ପାରିବେ ନାହିଁ, ଯାହା କରିବେ ଆପଣ ହିଁ କରିବେ ।

ଏପଟେ ଆମେ ବଜ୍ରକବାଟୀ ରୋଡ଼ ପାଖରେ ଭଡ଼ା ଘରେ ଥିବା ବେଳେ ଆମ ଘରପାଖରେ ଥିଲେ ଖ୍ରୀଷ୍ଟ କଲେଜର କେମେଷ୍ଟ୍ରି ବିଭାଗର ପ୍ରଫେସର ଡଃ ରଜନୀ ଶତପଥୀ । ତା'ଛଡ଼ା ତାଙ୍କର ମଧ ବିଜିନେସ୍ ଥିଲା । ତାଙ୍କର ଗୋଟଏ ଝିଅ ଓ ତିନୋଟି ପୁଅ ଥିଲେ ।

ଓ୍ୱିନି, ଗୋପାଳୀ, ନେପାଳୀ ଓ ଟୁକୁଲୁ - ତାଙ୍କ ସାନ ପୁଅ ଆମ ପୁଅ ସିଦ୍ଧାର୍ଥ ଠାରୁ ଟିକେ ବଡ଼ ଥିଲା । ସେମାନେ ଏମିତି ବି ଆମ ରିଲେସନ୍ ଥିଲେ । କାରଣ ରଜନୀ ଭାଇନା ମୋର ମାଉସୀ ପୁଅ ଭାଇ ବିନୁଭାଇନାଙ୍କର ଷଡ୍ଡୁ ଥିଲେ । ବିନୁ ଭାଇନାଙ୍କର ସ୍ତ୍ରୀ ସୁରମା ଭାଉଜଙ୍କର ବଡ଼ ଭଉଣୀ ଥିଲେ ରଜନୀ ଭାଇନାଙ୍କର ସ୍ତ୍ରୀ - ତେଣୁ ଖୁବ୍ ଭଲ ସଂପର୍କ ଥିଲା ଆମ ଦୁଇ ପରିବାର ଭିତରେ । ତାଙ୍କ ସାନ ପୁଅର ବ୍ରତଘର ସେମାନେ ଭୁବନେଶ୍ୱରରେ କରୁଥିଲେ ଏବଂ ଆମକୁ ନିମନ୍ତ୍ରଣ କରିଥିଲେ ।

ବ୍ରତଘର ପାଇଁ ଲଂଚ ବ୍ୟବସ୍ଥା ହୋଇଥିଲା । ତେଣୁ ପ୍ରାୟ ଦିନ ୧୨ଟା ସୁଦ୍ଧା ଆମର ଯିବା ବ୍ୟବସ୍ଥା ହେଲା । ଏମିତିକି ରମାରମଣ ଆଗରୁ ଆସି ଆମକୁ ନେଇ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । କେଁ ରହିଲା ମୋ ପାଖରେ - ମୁଁ ସକାଳୁ ଯାଇ ଲେବର୍‌ରୁମ୍‌ରେ ସ୍ନେହକୁ ଜଗିଥିଲି । ତା'ର ନର୍‌ମାଲ୍ ଡେଲିଭରି ହେବାର ଆଶା ରଖି ଭାବିଲି," ହେଉ ତ' ; ନରମାଲ୍ ଡେଲିଭରି କରି ଦେବି ତା' ପରେ ଯିବି ।" ଶେଷକୁ ପୁଅ ଝିଅ, ଭଲ ସାର୍ଟ ପେଣ୍ଟ ପିନ୍ଧି ପ୍ରସ୍ତୁତ ହୋଇଗଲେ । ମା' ଆସିଲେ ଆମେ ଯିବା ।" ଶେଷକୁ ବୋର୍ ହୋଇ ଫୁଟବଲ୍ ଖେଳିଲେ । ପେଣ୍ଟୁ ଖେଳି ଖେଳି ଥକିଗଲେ, ତଥାପି ମୋର କାମ ସରୁନାହିଁ । ପୁରା ହେଡ଼ ଆସି ଏଇଲେ ଡେଲି ଭରି ହୋଇଯିବ ବୋଲି ଭାବିଲା ବେଳକୁ ଡେରି ହେଉଛି; ଶେଷକୁ ମୁଁ ମୋର ସହକର୍ମୀ ଡାକ୍ତର ଓ ପି.ଜି. ଷ୍ଟୁଡେଣ୍ଟଙ୍କୁ ତା'ର ଭାର ଦେଇ ଆସିଲି, ଯେମିତି ହେଲେ ତା'ର ଡେଲିଭରି କରିଦେବାକୁ ଅନୁରୋଧ କରି ।

ଶେଷକୁ ଘରକୁ ଆସି ପୁଅ, ଝିଅଙ୍କୁ ପ୍ରସ୍ତୁତ କରାଇ, ଭୁବନେଶ୍ୱରରେ ପହଞ୍ଚିବା ବେଳକୁ ଭୋଜି ଶେଷ ହୋଇ ଆସିଲାଣି । ଆମେ ଶେଷ ଅତିଥି । ଭୋଜି ଶେଷ ହୋଇଯାଇଥିଲା, ତେଣୁ ଆମେ ଘରେ ଖାଇବୁ କହି ପଳେଇ ଆସିଲୁ । ବାଟରେ କେବଳ ପିଲାଙ୍କୁ 'ଆଇସକ୍ରୀମ୍' ଖୁଆଇ କଟକ ଫେରିବା ବେଳକୁ ସନ୍ଧ୍ୟା ୫ଟା ହୋଇଗଲା ।

ଅଧିକାଂଶ ବାହାଘର ଓ ବ୍ରତଘରରେ ଆମର ସେଇ ଅବସ୍ଥା ହିଁ ହୋଇଥାଏ । ଆମେ ଗଲାବେଳକୁ ପ୍ରାୟ ବହୁତ ଡେରି ହୋଇ ଯାଇଥାଏ, କେଉଁଠାରେ ମଧ ଖାଇବା ନ ଥାଏ । ଶେଷରେ ଆମେ ଆସି ଘରେ ଖାଉ । ତେଣୁ ସେଦିନ ଆମେ କଟକ ଫେରିବା ବେଳକୁ ପ୍ରାୟ ୫ଟା ବାଜି ଯାଇଥିଲା । ମୋର ମନେହେଲା ଯେମିତି ସେ ପେସେଣ୍ଟ୍ ବିକଳରେ ମତେ ଖୋଜୁଛି ଓ ଅପେକ୍ଷା କରି ରହିଛି । ତେଣୁ ମୁଁ ଡଃ ରମାରମଣଙ୍କୁ ଅନୁରୋଧ କଲି ଏସ.ସି.ବି. ମେଡ଼ିକାଲ୍ ଭିତର ଦେଇ ଗାଇନିକ୍ ଓ୍ୱାର୍ଡ଼ ପାଖକୁ ଯିବାକୁ । ପିଲାମାନେ ଓ ଡଃ ରମାରମଣ ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲେ "ଓଃ, ମା' ର ସବୁବେଳେ ସେଇ ଗାଇନିକ୍ ଡିପାର୍ଟମେଣ୍ଟରେ କାମ ଶେଷକୁ ମୁଁ ଓହ୍ଲାଇ ଗାଇନିକ୍ ଓ୍ୱାର୍ଡ଼ ପାଖରେ ପହଞ୍ଚିଲା ବେଳକୁ ତା' ସ୍ୱାମୀ ଆସି ଅଧାବାଟରେ ଠିଆ ହୋଇ ଭୋ' ଭୋ' କାନ୍ଦୁଛନ୍ତି । "ମ୍ୟାଡ଼ାମ୍ ଆପଣ ଏତେ ଡେରି କଲେ, ସ୍ନେହର ଏ ଯାଏଁ ଡେଲିଭରି ହୋଇନାହିଁ । ସିଜରିଆନ୍ ସେକ୍‌ସନ ପାଇଁ ତଳେ ଓ.ଟି.ରେ ଅଛି, ଅଥଚ କାହାକୁ ଛୁଆଁଇ ଦେଉନି ।"

ଓ.ଟି.ରେ ଡାକ୍ତର, ନର୍ସ ସବୁ ସ୍ତବ୍ଧ ହୋଇ ଠିଆ ହୋଇଛନ୍ତି । ମୁଁ ସଙ୍ଗେ ସଙ୍ଗେ ଓଟିକୁ ଗଲି । ସ୍ନେହ ଓ.ଟି, ବେଡ଼୍‌ରେ ମ୍ୟାଡାମ୍, ମୁଁ ବଡ଼ବିଲ୍‌ରୁ କେତେ ଆଶା ନେଇ ଆପଣଙ୍କ ପାଖକୁ ଆସିଛି, ମତେ ଆପଣ ଛାଡ଼ି ଦେଇ ଚାଲିଗଲେ, ଆପଣଙ୍କୁ ଅନାଇଁ ବସିଛି, ଆସନ୍ତୁ ଶୀଘ୍ର ମୋର ଅପରେସନ୍ କରିବେ ।" ମୁଁ ସଙ୍ଗେ ସଙ୍ଗେ ହାତ ଧୋଇ, ଗାଉନ୍ ପିନ୍ଧି ଅପେରେସନ୍ ଆରମ୍ଭ କଲି । ତା'ର ପୁଅଟିଏ ହେଲା - ଏବଂ ଭଲ ଭବେ କାନ୍ଦିଲା ତା' ପରେ ଭଲରେ ଭଲରେ ସ୍ନେହ ଡିସଚାର୍ଜ ହୋଇଗଲା ।

ଅଥଚ ସେଦିନର ସେଇ ଘଟଣା ମୁଁ ଏ ଯାଏଁ ଭୁଲି ନାହିଁ । ସେ ପୁଅ ଏବେ ୩୫ ବର୍ଷର ହୋଇଗଲାଣି । ସ୍ନେହ ଏଯାଏଁ ମୋ ସଙ୍ଗେ ସଂପର୍କ ରଖିଛି । ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ କୌଣସି କେସ୍‌କୁ ନିଶ୍ଚିତ ଭାବେ କେମିତି ଡେଲିଭରି ହେବ କହିହେବ ନାହିଁ । ନରମାଲ୍ ଡେଲିଭରି ନିଶ୍ଚୟ ହେବ ବୋଲି ଜାଣିଲେ ବି କେତେବେଳେ ସିଜରିଆନ୍ ହୁଏ ଏବଂ ଆଦୌ ନରମାଲ୍ ଡେଲିଭରି ହୋଇ ପାରିବନି ବୋଲି ଭାବି ସିଜରିଆନ ସେକ୍‌ସନ୍ ପାଇଁ ପ୍ରସ୍ତୁତ ହେଲାବେଳେ ହଠାତ୍ ନରମାଲ୍ ଡେଲିଭରି ହୋଇଯାଏ । ଏହା ପ୍ରଭୁଙ୍କର ବିଚିତ୍ର ବିଧାନ । ସାଧାରଣ ମଣିଷଟିଏ କେବେ ହେଲେ ଦମ୍ଭରେ କହିପାରିବ ନାହିଁ, କେମିତି କେଉଁ ସମୟରେ ଓ କିପରି ଭାବେ ଡେଲିଭରି ହେବ । ଜନ୍ମ ଓ ମୃତ୍ୟୁତ ସ୍ୱୟଂ ସୃଷ୍ଟି ନିୟନ୍ତାଙ୍କ ହାତରେ, ଆମେ ଛାର ମଣିଷ ବା' କିଏ ? ତଥାପି ମଣିଷ ନିଜ ବାହୁବଳ, ଅର୍ଥ ବଳ ଓ ମନୋବଳକୁ ନେଇ ଗର୍ବ କଲେ ଏବଂ ଦର୍ପ, ଦମ୍ଭ ଓ ଅହଂକାରରେ ଭାଙ୍ଗିପଡ଼େ କିନ୍ତୁ ଈଶ୍ୱର ତ, ସମସ୍ତଙ୍କ ଅହଂକାରକୁ ଚୂର୍ଣ୍ଣ କରି ଦିଅନ୍ତି, ସେଥିପାଇଁ ତାଙ୍କର ଅନ୍ୟ ନାଁ ଦର୍ପଗଞ୍ଜନ । ସେଥିପାଇଁ ତ ସେ ଇଂଗିତରେ କହିଥା'ନ୍ତି, "ଆରେ ମୂଢ଼, ଜନ୍ମ ଓ ମୃତ୍ୟୁସମୟ ତ' ମୋ ହାତରେ, ତୁମେମାନେ ଏସବୁ ସ୍ଥିର କରିବାକୁ କିଏ ?

(କ୍ରମଶଃ)

---

## ପୁସ୍ତକ ସମୀକ୍ଷା

**ସଞ୍ଜ ନଇଁଗଲେ**
**କବି**
**ଅଧାପକ ଦିଲ୍ଲୀପ ରଥ**
**ପ୍ରକାଶିକା :**
**ରାଜଶ୍ରୀ ପାଣି ରଥ**
**କୁଅଁରପୁର, ରସାଳପୁର, ବାଲେଶ୍ୱର**
**ମୂଲ୍ୟ- ୧୦୫/-**




ଆତ୍ମ ପ୍ରବୋଧନାର ପଥରେ କବି ଚେତନା ସ୍ମୃତି ଓ ବିସ୍ମୃତିକୁ କାବ୍ୟ ଗଢଣର ରୂପବିଗ୍ରହ ପ୍ରଦାନ କରିବା ପାଇଁ ଉତ୍ତୀର୍ଣ୍ଣ ସାଂଧ୍ୟକାଳଟିକୁ କାହିଁକି ବାଛିଲା ? ଏହା ହିଁ କ'ଣ ଶବ୍ଦରେ ଅଭିମନ୍ତ୍ରିତ ହୋଇଉଠିବାର ପ୍ରକୃଷ୍ଟ ବେଳ ଅଥବା ମନ୍ଥିତ ଚେତନାକୁ ଛନ୍ଦବଦ୍ଧ କରିଦେବାର ଶାବ୍ଦିକ ବାୟସ୍ୟପଣ ? କବି ଶ୍ରୀଯୁକ୍ତ ରଥଙ୍କର ପ୍ରତ୍ୟେକ ଏକପଦୀ ସ୍ୱୟଂସଂପୂର୍ଣ୍ଣ । ପଦିଏ ପଦିଏ କବିତା ମଧ ତାଙ୍କର ଏକାକୀ ଛିଡ଼ା ହେବାର ସ୍ପର୍ଦ୍ଧା ରଖେ। ତଥାପି ଗୋଟିଏ କବିତା ସହ ଆଉ ଏକ କବିତାର ସଂପର୍କକୁ ଟିକିଏ ସୂକ୍ଷ୍ମ ଭାବରେ ବିଚାରକୁ ନେଲେ କବିଙ୍କର ଭାବାତ୍ମକ ସ୍ପନ୍ଦନ ଗୁଡ଼ିକର ବାରମ୍ବାରତା ବହୁ ପଦପାତରେ ଲକ୍ଷ୍ୟ କରାଯାଏ । ଏହି ଭାବର ପ୍ରବାହମାନତା ଭିତରେ କବିଙ୍କ ପାଇଁ 'ସଂଧ୍ୟା' ଏକ ମୁହୂର୍ତ୍ତ ନୁହେଁ ବରଂ ରାଗଟିଏ କୋମଳ ଗାନ୍ଧାରର । ଯେପରିକି - 'ମୋ' ସ୍ମୃତି କି କୁହ ତୁମ ସ୍ମୃତି ପରି/ କଇଁ ଫୁଲ ଜହ୍ନରାତି/ ମୋ' ଦୁଃଖ କି କୁହ ତୁମ ଦୁଃଖ ପରି/ ଚିଠିଟେ ଚଇତି ପ୍ରୀତି ।" ଆଃ, ଦୁଃଖ ଭିତରେ ଧନ୍ଦି ହେବା ସାର । ଏଇଠି କବି ମାୟାଧର ମାନସିଂ କହିଥାନ୍ତେ- "ଗଲାଣି ତ କଥା ଗଲାରେ ସଂଗାତ, ଗଲାଣିତ ଗଲା କଥା/ ପରିହାସେ ପଦେ କହିଦେଲି ସିନା ବଳି ପଡ଼ିବାରୁ ବ୍ୟଥା ।" ଦୁଃଖରେ କ୍ରମଗତ ଭାବରେ ବତୁରି ବତୁରି ଆଉ ମନ ବୋଲି କ'ଣ ଚିଜଟିଏ ଅଛି । କିଏ ବା ଭରିବ ଦୁଃଖର ଦେୟଣା ଏବଂ କିଏ ବା କବି ହାତରେ ଫେରାଇ ଦେଇ ପାରିବ ଫୁଲ ଫଗୁଣର ସଞ୍ଜ । ୧୭୪ ଏପିସୋଡରେ କବି ଶ୍ରୀଯୁକ୍ତ ରଥ କହିଛନ୍ତି ମଉଳା ମନର କଥା ଏହିପରି ଯଥା- ମୋ' ମନମେଳାର ଶେଷଦିନ ଜାଣି/ କେତେ କିଏ ନେଇଗଲେ/ଜଣେ ହେଲେ କେହି ପଇଠ କଲେନି/ ବାକି ସବୁ ରଖିଗଲେ ।' ଅନଗୁମ୍ଫିତ ଶବ୍ଦ ଭିତରେ ଏକ ସାଂଗୀତିକ ଉଦାସପଣ ହିଁ କବିଙ୍କର ଉଚ୍ଚାରଣର ଉତ୍ତୁଙ୍ଗତା । ଏହି ଉତ୍ତୀର୍ଣ୍ଣ ମହା ଉଦାସପଣରେ ପ୍ରେମର ଶୈଳ୍ପିକ ସ୍ୱର୍ଣ୍ଣ ଗୁଡ଼ିକ ପାଠକଲେ କାବ୍ୟକାର କଲେରିକ୍ ଆସନ୍ତି ସ୍ମରଣକୁ । All thoughts all passions, all delights, whatever, stirs this mortal frame, all are but ministers to live and of fell this sacred flame (coleridge love)

ଛନ୍ଦ ନିର୍ମାଣରେ ଓଡ଼ିଆ କବି ପାଣ୍ଡିତ୍ୟ ଅପେକ୍ଷା ଲାଳିତ୍ୟକୁ ଅଧିକ ଉପଜୀବ୍ୟ କରି କବିତାକୁ ଶକ୍ତିଶାଳୀ କରିବା ବଦଳରେ ରସୋତ୍ତୀର୍ଣ୍ଣ କରିବାରେ ଧ୍ୟାନ ଦେଇଛି ବୋଲି ଅଭିଯୋଗ ହୁଏ। ରୀତିଯୁଗର ଶୃଙ୍ଖଳାକୁ ଅମିତ୍ରାକ୍ଷରର ନବନିର୍ମାଣରେ କବିବର ରାଧାନାଥ ଭାଙ୍ଗିନଥିଲେ କାବ୍ୟଯୁଗ ପାଇଁ ନବ୍ୟ ଏବଂ ଭବ୍ୟ ପଥଟିଏ ସଜି ରାଉତରାୟ ଦେଇପାରି ନଥାନ୍ତେ, ଏହା ଧ୍ରୁବ ସତ୍ୟ । 'ଗଜଲ, ଖେୟାଲ, ସାଇରୀ ପରି ଉର୍ଦ୍ଦୁ ସାହିତ୍ୟର ଚମତ୍କାର ପଦିଏ ପଦିଏ କାବ୍ୟ ଚାତୁର୍ଯ୍ୟ ସହ ଇଂରାଜୀ କାପ୍‌ଲେଟ୍ ଏବଂ ଜାପାନିଜ୍ ହାଇକୁ ଓଡ଼ିଆ କବିତାର ଏକପଦୀୟ ନବବିନ୍ୟାସର ଅନ୍ତରାଳରେ ଅବଶ୍ୟ ରହିଛି ପ୍ରାୟୋଗିକ ନହେଲେ ମଧ ସମର୍ଥିତ ରୂପରେ। ଓ୍ୱାର୍ଡ ଇକୋନମି ଏବଂ ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର କଳା କୁନ୍ତଳା କୁମାରୀ ସାବତଙ୍କୁ ଆଚ୍ଛନ୍ନ କରିଥିଲା ବୋଲି ସେ ଲେଖିଥିଲେ 'ଖୋଦ୍ୟତିକା' । ଏହି କବିତାଟିକୁ ହିଁ ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ପ୍ରଥମ ଏକପଦୀ କବିତା ଗୁଚ୍ଛ ବୋଲି ସ୍ୱୀକାର କରାଯାଏ । କବି ଶ୍ରୀଯୁକ୍ତ ରଥ କାବ୍ୟ ପରମ୍ପରାକୁ ଆଶ୍ରୟ କରିଛନ୍ତି । କିନ୍ତୁ ଲାଳିତ୍ୟକୁ ଭୁଲିନାହାନ୍ତି। ହଁ, ସଂକଳନର ନାମ ସଂଜ ନଇଁଗଲେ । ହେଲେ ସେ ସଞ୍ଜ କ'ଣ କବି ଶ୍ରୀଯୁକ୍ତ ରଥଙ୍କ କଲମ ମୁନରେ ଅଥବା ହାତ ମୁଠାରେ ? ନା, ଏ ସଞ୍ଜ ସେ ସଞ୍ଜ ନୁହେଁ । କାରଣ- "କାହା ଉଦୟରେ ଉହାଡ଼ରେ ରହି/ ହଜାଇଛି ନିଜ ସଞ୍ଜ/ କାହା ଅସ୍ତରାଗ କୋଳରେ ଭରିଛି / ପାର୍ବଣର ଫୁଲକୁଞ୍ଜ। (୧୩୬)

କ୍ଷୁଦ୍ର କବିତା ଭିତରେ ପାଠକୀୟ ଚେତନାକୁ ରସାର୍ଦ୍ର କରିଦେବାର ହିମ୍ମତ ରଖେ ସଂକଳନସ୍ଥ ଅନେକଗୁଡ଼ିକ କାବ୍ୟ ପଦପାତ । ଭାରତୀୟ କାବ୍ୟ ସାହିତ୍ୟର ଧ୍ୱନିକୁ ନାଦ ଏବଂ ରବ । ଏହି ଦୁଇ ଭାଗରେ ବିଭକ୍ତ କରାଯାଇ ନାଦର ସୁସଂହତ ପରିପ୍ରକାଶକୁ କବିତା ବୋଲି ଉଲ୍ଲେଖ କରାଯାଇଛି। ସୁତରାଂ କବିତାର କଳେବର ଯେତେ କ୍ଷୁଦ୍ର ହେଲେ ମଧ ଭାବର ଘନୀଭୂତ ପିଣ୍ଡକୁ କାବ୍ୟ ରୂପାନ୍ତର କରିବା ଏକ ସ୍ୱତନ୍ତ୍ର କଳା, ଯାହା ସାବ୍ୟସ୍ତ ହୋଇଛି 'ସଂଜ ନଇଁଗଲେ' ଏକପଦୀ କବିତା ମାନଙ୍କରେ ।

ସେକ୍‌ସ୍‌ପିୟରଙ୍କର poet's eye is a pire' frerzy rolling from heaven to earth ପ୍ରତିପାଦ୍ୟ ହୋଇଛି ଶ୍ରୀଯୁକ୍ତ ରଥଙ୍କ କବିତାରେ, ଯେମିତିକି 'ସେଇ ଚଟିଘର' ଏବେବି ରହିଛି/ ଅଛି ମୁସାଫିର ମନ/ ତୁମେ କିନ୍ତୁ କୁହ ଅଟକିଲ ନାହିଁ ଆଗୋ ମୋ' ଦ୍ୱିତୀୟା ଜହ୍ନ ।" ଚଟିଘରର ଚଟାଣରେ ବସି ଚିତ୍ରଲେଖା ପାଇଁ ତଥାପି ଚନ୍ଦନ ବିନ୍ଦୁ ପରି କବିତାର ଅଞ୍ଜନ ପ୍ରସ୍ତୁତ କରୁଥିବା କବି ପାଇଁ ସ୍ୱର୍ଗ କେଉଁଠି ? ସ୍ୱର୍ଗ ଏଇଠି । ସ୍ୱ କାବ୍ୟିକ ସର୍ଗ ଭିତରେ ସ୍ୱର୍ଗ । ପ୍ରଫେସର ଡଃ. ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀ କବିଙ୍କ ବାବଦରେ ମତ ଦେଇଛନ୍ତି ଯେ- ଦିଲ୍ଲୀପ ରଥ ଜଣେ ସାଧାସିଧା ମଣିଷ । ସେ ହିପୋକ୍ରାସୀରେ ବିଶ୍ୱାସ ରଖନ୍ତି ନାହିଁ ।" ପୁଣି ଇଲିଅଟ୍‌ଙ୍କର pasnelax କୁ ଡଃ ତ୍ରିପାଠୀ ଦିଲ୍ଲୀପ ରଥଙ୍କର କବିତାରେ ଠାବ କରିଛନ୍ତି । ଯେମିତିକି - "ରାତି ପାହିଲେ ମୁଁ ଘୁଙ୍ଗୁର ପାଲଟେ ସଂଜ ନଇଁଗଲେ ରାଗ/ ଛନ୍ଦ ଖେଳିଗଲେ ରଂଗ ଯେ ହଜେନା ମଉଳେନା କେବେ ଭାବ ।" କହିବାର କଥା ଯେ ଇଲିଅଟ୍ ନିଜେ କବିତାର ବାଇଲାଇନ୍‌ସ ବା 'ହେଡ୍ ଲାଇନ୍‌ସ୍'କୁ ଅସ୍ୱୀକାର କରି ଶୈଳୀ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କଲେ। କବି ସେ ବୈପ୍ଳବିକ କାବ୍ୟଯାତ୍ରାର ଆତ୍ମୀକରଣରେ ଓଡ଼ିଆ କବିତା ଯେତିକି ପ୍ରଭାବିତ ନୁହେଁ ଓଡ଼ିଆ କବିତା ତା'ର ନିଜସ୍ୱ ସଂସ୍କୃତି ସଂପର୍ଣ୍ଣ ଐତିହ୍ୟକୁ ଭତ୍ତିକରି ମନୋଜ୍ଞ ଏବଂ ବୈଚିତ୍ର୍ୟମୟ ଗୀତିସ୍ତବକ ଭାବରେ ପ୍ରକଟିତ ହୋଇ ମାଟିର ମାନ, ମହତ ଓ ମର୍ଯ୍ୟାଦାକୁ ବଞ୍ଚାଇରଖି ପାରିଛି । ଲିଭିସ୍ କହିଲେ ଯୁଗର ସବୁଠାରୁ ବଡ ଜାଗରଣ ଦେଲା ଋତୁ ଭିତରେ କବିର ବିଦ୍ୟମାନତାକୁ ନେଇ କବି ଶ୍ରୀଯୁକ୍ତ ରଥ ଯେଉଁ ଚାରି ପାଞ୍ଚଟି ଏକପଦୀ ରଚିଛନ୍ତି, ତନ୍ମଧ୍ୟରୁ ଗୋଟିଏ ଏହିପରି । ଯଥା- ଶୀତ ଆସେ ଧାଇଁ ଗୀତଟିଏ ହୋଇ/ ପ୍ରିୟତମା ଓଠ ଛୁଇଁ/ ବୁଝିପାରେ ନାହିଁ ତାକୁ କିଆଁ ଡାକେ /ମୋ ମନର ବେଳା ଭୂଇଁ ।"

କବି ଶ୍ରୀଯୁକ୍ତ ରଥଙ୍କର ସ୍ମୃତି ରୋମନ୍ଥନ କ'ଣ ଇଂରାଜୀ କବି ଅଲିଭର ବର୍ନାଡଙ୍କର ସେଇ hunting horns ! ଦିକି ଦିକି ଜଳୁଥିବା ସ୍ମୃତି ସଞ୍ଜବତୀର ଆଲୁଅରେ କବି କାହାକୁ ଖୋଜୁ ଖୋଜୁ ଉଜାଗୁଛନ୍ତି- ତୁମେ ଯେଉଁଠାରେ ଥାଆନା କାହିଁକି ଲାଗେ ଅଛୁ ପାଖେ ପାଖେ, ତମ ସ୍ମୃତି ବାଟବଣା ଚଢ଼େଇଟେ/ ମୋ ଅଠାକାଠିରେ ଲାଖେ ।" ପାଠକୀୟ ସତ୍ତାକୁ ଶବ୍ଦର ଅଠାକାଠିରେ ଅଟକାଇ ଦେଲା ଭଳି କବିତା । ମୁଖ୍ୟତଃ ଶ୍ରୀଯୁକ୍ତ ରଥଙ୍କ ଏକପଦୀର ସମ୍ମୋହନେ ଅଳ୍ପ ଶବ୍ଦରେ ବି ବ୍ୟାପକ ଦିଗଦିଗନ୍ତର ଅନୁଭବକୁ କାବ୍ୟ ଭୂମି ପ୍ରଦାନ କଲାବେଳେ କେତେ କ୍ଷେତ୍ରରେ ବାକ୍‌ଭଙ୍ଗୀମାକୁ ନୂଆବାଟ ଦେଖାଇଛନ୍ତି । ସଂଜ ଘୋଟି ଆସିଲେ ପକ୍ଷୀ ନୀଡକୁ ଫେରେ । କିନ୍ତୁ ତା'ପରେ କ'ଣ ହୁଏ ? ସବୁ ପକ୍ଷୀଙ୍କର ନୀଡ଼ ଥାଏ କି ? ଆକାଶର ଆୟତ ଛାତିରେ ପକ୍ଷୀ ତ ଝଡ଼ ସହ ଅଭିସାର ରଚି ସାରିଥାଏ । ଏହାପରେ ପୁଣି ନୀଡ଼ ଥୋଡ଼ କ'ଣ ? ଉକ୍ତିର କୋମଳତା ଭିତରେ କବି ଶ୍ରୀଯୁକ୍ତ ରଥଙ୍କ କବିତାରେ ହାରିଯାଇଥିବାର କାନ୍ଦୁରାପଣ ନାହିଁ। ଅଶ୍ରୁ, ସ୍ୱେଦ ଓ କମ୍ପନକୁ କବି ସମାନୁପାତିକ ଭାବେ ରୂପାନ୍ତରିତ କରିଛନ୍ତି କବିତାରେ । ଶାନ୍ତ, ଉଦାସ ଗୋଧୂଳିବେଳାକୁ ଅତିକ୍ରମ କଲେ ସଂଧା। 'ସୂର୍ଯ୍ୟ ଓ ଅଂଧକାର'ର କବି ରାଧାମୋହନ ଗଡନାୟକ ମଧ ନଇଁ ନଇଁ ଆସୁଥିବା ସଂଧାର ମୁମୂର୍ଷୁ ମୁହାଣରେ ଠାବ କରିଛନ୍ତି । କାବ୍ୟ ସଂକେତ ଯୁକ୍ତ ଶବ୍ଦର ନକ୍ଷତ୍ରମାନଙ୍କୁ। କିନ୍ତୁ ଗଡ଼ନାୟକ ସ୍ୱକୀୟ ଛନ୍ଦ ପାତରେ ଧ୍ୱନିକୁ ତୀବ୍ର କରି ଉକ୍ତିର ଦୃଢ଼ତା ଜାହିର କରିଥିଲା ବେଳେ ଲିରିକ୍‌ରେ ଉଣା ପଡିନାହାନ୍ତି କି ? ଲିରିକ୍‌ର ଲାଳିତ୍ୟ ଧ୍ୱନି କୋମଳ ବର୍ଣ୍ଣମାଳାରେ ଲୁଚିଥାଏ । ଶକ୍ତି ସଂଚାର ପାଇଁ ନୁହେଁ, ମାଦକତାର ମୃଦୁ ଆଲୋଡନ ଆଣିବା ପାଇଁ ଯେତିକି ଉପାଦାନ ଆବଶ୍ୟକ କବି ଶ୍ରୀଯୁକ୍ତ ରଥ ସେହି ଧରଣର ଶବ୍ଦ ବସାଣରେ ନିଷ୍ଣାପର ବୋଲି ପ୍ରତ୍ୟେକ ଏକପଦୀରୁ ସ୍ୱଚ୍ଛ ହୁଏ ।

କବି ଦିଲ୍ଲିପ ରଥଙ୍କର 'ସଂଜ ନଇଁଗଲେ' ଏକପଦୀ କବିତା ସଂକଳନ ପ୍ରକାଶ କରିଛନ୍ତି ତାଙ୍କର ସହଧର୍ମିଣୀ ରାଜଶ୍ରୀ ପାଣି ରଥ । ଏହି ଏକପଦୀ ପାଇଁ ଶ୍ରୀଯୁକ୍ତ ରଥ ସମସ୍ତଙ୍କର ଆପଣାର ହୋଇ ପାରିଛନ୍ତି ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ରାଢ଼ୋ ଠାରେ ଷୋଡ଼ଶ ଲୁଇପା ମହୋତ୍ସବ ଓ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହ



ଉଦଳା,୧୬।୦୧ (ନି.ପ୍ର): ଓଡ଼ିଆ ଭାଷାର ଆଦି ଓଁକାର ଶୁଣାଇଥିବା ପ୍ରସିଦ୍ଧ ଶିଦ୍ଧାଚାର୍ଯ୍ୟ ଲୁଇପାଙ୍କ ଜନ୍ମସ୍ଥଳୀ ମୟୂରଭଞ୍ଜ ଜିଲ୍ଲାର ଉଦଳା ନୀକଟବର୍ତ୍ତି ରାଢ଼ୋ ଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ସ୍ତରୀୟ ଷୋଡ଼ଶ ଲୁଇପା ମହୋତ୍ସବ, ସପ୍ତବିଂଶତମ ରାଜ୍ୟ ସ୍ତରୀୟ ମକର ମିଳନ ଓ ସାରସ୍ୱତ ସମାରୋହ କୋଭିଡ଼୍ କଟକଣା ମଧ୍ୟରେ ଯଥାରିତି ପାଳିତ ହୋଇ ଯାଇଛି। ଗ୍ରାମର ସକ୍ରୀୟ ଅନୁଷ୍ଠାନ ବାବା ଯଶେଶ୍ୱର ମହିଳା ମହାସଂଘର ଆନୁକୁଲ୍ୟରେ ପାଳିତ ଏହି ମହୋତ୍ସବକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଉତ୍ତର ଓଡ଼ିଶାର ବର୍ଷିୟାନ କବି ଓ ସାହିତ୍ୟିକ ବ୍ରଜେନ୍ଦ୍ର ଗିରି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଭାଷାର ଏହି ଆଦିପୁରୁଷଙ୍କ ପୀଠକୁ ସାରା ଦେଶରେ ବ୍ୟାପକ ଭାବରେ ପରିଚିତ କରାଇବାର ସମୟ ଆସିଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ ତଥା ସଂଗଠକ ନରେନ୍ଦ୍ରନାଥ ରାଉତ ଅନୁଷ୍ଠିତ ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ ପାଇଁ ରାଢ଼ୋ ମଣ୍ଡଳ ଅନ୍ତର୍ଗତ ଶେଣ ବଂଶୀୟ ରାଜାଙ୍କ ପୃଷ୍ଟପୋଷକତାରେ ସିଧାଚାର୍ଯ୍ୟ ଲୁଇପାଙ୍କ ଦ୍ୱାରା ରଚିତ ଚର୍ଯ୍ୟାଗୀତିକା ଆମ ପାଇଁ ଏକ ଅମୂଲ୍ୟ ସମ୍ପଦ ଅଟେ ବୋଲି କହିଥିଲେ । ଅଧିବେଶନ ଆରମ୍ଭରୁ ଏହି କାର୍ଯ୍ୟକ୍ରମର ପ୍ରଥମ ସୂତ୍ରଧର ପ୍ରଖ୍ୟାତ ସାରସ୍ୱତ ସାଧକ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରାଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ଆବାହକ ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶ୍ରୀନାଥ ରଣା, ଉଦଳାର ବିଶିଷ୍ଟ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ରାଢ଼ୋର ପୁର୍ବତନ ଲୋକପ୍ରିୟ ସରପଞ୍ଚ ବଶେନ ମାର୍ଣ୍ଡି, ସମାଜସେବୀ ଶୁଶାନ୍ତ କର ଲୁଇପାଙ୍କ ସମ୍ପର୍କରେ ସ୍ୱକୀୟ ମତ ରଖି ରାଢ଼ୋର ଲୁଇପା ପୀଠକୁ ଓଡ଼ିଆ ଭାଷାର ଏନ୍ଥୁଡ଼ିଶାଳ ବୋଲି ଅଭିହିତ କରିଥିଲେ । ମହିଳା ମହାସଂଘର ସଭାପତି ପ୍ରଭାସିନୀ ବିଶ୍ୱାଳ, ସଭ୍ୟା ମୋନାଲିକା ରାଉତ, ଯଶୋଦା ଦଳେଇ, ଜୟନ୍ତୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ ସହ ଏହାକୁ ପରିଚାଳିତ କରିଥିଲେ । ଅଧିବେଶନ ଶେଷରେ ଲୁଇପା ସମ୍ମାନ ୨୦୨୧ ବରିଷ୍ଠ କବି ବ୍ରଜେନ୍ଦ୍ର ଗିରି, ଡ଼. ଦିଲ୍ଲିପ ରଥଙ୍କୁ ସାହିତ୍ୟ ସେତୁ ପ୍ରଶାନ୍ତ ବେହେରା ସ୍ମୃତି ସମ୍ମାନ ୨୦୨୧ ଓ ବିଶିଷ୍ଟ ସମାଜସେବୀ ଶ୍ରୀନାଥ ରଣାଙ୍କୁ ମକର ମିଳନ ସମ୍ମାନ ୨୦୨୧ ପ୍ରଦାନ କରାଯାଇଥିଲା । ସଭା ପ୍ରାରମ୍ଭରେ ପ୍ରଭାକର ପଣ୍ଡା ଆବହ ସଂଗୀତ ଗାନ କରିଥିବା ବେଳେ ସଭ୍ୟା ବିଷ୍ଣୁପ୍ରୀୟା ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଏକ ପଂକ୍ତି ଭୋଜନରେ ଆପ୍ୟାୟିତ ହୋଇଥିଲେ ।

# ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଧାମନଗର,୧୬।୦୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ମା' ସୁବର୍ଣ୍ଣମୁଖି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଧାମନଗରର ସ୍ପୋଟିଙ୍ଗ କ୍ଲବ ଓ କ୍ରାନ୍ତି କଲଚରାଲ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ପୋଟିଙ୍ଗ କ୍ଲବ ପ୍ରଥମେ ଟସ ଜିଣି ୧୯ ଓଭର ୨ବଲରେ ସମସ୍ତ ଉଇକେଟ ହରାଇ ୧୦୫ରନ୍ ସଂଗ୍ରହ କରିଥିଲା। ଜବାବରେ କେସିଏ ୮ଓଭର ୪ଟି ବଲରେ ୨ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦ୍‌ଯାପନି ଉତ୍ସବରେ ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଆଇନ୍‌ଜୀବୀ ରଣଜିତ୍ ମହାନ୍ତି ମୁଖ୍ୟବକ୍ତା ଭାବେ, ଜିଲ୍ଲା ପରିଷଦ ସଭ୍ୟ ମନୋରଂଜନ ମଲ୍ଲିକ, ବିଜେପି ନେତା ବୁଦ୍ଧଦେବ ଜେନା, ଅରବିନ୍ଦ ପତି, ସନ୍ତୋଷ ଦାସ ଅଧିକାରୀ, ସାମ୍ବାଦିକ ବୈକୁଣ୍ଠନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବାବାଜି ଚରଣ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅଫଙ୍କୁ ଟ୍ରଫି ଓ ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ। ଶିବଦତ୍ତ ମଲ୍ଲିକ ମେନଅଫଦ ସିରିଜ ଭାବେ ପୁରସ୍କୃତ ହୋଇଥିବାବେଳେ କ୍ଷମାସାଗର ବଳ ମେନଅଫଦ ମ୍ୟାଚ ଓ କିଶୋର ନାୟକ ବେଷ୍ଟ ଉଇକେଟ କିପର ଭାବେ ପୁରସ୍କୃତ ହୋଇଥିଲେ। ସାର୍ଥକ ରଂଜନ ବିଶ୍ୱାଳ ଓ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିବାବେଳେ କୃପାସିନ୍ଧୁ ସାହୁ, ଦୁସ୍ମନ୍ତ ସାହୁ, ସୁଧାଂଶୁ ମହାପାତ୍ର, ସୌମ୍ୟ ରଂଜନ ସାହୁ, ତପନ କୁମାର ଦାସ, ସମୀର ସାହୁ, ବସନ୍ତ ପୃଷ୍ଟି, ଅଜୟ ମାଝୀ, ଜିତେନ୍ଦ୍ର ସାହୁ, ଇଶ୍ୱର ଧଳ, ରଣଜିତ୍ ସାହୁ, ପ୍ରସାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ବିଧାୟକ ଶ୍ରୀ ସେଠୀ ଧରମ ପଡ଼ିଆର ଉନ୍ନତ୍ତି ପାଇଁ ୩ଲକ୍ଷ ଟଙ୍କା ଅନୁଦାନ ଦେବାପାଇଁ ଘୋଷଣା କରିଥିଲେ। ମୁଖ୍ୟ ଆୟୋଜକ ଅଶୋକ କୁମାର ପଣ୍ଡା ଟୁର୍ଣ୍ଣାମେଣ୍ଟର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରେଳ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣରେ ସରକାରଙ୍କ ପୁର୍ନବାସ ତଥା ଥଇଥାନ ନିୟମ ଉଲଙ୍ଘନ କୋର୍ଟରେ ମାମଲା

ଜଳେଶ୍ୱର, ୧୬/୧ (ନିପ୍ର) : ଜଳେଶ୍ୱର ସହର ମଧ୍ୟରେ ନିର୍ମାଣ ଚାଲିଥିବା ରେଳ ଫ୍ଲାୟ ଅଭରବ୍ରିଜ୍‌ରେ ରାଜ୍ୟ ସରକାର ପୁର୍ନବାସ ତଥା ଥଣଥାନ ନିୟମର ଉଲଙ୍ଘନ କରିଥିବାରୁ ଜିଲାପାଳ ଓ ପୂର୍ତ୍ତବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି । ଏହା କାର୍ଯ୍ୟକାରୀ ହୋଇନଥିବାରୁ ଉଚ୍ଚନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ଜଳେଶ୍ୱର, ଭୋଗରାଇ, ପର୍ଶ୍ଚିମବଂଗ ପୂର୍ବମେଦିନୀପୁର ଜିଲାର ମୋହନପୁର, କାନ୍ଥି, ଏଗ୍ରା, ରାମନଗର, ଦୀଘା ଇତ୍ୟାଦି ସହିତ ପର୍ଯ୍ୟଟନକ୍ଷେତ୍ର ଭୂଷଣ୍ଡେଶ୍ୱର, ମା ବାଶୁଳୀ, ଚନ୍ଦନେଶ୍ୱର, ସାଇଲେଣ୍ଟ ଦ୍ୱିପ, ତାଳସାରୀ-ଉଦୟପୁର, ଏବଂ ଦୀଘା ସୁନ୍ଦରୀ କୁ ଯାତାୟାତଲାଗି ଜନସାଧାରଣ ହଇରାଣ ହେଉଥିଲେ । ଖଡଗପୁରରୁ ବାଲେଶ୍ୱର ମଧ୍ୟରେ ପ୍ରତିଦିନ ୧୩୫ଟି ରେଳ ଯାତାୟାତ କରିବା ଓ ଲେଭେଲ କ୍ରସିଂରେ ପ୍ରତିଘଣ୍ଟାରେ ୨ହଜାର ଯାନ ଯାତାୟାତ କରୁଥିବାରୁ ୪୫ନଂ ରେଳ ଫ୍ଲାଏ ଓଭରବ୍ରିଜ୍ ନିର୍ମାାଣ ଏକାନ୍ତ ଆବଶ୍ୟକ ହୋଇଥିଲା । ଏବେ ୬୨କୋଟି ଟଙ୍କାରେ ରେଳ ବିଭାଗ ଓ ରାଜ୍ୟ ପୁର୍ତ୍ତବିଭାଗସହଭାଗିତାରେ ନିର୍ମାଣ କାର୍ଯ୍ୟ ଚାଲୁଅଛି । ଏଥିରେ ବିସ୍ଥାପିତଙ୍କ ଲାଗି ସରକାର ଭୂଅର୍ଜନପୁର୍ନବାସ ତଥା ଥଇଥାନ-୨୦୧୩ ନିୟମ ଉଲଙ୍ଘନ ହୋଇଥିବାରଅଭିଯୋଗ ହୋଇଛି। ଏଠାରେ ଘରୋଇଭାବେ ଏ୧.୫୮ ଡିସିମିଲ ସ୍ଥାନ ଅଧିଗ୍ରହଣ ହେବାକୁ ଥିବା ବେଳେ ଏ୧.୧୪ ଡିସିମିଲ ଅଧିଗ୍ରହଣ ହୋଇଛି। ଡିସିମିଲ ପ୍ରତି ଘରୋଇ ସ୍ଥାନର ମୂଲ୍ୟ ୮ଲକ୍ଷ ଟଙ୍କା ଥିବା ବେଳେ ସରକାର ୧ଲକ୍ଷ୭୮ ହଜାର ଓ ବର୍ଷକୁ ୧୨ ପ୍ରତିଶତ ସୁଧ ଏପରି ମୋଟ ୨ଲକ୍ଷ୮ହଜାର ଦେଉଥିବା ପ୍ରକାଶ । ଏହି ଘଟଣାରେ ଜଣେ ହରିଜନ ବ୍ୟକ୍ତି ନରେନ୍ଦ୍ର ଗୋଛାୟତ ତାଙ୍କୁ ପୁର୍ନବାସ ଥ ଥଇଥାନ ଯୋଜନାରେ ଅର୍ଥ ପ୍ରଦାନ କରାଯାଇନଥିବାରୁ ସେ ଉକ୍ତ ବିଭାଗ, ଜିଲାପାଳ, ବିଧାୟକ, ସାଂସଦ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଅଦ୍ୟାବଧି ଏହାର ସମାାଧାନ ହୋଇନଥିବାରୁ ଶ୍ରୀ ଗୋଛାୟତ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ତ ହୋଇଛନ୍ତିରିଟ ପିଟିସନ୧୯୧୩୫/୨୦୨୦ରେ ସେ ରାଜ୍ୟ ସରକାର, ପୁର୍ତ୍ତବିଭାଗ ସଚୀବ, ଜିଲାପାଳ, ଓ ପୁର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରି ମାମାଲା ରୁଜୁ କରିଛନ୍ତି ।

## ରାଜ୍ୟରେ ଆଉ ୧ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୯୯ ହେଲା

ଭୁବନେଶ୍ୱର,୧୬।୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୯୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତ ସୁନ୍ଦରଗଡ ଜିଲ୍ଲାର ବୋଲି ଜଣା ପଡିଛି ।।

# ଧାମନଗର ଠାରେ ବିସିସି ବ୍ୟାଙ୍କ ଡ଼ିଜିଏମ୍‌ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଧାମନଗର,୧୬।୦୧ (ନି.ପ୍ର): ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସମ୍ପାଦକ ତଥା ଡ଼ିଜିଏମ୍ ଅଶ୍ୱିନୀ ନାୟକଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା। ଏହି ଉପଲକ୍ଷେ ଧାମନଗର ସେବା ସମବାୟ ସମିତି ପରିସରରେ ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ବିଚିତ୍ରା ନନ୍ଦ ସାହୁଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିବିସିସି ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା ମୁଖ୍ୟ ଅତିଥି ଓ ବ୍ଲକ ଏରିଆ ଅଫିସର ମୃତ୍ୟୁଞ୍ଜୟ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବାଲେଶ୍ୱର- ଭଦ୍ରକ ଜିଲ୍ଲା ସେବା ସମବାୟ ସମିତି କର୍ମଚାରୀ ସଂଘ ସମ୍ପାଦକ ତଥା ନିଖିଳ ଓଡ଼ିଶା ସେବା ସମବାୟ ସମିତି କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ଅରୁଣ ଉଦୟ ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ସମ୍ପାଦକ ବିଦ୍ୟାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ କର୍ମଚାରୀ ସଂଘ ଧାମନଗର ବ୍ଲକ ଶାଖା ସଭାପତି ପ୍ରକାଶ ଚନ୍ଦ୍ର ରାଉତ, ଉପଦେଷ୍ଟା ରମାକାନ୍ତ ଦାସଙ୍କ ସମେତ ବିଭିନ୍ନ ସମିତିର ସମ୍ପାଦକ/ ସମ୍ପାଦିକା ରାମଚନ୍ଦ୍ର କର, ବିକାଶ ସାହୁ, ରଂଜନ ମାଝୀ, ବିଜୟ କୁମାର ଦଳାଇ, ସ୍ୱାଗତିକା ରାଉତ, ପ୍ରମୋଦ କର, ଅଶୋକ ବସନ୍ତିଆ, ବସନ୍ତରାଜ ସାହୁ, ରାଧାଶ୍ୟାମ ପଣ୍ଡା, ବିଶ୍ୱନାଥ ଜେନା, ଗୌରାଙ୍ଗ ନାୟକ ଉପସ୍ଥିତ ଥିଲେ।

# ମୟୁରଭଞ୍ଜ ଜିଲ୍ଲାରେ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ




ବାରିପଦା,୧୬।୦୧ (ନି.ପ୍ର): ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ମୟୁରଭଞ୍ଜ ଜିଲ୍ଲାରେ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମ ଜିଲ୍ଲାର ସଦର ମହକୁମା ଚିକିତ୍ସାଳୟ ସମେତ ୧୦ଟି ଟୀକାକରଣ କେନ୍ଦ୍ରରେ ଆନୁଷ୍ଠାନିକ ଭାବେ ତା ୧୬/୦୧/୨୦୨୧ରିଖ ପୂର୍ବାହ୍ନରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଦର ମହକୁମା ପିଆର୍‌ଏମ୍, ଏମ୍‌ସିଏଚ୍, ବାରିପଦା, ଜିଲ୍ଲାର ଉଦଳା, କରିଆ ଓ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ଦେବେନ୍ଦ୍ରପୁର ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର (ବାରିପଦା), ରଙ୍ଗାମାଟିଆ (ଶ୍ୟାମାଖୁଣ୍ଟା), କପ୍ତିପଦା, ଠାକୁରମୁଣ୍ଡା, ଯଶୀପୁର ଓ ବିଜତଳା ଆଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ମାନଙ୍କରେ ତା-୧୬/୦୧/୨୦୨୧ରିଖ ଠାରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ସମଗ୍ର ଦେଶରେ କୋଭିଡ-୧୯ ଟୀକାକରଣ ପାଇଁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମକୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଡ଼ିଓ କନ୍ଫରେନସିଂ ଜରିଆରେ ଦେଶ ବାସୀଙ୍କ ଉଦ୍ଦେଶ୍ୟରେ କୋଭିଡ ମହାମାରି ସମୟରେ ଦେଶର ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଗ ଧାଡିର କୋଭିଡ ଯୋଦ୍ଧାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରସଂଶା କରିବା ସହିତ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳର ଉପଯୋଗରେ କୋଭିଡ ଟିକା ପ୍ରସ୍ତୁତିରେ ବୈଜ୍ଞାନିକ/ଗବେଷକ ମାନଙ୍କ ଭୂମିକାକୁ ମଧ ଭୁୟଶୀ ପ୍ରସଂଶା କରିବା ସହ ସଫଳତା କାମନା କରି କୋଭିଡ ଟିକା କରଣ କାର୍ଯ୍ୟକ୍ରମ ଦେଶ ବାସୀଙ୍କ ଉଦ୍ଦେଶ୍ୟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଓଡ଼ିଶାର ରାଜ୍ୟସ୍ତରରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆୟୋଜିତ ଭିଡ଼ିଓ କନ୍ଫରେନସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୋଭିଡ ଟୀକାକରଣ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି। ଏହି ଅବସରରେ ମୟୁରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲା ସଦର ମହକୁମା ପିଆର୍‌ଏମ୍, ଏମସିଏଚ୍ ପରିସର ଠାରେ ଆୟୋଜିତ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଭା.ପ୍ର.ସେ ଯୋଗ ଦେଇ ଟୀକାକରଣ କାର୍ଯ୍ୟକ୍ରମର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଅନୁଧାନ କରି ସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଜିଲ୍ଲାରେ ପରିଚାଳିତ କୋଭିଡ ଟୀକାକରଣ କାର୍ଯ୍ୟକ୍ରମର ତଦାରଖ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଡ଼ା ସୁଶାନ୍ତ କୁମାର ସ୍ୱାଇଁ ଓ ସ୍ୱତନ୍ତ୍ର ଅଧିକାରୀ ହୀରଲାଲ ନାଏକ ଉପସ୍ଥିତ ରହି କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡ଼ା ଜ୍ଞାନ ରଞ୍ଜନ ମହାନ୍ତି ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁଯାୟୀ କୋଭିଡ-୧୯ ଟୀକାକରଣ ପାଇଁ ମୟୁରଭଞ୍ଜ ଜିଲ୍ଲାରୁ ୧୮,୪୨୬ ପିକୃତ ସ୍ୱାସ୍ଥ୍ୟ ବିଭାଗର (ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଆଶା କର୍ମୀ, ସଫେଇ କର୍ମଚାରୀ) ଆଗ ଧାଡ଼ିର କୋଭିଡ ଯୋଦ୍ଧାଙ୍କୁ ପ୍ରଥମେ ଟୀକା ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୧,୯୦୦ ଡୋଜ କୋଭିଡ ଟୀକା ମୟୁରଭଞ୍ଜ ଜିଲ୍ଲାକୁ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପରବର୍ତୀ ସମୟରେ ଅନ୍ୟାନ୍ୟ ଆଗ ଧାଡ଼ିର କୋଭିଡ ଯୋଦ୍ଧାଙ୍କୁ ପର୍ଯ୍ୟାୟ କ୍ରମେ ଟୀକା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବାଲେଶ୍ୱରରେ ୫ଶହରୁ ....

ଏ କ୍ଷେତ୍ରରେ ଭାରତ ହିଁ ସମଗ୍ର ବିଶ୍ୱକୁ ଦିଗଦର୍ଶନ ଦେଉଛି ଏବଂ ଆଗାମୀ ଦିନରେ ଦେବ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ମତ ପ୍ରକାଶ କରିଥିଲେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ କୋଭିଡ ପରିଚାଳନାରେ ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାକୁ ଆଗରେ ରଖିପାରିଛି। ଟିକାକରଣରେ ମଧ୍ୟ ଆମ ରାଜ୍ୟ ଅନୁରୂପ ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ସିଡିଏମଓ ଡାକ୍ତର ଜଗଦେବ ବାଲେଶ୍ୱର ଟିକାକରଣର ସ୍ଥିତି ଓ ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଏହି ଟିକାକରଣ ଆରମ୍ଭ ହୋଇଥିଲା। ଏହି ଅବସରରେ ଟିକା ନେବା ପାଇଁ ଚୟନ ହୋଇଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଲାପ ଫୁଲ ଦେଇ ପ୍ରଥମେ ସ୍ୱାଗତ କରାଯାଇଥିଲା। ଏଥି ସହିତ କୋୱିନ ସାଇଡରେ ସେମାନଙ୍କର ପରିଚୟ ସମ୍ପର୍କିତ ତଥ୍ୟ ଜାରି ପରେ ସମସ୍ତଙ୍କୁ ଭେକ୍ସିନେସନ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟିକାକରଣ ପରବର୍ତ୍ତୀ ସମୟର ସତର୍କତା ଓ ପଦକ୍ଷେପ ସମ୍ପର୍କରେ ସମସ୍ତଙ୍କୁ ସୂଚିତ କରାଯାଇଥିଲା। ପରେ ସମସ୍ତଙ୍କୁ ଟିକା ଦିଆଯାଇଥିଲା। ଟିକା ଦେବା ପରେ ସମସ୍ତଙ୍କୁ ଅଧଘଣ୍ଟାଏ ପର୍ଯ୍ୟନ୍ତ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଅଧଘଣ୍ଟାଏ ପରେ ସମସ୍ତଙ୍କଠାରେ ସୁସ୍ଥତା ପରିଲକ୍ଷିତ ହୋଇଥିବା ବେଳେ ସମସ୍ତଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସମେତ ୫ ଗୋଟି କେନ୍ଦ୍ରରେ ଟିକା ନେଇଥିବା ବ୍ୟକ୍ତିଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇନଥିବା ସିଡିଏମଓ ଡାକ୍ତର ଜଗଦେବ ସୂଚନା ଦେଇଛନ୍ତି। ସମସ୍ତଙ୍କୁ ୩୦ ଦିନ ପରେ ଦ୍ୱିତୀୟ ଡୋଜ ଟିକା ଦିଆଯିବ ବୋଲି ସେ କହିଛନ୍ତି। ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଅର୍ଥାତ ୫୦୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ଆଶାକର୍ମୀ, ସଫେଇ କର୍ମଚାରୀଙ୍କୁ ଏହି ଟିକା ପ୍ରଦାନ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ଟିକା ପ୍ରସ୍ତୁତ କରି ବିଶ୍ୱ ସାମ୍ନାରେ...

ପ୍ରଥମ ପର୍ଯ୍ୟାୟରେ ଦେଶର ୩ କୋଟି ଲୋକଙ୍କୁ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୦ କୋଟି ଲୋକଙ୍କୁ ଏହି ଟିକା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶା ସମେତ ଭାରତବର୍ଷରେ କରୋନା ଟୀକାକରଣର ସଠିକ୍ କ୍ରିୟାନ୍ୱୟନ ହେବ ବୋଲି ମୋର ବିଶ୍ୱାସ । ଆମର ବୈଜ୍ଞାନିକ ତଥା ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ଉଦ୍ୟମରେ ଦେଶ ଆଜି ଏକ କୀର୍ତିମାନ ରଚିବାକୁ ଯାଉଛି। କରୋନାବିରୁଦ୍ଧରେ ଏହି ନିର୍ଣ୍ଣାୟକ ପର୍ଯ୍ୟାୟକୁ ସମର୍ଥନ କରି ଦେଶ ଦ୍ୱାରା ଲେଖାଯାଉଥିବା "ଆରୋଗ୍ୟତା"ର ଏହି ଲିପିବଦ୍ଧରେ ନିଜର ଯୋଗଦାନ ଦେବା ପାଇଁ ସମସ୍ତ ଦେଶବାସୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ସେହିପରି ଟିକା ଉତ୍ପାଦନ କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ। କରୋନା ସଂକଟ ଏପର୍ଯ୍ୟନ୍ତ ଶେଷ ହୋଇ ନଥିବା ବେଳେ ସମସ୍ତଙ୍କୁ ସତର୍କ ରହିବା ସହ ଭାରତ ସରକାରଙ୍କ କୋଭିଡ୍ ନିୟମ ପାଳନ କରିବା ଓ ଅପପ୍ରଚାର ଠାରୁ ଦୁରେଇ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ଓଡ଼ିଶାରେ ପ୍ରଧାନମନ୍ତ୍ରୀ ....

ଏହି ରାଜ୍ୟର ସର୍ବାଧିକ ୮୧.୦୩% ମୋଦୀଙ୍କୁ ପସନ୍ଦ କରୁଥିବା ସର୍ଭେରୁ ଜଣାଯାଇଛି। କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ପସନ୍ଦ କରିବାରେ ଓଡ଼ିଶା ନଂ ୧ରେ ଥିବା ବେଳେ ୭୫.୦୨% ଓଡ଼ିଶାବାସୀ ମୋଦି ସରକାରଙ୍କ କାର୍ଯ୍ୟକୁ ପସନ୍ଦ କରନ୍ତି। ଓଡ଼ିଶା ପଛକୁ ଗୋଆ ଏବଂ ତେଲେଙ୍ଗାନା ଲୋକ ମୋଦୀଙ୍କ କାର୍ଯ୍ୟକୁ ପସନ୍ଦ କରି ଦ୍ୱିତୀୟ ଓ ତୃତୀୟରେ ରହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ବିବେଚିତ ହୋଇଥିବା ବେଳେ ଦ୍ୱିତୀୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ତୃତୀୟରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ ରେଡ୍ଡୀ। ସେହିପରି ଚତୁର୍ଥରେ କେରଳ ମୁଖ୍ୟମନ୍ତ୍ରୀ, ପଞ୍ଚମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଷଷ୍ଠରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ସିଂହ ବାଘେଲ, ସପ୍ତମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଅଷ୍ଟମରେ ମଧ୍ୟପ୍ରଦେଶର ସିଏମ ଶିବରାଜ ସିଂହ ଚୌହ୍ୱାନ, ନବମରେ ଗୋଆ ସିଏମ ପ୍ରମୋଦ ସାୱନ୍ତ ଏବଂ ଦଶମରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ରହିଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରରେ କେଉଁ ରାଜ୍ୟର ଲୋକମାନେ କେତେ ଖୁସି ଏହାର ଉତ୍ତରରେ ୬୬ ପ୍ରତିଶତ ଲୋକ ସାରା ଦେଶରେ ଖୁସି ଥିବାବେଳେ ୩୦ ପ୍ରତିଶତ ଅସନ୍ତୁଷ୍ଟ ଏବଂ ୪ ପ୍ରତିଶତ ଲୋକ କିଛି କହିପାରିବେ ନାହିଁ ବୋଲି ସର୍ଭେରୁ ଜଣାପଡ଼ିଛି। ତେବେ କେନ୍ଦ୍ର ସରକାରର କାମରେ ଓଡିଶାର ଲୋକମାନେ ଅଧିକ ଖୁସି ଥିବା ବେଳେ ପଞ୍ଜାବର ୬୪ ପ୍ରତିଶତ ଲୋକ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ତେବେ ସର୍ଭେରେ ପାଞ୍ଚଜଣ ଖରାପ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ ଏକ ନମ୍ବରରେ ଥିବା ବେଳେ ଦ୍ୱିତୀୟ ସ୍ଥାନରେ ହରିଆଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର, ତୃତୀୟରେ ପଞ୍ଜାବର କ୍ୟାପଟେନ ଅମରିନ୍ଦର ସିଂ, ଚତୁର୍ଥରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର ଏବଂ ପଞ୍ଚମରେ ତାମିଲନାଡୁର ସିଏମ ପଲାନିସ୍ୱାମୀ ରହିଛନ୍ତି।

## ହିମାଂଶୁ ଖୋଲିବେ ....

୨୦୧୫ରେ ଏନେଇ ଥାନାରେ ବି ଅଭିଯୋଗ ହୋଇଥିଲା। ହେଲେ ହିମାଂଶୁ ଧରାପଡ଼ିବା ପରେ ଆଜି ସାମ୍ନାକୁ ଆସିଛି ସତ। ହିମାଂଶୁ ଏବଂ ସହଯୋଗୀ ସଞ୍ଜୟ ପଲେଇ ନିଜକୁ ଅଙ୍ଗ ପ୍ରତ୍ୟାରୋପଣ ୟୁନିଟର ରିଜିଓନାଲ୍ କୋ-ଅର୍ଡିନେଟର୍ ବୋଲି ପରିଚୟ ଦେଇ ଟଙ୍କା ନେଇଯାଇଥିବା କହିଛନ୍ତି ଆଲୋକ। ପୂର୍ବରୁ ନୟାପଲ୍ଲୀର ପ୍ରତାପ ମିଶ୍ରଙ୍କୁ ୫ ଲକ୍ଷ ୫୦ ହଜାର, ଲକ୍ଷ୍ମୀସାଗରର ତରୁଲତା ମିଶ୍ରଙ୍କୁ ୩ ଲକ୍ଷ ୧୯ ହଜାର ଏବଂ ମଞ୍ଚେଶ୍ୱରର ଅଶୋକ ନାୟକଙ୍କୁ ୧୮ ଲକ୍ଷ ୫୨ ହଜାର ଟଙ୍କାର ଚୂନ ଲଗାଇଛି ହିମାଂଶୁ ।

## ଏଭଳି ବ୍ୟାପକ ସ୍ତରରେ ...

ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭାରତୀୟ ପ୍ରକ୍ରିୟା ଏବଂ ସଂସ୍ଥାଗତ ବ୍ୟବସ୍ଥା ସାରା ବିଶ୍ୱରେ ଯଥେଷ୍ଟ ବିଶ୍ୱସନୀୟତା ହାସଲ କରିଛି। ନିରନ୍ତରର ଭାବେ ଉନ୍ନତ ପରିଣାମ ମାଧ୍ୟମରେ ଏହି ବିଶ୍ୱାସ ଅର୍ଜନ କରାଯାଇଛି।ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ବିଶ୍ୱର ୬୦ ପ୍ରତିଶତ ଶିଶୁ ମେଡ଼-ଇନ-ଇଣ୍ଡିଆ ଜୀବନ ରକ୍ଷାକାରୀ ଟୀକା ଗ୍ରହଣ କରିଥାନ୍ତି ଏବଂ ଏହି ଟୀକାଗୁଡ଼ିକୁ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା କଠୋର ପରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଅନୁମୋଦନ କରାଯାଇଥାଏ।

## ମୁଣ୍ଡ ନୁଆଁଇଲା ହ୍ୱାଟ୍ସଆପ୍...

ବ୍ୟବହାରକାରୀଙ୍କୁ ଫେବୃୟାରୀ ୮ ତାରିଖ ଯାଏଁ ଦିଆଯାଇଥିବା ସମୟ ଅବଧିକୁ ବଢାଇଛି କମ୍ପାନୀ । ଯେଉଁ ୟୁଜର୍ସ ନୂଆ ଟର୍ମ ଓ ପଲିସୀକୁ ଆସେପ୍ଟ କରିବେ ନାହିଁ, କଂପାନୀ ସେମାନଙ୍କ ହ୍ୱାଟ୍ସଆପ ଆକାଉଂଟକୁ ଡିଲିଟ କରିଦେବ । ଏବେ ଆମ ମନକୁ ଗୋଟିଏ ପ୍ରଶ୍ନ ଆସୁଛି ହ୍ୱାଟ୍ସଆପ ନିକଟରେ ଆମର ଏମିତି କଣ ତଥ୍ୟ ରହିଛି ଯାହାକୁ ଏହି କମ୍ପାନୀ ଅନ୍ୟ ସହ ସେୟାର କରିବାକୁ ଚାହୁଁଛି । କେଉଁ ସବୁ ତଥ୍ୟ ଫେସବୁକ ଓ ଥାର୍ଡ ପାର୍ଟି ଆପକୁ ସେୟାର କରିବ ହ୍ୱାଟ୍ସଆପ୍ ... ଫୋନ ନଂବର, ମୋବାଇଲ ଡିଭାଇସ ସଂପର୍କିତ ସୂଚନା, ଆଇପି ଆଡ୍ରେସ, ମୋବାଇଲ ସିଗନାଲର ସ୍ଥିତି, ଟାଇମ ଜୋନ୍, ହ୍ୱାଟ୍ସଆପ୍ ବ୍ୟବହାରକାରୀ, ଗ୍ରୁପ୍ ସମ୍ପର୍କୀତ ସୂଚନା, ସେବା ସଂପର୍କିତ ସୂଚନା, ପ୍ରୋଫାଇଲ ଫଟୋ ହ୍ୱାଟ୍ସଆପ୍ ପାଖରେ ଆମର ଏହିସବୁ ତଥ୍ୟ ରହିଛି । ହ୍ୱାଟ୍ସଅପ ସବୁବେଳେ ଏହାର ବ୍ୟବହାରକାରୀଙ୍କୁ କହି ଆସୁଥିଲା, ଆପଣଙ୍କ ବ୍ୟକ୍ତିଗତ ଗୋପନୀୟତାକୁ କଂପାନୀ ସବୁ ବେଳେ ସମ୍ମାନ କରେ । ସେଥିପାଇଁ ଏଂଡ ଟୁ ଏଂଡ ଏନକ୍ରିପସନର ଗ୍ୟାରେଂଟି ମଧ ଦେଉଥିଲା । କିନ୍ତୁ ଆଗକୁ ହ୍ୱାଟସ ଅପ ବଦଳିବାକୁ ଯାଉଛି । ଆଉ ସେହି ଗୋପନୀୟତା ମିଳିବ ନାହିଁ । ବ୍ୟକ୍ତିଗତ ଗୋପନୀୟତା ନିୟମାବଳୀ ଲାଗୁ କରିବାକୁ ହ୍ୱାଟ୍ସଆପ୍ ପକ୍ଷରୁ ଘୋଷଣା କରାଯାଇଥିଲା । ଏଥିପାଇଁ ଅନେକ ୟୁଜର୍ସ ହ୍ୱାଟ୍ସଆପ ଛାଡି ଦେଇଥିଲେ । କିଛି ଦିନ ତଳେ ହ୍ୱାଟ୍ସଆପ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଥିଲେ ମଧ ୟୁଜର୍ସଙ୍କ ଅସନ୍ତୋଷ କମିନଥିଲା । ଏହାପରେ ୟୁଜର୍ସଙ୍କୁ ମନାଇବା ପାଇଁ ହ୍ୱାଟ୍ସଆପ୍ ପକ୍ଷରୁ ବ୍ୟକ୍ତିଗତ ଗୋପନୀୟତା ନିୟମାବଳୀଙ୍କୁ ଆସନ୍ତା ୩ମାସ ପାଇଁ ସ୍ଥଗିତ ରଖାଯାଇଛି ।

# ବରିଷ୍ଠ ନାଗରିକ ସଦସ୍ୟ ତଥା ସମାଜସେବୀଙ୍କ ପରଲୋକ: ବିଭିନ୍ନ ମହଲରେ ଶୋକର ଛାୟା



ଧାମନଗର,୧୬।୦୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଷୋଳଗାଁର ବିଶିଷ୍ଟ ସମାଜସେବୀ ଆଧାତ୍ମିକ ବ୍ୟକ୍ତିତ୍ୱ, ପରୋପକାରୀ, ଦରଦୀ, ଉଚ୍ଚମନା ତଥା ଜନପ୍ରିୟ ବ୍ୟକ୍ତି ସ୍ୱର୍ଗତ କମଳାକାନ୍ତ ତ୍ରିପାଠୀଙ୍କ ମକର ସଂକ୍ରାନ୍ତୀ ରାତି ୧୦ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ସେ ଧାମନଗର ବରିଷ୍ଠ ନାଗରିକ ପରିଷଦର ସକ୍ରୀୟ ସଭ୍ୟ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଏକ ଶୋକାକୂଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ତ୍ରିପାଠୀଙ୍କ ମୃତ୍ୟୁ ଖବର ପାଇ ଧାମନଗର ବିଧାୟକ ବିଷ୍ଣୁ ସେଠୀ, ରାଜ୍ୟ କଂଗ୍ରେସ ଓବିସି ସେଲ ଉପାଧକ୍ଷ ଅଭିଷେକ ରାଉତ, ପୂର୍ବତନ ସରପଞ୍ଚ ବୈରାଗି ଘଡ଼ାଇ, କଂଗ୍ରେସ ନେତା ନରେନ୍ଦ୍ର ମଲ୍ଲିକ, ପ୍ରସନ୍ନ ଧଳ, ହରେକୃଷ୍ଣ ଦେବତା, ରବିନାରାୟଣ ଜେନା, ଦେବାଶିଷ ପ୍ରସନ୍ନ ସାମଲ, ପ୍ରଶାନ୍ତ ବରାଳ, ରଂଜନ ବେହେରା, ସଂଜୀତ ତ୍ରିପାଠୀ, ଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆ, ରାଜେନ୍ଦ୍ର ଖୁଣ୍ଟିଆ, ହେମେନ୍ଦ୍ରନାଥ ମହାନ୍ତି, ପୂଜ୍ୟପୂଜା ସାଂସଦ ସମ୍ପାଦକ ଅଜୟ ସାମଲ, ମନୋଜ କୁମାର ଭୁୟାଁ, ବିଦ୍ୟାଧର ରାଉତ, କାନ୍ତସାହିତ୍ୟ ପରିଷଦ ସମ୍ପାଦକ ଶଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ନିରାକାର ଧଳ, ସାମ୍ବାଦିକ ରଜତ ପଣ୍ଡା, ସରୋଜ ସେଠୀ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ତ୍ରିପାଠୀଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିବାବେଳେ ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ପ୍ରମୁଖ ଏହି ଦୁଃଖଦ ଖବର ଶୁଣି ଗଭୀର ଦୁଃଖ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ମକର ପର୍ବ ଉପଲକ୍ଷେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେଣ୍ଟ ତରଫରୁ ଶୀତବସ୍ତ୍ର, ଶାଢି ଓ ଧୋତି ବଣ୍ଟନ

ବାରିପଦା,୧୬।୦୧ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେଣ୍ଟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବମାନଙ୍କ ଦ୍ୱାରା ମହାରାଜପୁର ଗ୍ରାମର ଗରିବ ଓ ନିଃସହାୟ ଲୋକମାନଙ୍କୁ କମ୍ବଳ, ଶାଢୀ ଓ ଧୋତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ କୁଳସଚିବ ଶ୍ରୀଯୁକ୍ତ ସହଦେବ ସମାଢିଆ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗରିବ ଓ ନିଃସହାୟ ଲୋକମାନଙ୍କୁ ଶୀତବସ୍ତ୍ର, ଶାଢୀ ଏବଂ ଧୋତି ଆଦି ବଣ୍ଟନ କରିବା ସହ ଲୋକମାନଙ୍କ ସହ ଦୁଃଖ ସୁଖ ହୋଇଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେଣ୍ଟର ଏଭଳି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳସଚିବ ( ରେଜିଷ୍ଟ୍ରାର ) ଶ୍ରୀଯୁକ୍ତ ସହଦେବ ସମାଢିଆ ଉଚ୍ଚ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟର କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ଶ୍ରୀଯୁକ୍ତସୁକଦେବ ତରାଇ ଏବଂ ଏନ.ଏସ.ଏସ. କୋ-ଅଡିନେଟର ଡକ୍ଟର ଶୁଭେନ୍ଦୁ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ ଏବଂ ସ୍ୱେଚ୍ଛାସେବୀମାନଙ୍କ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ମଚାରୀ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପତି ଏବଂ ନଳିନୀ ରଂଜନ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ । ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନ୍‌ସି ଏଣ୍ଡ ମେନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ମୀରା ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି




ବାଲେଶ୍ୱର,୧୬।୦୧ (ନି.ପ୍ର): ଆସନ୍ତା ୨୬ ତାରିଖର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ନିଷ୍ପତି ନିଆଯାଇଥିଲା । ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ସହରରେ ରାମଧୁନ ପରିବେଷଣ କରାଯିବ । ସକାଳ ଘ୭.୩୦ ମିନିଟ ସୁଦ୍ଧା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଜାତୀୟ ପତାକା ଉତୋଳନ କରାଯିବ । ସ୍ଥାନୀୟ ପୋଲିସ ପଡିଆଠାରେ ଅନୁଷ୍ଠିତ ହେବାକୁଥିବା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବେ । ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ସମାରୋହରେ କେବଳ ପୁଲିସ ବାହିନୀ ଅଂଶଗ୍ରହଣ କରିବେ । ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଏନସିସି କ୍ୟାଡେଟ୍ ଏଥିରେ ଭାଗ ନେବେ ନାହିଁ । ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକା ଅନୁଯାୟୀ କୋଭିଡ ଯୋଦ୍ଧାଙ୍କ ସମେତ ସୀମିତ ସଂଖ୍ୟକ ଅତିଥିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବ । ଅନ୍ୟ ଦର୍ଶକମାନଙ୍କୁ ପଡିଆ ମଧ୍ୟକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ । କୋଭିଡ କଟକଣା ଅନୁଯାୟୀ ପଡିଆ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନଲାଇନ ପ୍ରବନ୍ଧ, କୁଇଜ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ସ୍ଥିରୀକୃତ ହୋଇଛି । ଏହି କାର୍ଯ୍ୟକ୍ରମ ନିମନ୍ତେ ବ୍ୟାରିକେଡିଂ, ମଂଚ ସଜ୍ଜା, ପରିମଳ, ଆଶୁ ଚିକିତ୍ସା, ଆଇନଶୃଙ୍ଖଳା, ପାନୀୟ ଜଳ, ଅତିଥି ବସିବା ସ୍ଥାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ବ୍ଲକ ଓ ପଞ୍ଚାୟତସ୍ତରରେ ସ୍ୱରାଷ୍ଟ୍ର ବିଭାଗର ମାର୍ଗଦର୍ଶିକାର ଅନୁପାଳନ କରି ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ ଜଗଦ୍ଦେବ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଶିଷ୍ଟ ସିନେ ସାମ୍ବାଦିକ ପରିକ୍ଷୀତ ଜେନାଙ୍କ ବିୟୋଗ

ଭୁବନେଶ୍ୱର,୧୬।୦୧ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସିନେ ସାମ୍ବାଦିକ ତଥା ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକ ପରିକ୍ଷୀତ ଜେନାଙ୍କର ନୂଆପଲ୍ଲୀସ୍ଥିତ ବାସଭବନରେ ଶନିବାର ଭୋର ୫.୩୦ ମିନିଟ ସମୟରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ, ବୋହୁ, ସାନଭାଇ ଭାସ୍କର ଜେନାଙ୍କ ସମେତ ପରିବାର ସଦସ୍ୟ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଶନିବାର ଭୋର ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସ୍ଥାନୀୟ ଉତ୍ସ ହସ୍ପିଟାଲକୁ ତାଙ୍କୁ ନିଆଯାଇଥିଲା ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଶ୍ରୀ ଜେନାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜଧାନୀର ବହୁ ବିଶିଷ୍ଟ ବ୍ୟକ୍ତି, ଓଡ଼ିଆ ଚଳଚ୍ଚିତ୍ରଜଗତ ସହ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ନିର୍ବାଚନ ମଣ୍ଡଳି ସୀମା ପୁନଃ ନିର୍ଦ୍ଧାରଣ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ବାରିପଦଦା,୧୬।୦୧ (ନି.ପ୍ର): ଗତ ୨୦୦୯ ମସିହା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସୀମା ନିଦ୍ଧାରଣ କମିଶନ ଗଠନ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ସୀମା ନିର୍ଦ୍ଧାରଣ କମିଟି ୨୦୦୬ ମସିହାରୁ ମୟୁରଭଞ୍ଜ ସମୀକ୍ଷା ଆରମ୍ଭ କରିଥିଲେ । ଯେଉଁ ସମୀକ୍ଷାରେ ଉକ୍ତ ସମୀକ୍ଷାର ରିପୋର୍ଟ ଅନୁଯାୟୀ ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ ଶୁଣାଣି ପାଇଁ ୨୪-୦୪-୨୦୦୬ରିଖ ପୂର୍ବାହ୍ନ ୯ ଟାରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ହେଉଥିବା ସାର୍ବକାଳୀନ ଶୁଣାଣୀରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ସଂକ୍ରାନ୍ତରେ ସମସ୍ତ ଆପତ୍ତି ଗ୍ରହଣ କରାଯିବ ଓ ଅଭିଯୋଗର ଶୁଣାଣି କରାଯିବ ବୋଲି ସ୍ଥିର ହୋଇଥିଲା । ମାତ୍ର ଏ ସମ୍ବନ୍ଧରେ ବିଧିବଦ୍ଧ ଜ୍ଞାତବ୍ୟ ନୋଟିସ ମୟୂରଭଞ୍ଜ ଜିଲ୍ଲାର ସଚେତନ ନାଗରିକମାନେ ଜାଣିପାରି ନଥିଲେ । ତେଣୁ ଉପସ୍ଥିତ ମଧ୍ୟ ହୋଇପାରି ନଥିଲେ । ୨୦୦୯ ମସିହାରୁ ଡିଲିମିଟେସନ୍ ଆକ୍ଟ ଲାଗୁ କରାଯାଇ ନିର୍ବାଚନ କମିଶନରଙ୍କ ଦ୍ୱାରା ସୀମା ପୁନଃ ନିର୍ଦ୍ଧାରଣ କରାଯାଇଥିବା ବେଳେ ଜିଲ୍ଲାରେ ୧୦ଟି ନିର୍ବାଚନ ମଣ୍ଡଳୀରୁ ୯ଟି ବିଧାନସଭା ମଣ୍ଡଳୀକୁ ହ୍ରାସ କରାଯାଇଛି । ଗୋଟିଏ ନିର୍ବାଚନ ମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ କରାଯାଇଛି । ଅନ୍ୟ ଗୋଟିଏ ହରିଜନ ସମ୍ପ୍ରଦାୟ ପାଇଁ ସଂରକ୍ଷିତଥିବା ବେଳେ ବାକି ୭ଟି ଏସ୍.ଟି. ସମ୍ପ୍ରଦାୟ ପାଇଁ ସଂରକ୍ଷିତ ହୋଇଅଛି । ପରିତାପର ବିଷୟ ହେଉଛି କରିଆ ନିର୍ବାଚନ ମଣ୍ଡଳୀର ଭୋଟରଙ୍କୁ ନେଇଁ କେନ୍ଦୁଝର ସାଂସଦଙ୍କ ସହିତ ଯୋଗ କରାଯାଇଥିବା ବେଳେ ବଡସାହି ବିଧାନସଭା ମଣ୍ଡଳୀର ଭୋଟରଙ୍କୁ ନେଇ ବାଲେଶ୍ୱର ଭୋଟର ସାଂସଦଙ୍କ ସହିତ କାହିଁକି ମିଶା ଯାଇଅଛି । ତେଣୁ ବିଧାନସଭା ଓ ଲୋକସଭାର ଆସନ ବୃଦ୍ଧି ଓ ପରିବର୍ତ୍ତନ ପାଇଁ ଦାବୀ ଜଣାଇ ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନର ଆଇନଗତ ବିଚାର ପାଇଁ ମଂଚ ପକ୍ଷରୁ ମାନ୍ୟବର ଓଡିଶା ହାଇକୋର୍ଟରେ ଡବ୍ଲ୍ୟୁ.ପି.(ସି.) ନଂ-୧୪୮୯/୨୦୨୧ ମୂଳେ ଏକ ଜନସ୍ୱାର୍ଥ ସମ୍ବଳିତ ମୋକର୍ଦ୍ଦମା ଦାଖଲ କରାଯାଇଥିବାର ଜଣାଯାଇଛି । ଶରତ ଚନ୍ଦ୍ର ନାୟକଙ୍କ ସହିତ ଆବେଦନକାରୀ ତାଲିକାରେ ଆଇନଜିବୀ ଅରବିନ୍ଦ ଦାସ, ବିଜୟ କୁମାର ଦାଶ, ସମାଜସେବୀ ଉଦୟନାଥ ଜେନା, ସାମ୍ବାଦିକ ଦୀପକ କୁମାର ନାୟକ, ସମାଜସେବୀ ଜ୍ଞାନ ରନ ତ୍ରିପାଠୀ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ବିଜୟ କୁମାର ଦାସ, ଅକ୍ଷୟ କୁମାର ମହାନ୍ତି, ସିବ କୁମାର ସାହୁ, ଉଗ୍ରେଶ୍ୱର ବେହେରା, ପିତାମ୍ବର ମଲ୍ଲିକ୍, ଗୋଲୋକ ଚନ୍ଦ୍ର ମହାନ୍ତି ପ୍ରମୁଖ ରହିଛନ୍ତି । ଜିଲ୍ଲାରେ ଅତ୍ୟନ୍ତ ୨ ଗୋଟି ବିଧାନସଭା ଆସନକୁ ଅଣସଂରକ୍ଷିତ ରଖିବା ଏବଂ ଜିଲ୍ଲାରେ ୨ ଗୋଟି ଲୋକସଭା ଆସନ ସୃଷ୍ଟି କରି ଗୋଟିଏ ସଂରକ୍ଷିତ ଏବଂ ଅନ୍ୟଟି ଅଣସଂରକ୍ଷିତ ରଖିବା ପାଇଁ ବନ୍ଦୋବସ୍ତ କଲେ ଜିଲ୍ଲାବାସୀ ଗଣତାନ୍ତ୍ରିକ ମର୍ଯ୍ୟାଦା ପାଇବେ ବୋଲି ଜନସ୍ୱାର୍ଥ ମାମଲାରେ ପ୍ରର୍ଥନା ମାନ୍ୟବର-ହାଇକୋର୍ଟଙ୍କୁ କରାଯାଇଛି ।

## ସବୁ କ୍ଷେତ୍ରରେ ରାଜ୍ୟ ପଛୁଆ ଥିବାବେଳେ ନବୀନ ୧ ନମ୍ବର ହେଲେ କେମିତି ?: ନିରଞ୍ଜନ

ଭୁବନେଶ୍ୱର,୧୬।୦୧ (ନି.ପ୍ର): ରାଜ୍ୟରେ ଦଣ୍ଡହାର ୪ ପ୍ରତିଶତ ଥିବା ବେଳେ ଗୁଡ଼ଗଭର୍ନାନ୍ସ ତଳ ଆଡୁ ୪ ନମ୍ବର, ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବାରେ ରାଜ୍ୟ ପୋଲିସ୍‌କୁ ମାତ୍ର ୨୭ ପ୍ରତିଶତ ସଫଳତା ମିଳିଛି, ବେକାରି ବୃଦ୍ଧିରେ ୧ ନମ୍ବର ସେହିପରି ଚାଷୀମାନଙ୍କ ପ୍ରତି ଯାହା ପ୍ରତିଶୃତି ଦେଇଥିଲେ ତାହା କରିପାରି ନାହାଁନ୍ତି । ରାଜ୍ୟରେ ଶ୍ରମିକମାନେ ହତାସ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ରାଜ୍ୟରେ ରାଜନୈତିକ ହିଂସା ବୃଦ୍ଧି ପାଉଛି । ନାରୀ ନିର୍ଯ୍ୟାତନାରେ ରାଜ୍ୟ ଦ୍ୱିତୀୟରେ ଅଛି । ହାରାହାରି ଭାବେ ଦେଖିବାକୁ ଗଲେ ରାଜ୍ୟ ୨୫ନମ୍ବରରେ ସ୍ଥାନ ପାଇଛି । ଏହି ପରୀପ୍ରେକ୍ଷୀରେ ନବୀନ ୧ନମ୍ବର ମୁଖ୍ୟମନ୍ତ୍ରୀ ହେଲେ କେମିତି ବୋଲି ଆଜିର ପ୍ରେସବାର୍ତାରେ ପ୍ରଶ୍ନ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । କେବଳ ପ୍ରତିଶୃତି, ପ୍ରତାରଣା ଓ ପ୍ରଚାରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଲିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

## କୋଭିଡ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର,୧୬।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ୮୪୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୧୨,୮୦୦ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଜଳେଶ୍ୱର କିଷାନ କଂଗ୍ରେସ ପକ୍ଷରୁ ଚାଷୀ ସମ୍ମିଳନୀ




ଜଳେଶ୍ୱର, ୧୬/୧ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ କିଷାନ କଂଗ୍ରେସର ଚାଷୀ ସମ୍ମିଳନୀ ଆଜି ଶନିବାର ଅପରାହ୍ନରେ ସ୍ଥାନୀୟ ଭଂଜ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ନଛିମପୁର ପଂଚାୟତ ସରପଂଚ ଚିତ୍ତରଂଜନ ପରିଡାଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପ୍ରଦେଶ କିଷାନ କଂଗ୍ରେସ କମିଟି ରାଜ୍ୟ ସଭାପତି ଅମୀୟ ପଟ୍ଟନାୟକ ଓ ରାଜ୍ୟ ସଂପାଦକ ଯଶୋଦା ନନ୍ଦନ ସିଂ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ୩ଟି ଚାଷୀ ବିରୋଧି ଆଇନ୍‌କୁ କଳା ଆଇନ୍ ବୋଲି ବର୍ଣ୍ଣନା କରିବା ସହ ଚାଷୀମାରଣ ନିତୀ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ମହାପାତ୍ର, ମଧୁସୂଦନ ଗାନ୍ଧୀ, ରବିନ୍ଦ୍ର ନାଥ ଦାସ, ନୟନ କୁମାର ପାଠୀ, ସୁଦାମ କୁମାର ପାତ୍ର, ସୁଧାଂଶୁ ଜେନା, ନରେନ୍ଦ୍ର ଦାସ, ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଓ ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନ ସଂପର୍କରେ ଆଲୋକପାତ କରିଥିଲେ । ଆନ୍ଦୋଳନରତ ଚାଷୀଙ୍କ ମୃତ୍ୟୁରେ ୧ ମିନିଟ୍ ପ୍ରାର୍ଥନା କରାଯାଇଥିଲା । ବିଭିନ୍ନ ପଂଚାୟତରୁ ଆସିଥିବା ଚାଷୀନେତା ବଳରାମ ଓଝା, ରବିନ୍ଦ୍ର ଭଂଜ, ଗୋପାକୃଷ୍ଣ ଜେନା, ଜଗଦୀଶ ନନ୍ଦୀ, ସୁଧିର ସାମଲ, ସୁଶାନ୍ତ ଦେ, ଗୋଟିକୃଷ୍ଣ ଦଳାଇ, ତ୍ରିଲୋଚନ ଦାସ ଅଧିକାରୀ, ଗଂଗାଧର ପଢିଆରୀ, ଲକ୍ଷ୍ମୀଧର ଗିରି, କନ୍ଦା ମାରାଣ୍ଡି, ଅତୁଲ ପ୍ରଧାନ, ପଦ୍ମଲୋଚନ ବେହେରା, ଗୌରୀଶଂକର ଦାସ, ମଧୁସୂଦନ ନାୟକ, ଜୟନ୍ତ କୁମାର ଦେ, ସୂର୍ଯ୍ୟଦେବ ରାଉଳ. ଗଣେଶ ମାଇତି ପ୍ରମୁଖ ବହୁ ଚାଷୀ ଉପସ୍ଥିତ ରହି ଚାଷୀମାନଙ୍କ ସୁରକ୍ଷା ଓ ଭବିଷ୍ୟତ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ନବନିର୍ମାଣ ଅଭିଯାତ୍ରୀ ଦଳଙ୍କୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ବିପୁଳ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୦୧ (ନି.ପ୍ର): ଜାନୁୟାରୀ ୧୫ରୁ କଳାକାନୁନ ରଦ୍ଦ ଦାବିରେ ଜାନୁୟାରୀ ୨୧ ପର୍ଯ୍ୟନ୍ତ ବାହାରିଥିବା ୭ ଦିନିଆ କିଷାନ ଦିଲ୍ଲୀ ଚଲୋ ଯାତ୍ରାକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ପ୍ରାରମ୍ଭରେ ଚଣ୍ଡିଖୋଲ, ଭଦ୍ରକରେ କୃଷୀନେତାମାନଙ୍କୁ ସ୍ଥାନୀୟ ସଂଗଠନମାନେ ସମ୍ବର୍ଦ୍ଧନା ଦେବା ପରେ ଖଡ଼ଗପୁରରେ ଗୁରୁଦ୍ୱାର ପ୍ରବନ୍ଧନ ସମିତି ତରଫରୁ କୃଷୀ ନେତୃତ୍ୱକୁ ସ୍ୱାଗତ କରାଯାଇଛି । ଏଠାରେ ନିମାଣପୁର ଅଂଚଳର ଶତାଧିକ ଲୋକ କୃଷୀମାନଙ୍କୁ ସ୍ୱାଗତ କଲାପରେ ଶହ ଶହ କୃଷୀ ଦୁଇ କିଲୋମିଟର ପର୍ଯ୍ୟନ୍ତ ପଦୟାତ୍ରାରେ ଯାଇଥିଲେ । ସେହିଭଳି ଝାଡ଼ଖଣ୍ଡର ବାହାରାଗୁଡ଼ା ଓ ଘାଟଶିଳାରେ କିଷାନ ଦିଲ୍ଲୀ ଚଲୋ ଯାତ୍ରା ପହଂଚିଲା ପରେ ସେଠାରେ ସ୍ଥାନୀୟ ବୁଦ୍ଧିଜୀବୀ କୃଷୀ ନେତୃତ୍ୱ ଏବଂ ଯୁବବର୍ଗ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ । ସେପଟେ ଜାମସେଦପୁରରେ ପହଂଚିବା ପରେ ସେଠାରେ ସ୍ଥାନୀୟ ଝାଡ଼ଖଣ୍ଡର ବିଭିନ୍ନ ରାଜନୈତିକ ଦଳ, ଲୋକ ସଂଗଠନ ଓ ବିପ୍ଲବୀ ସଂଗଠନ ତରଫରୁ ଏକ ଜନସଭା ଆୟୋଜିତ କରାଯାଇଥିଲା । ଏହି ଜନସଭାରେ କୃଷକ ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ଅକ୍ଷୟ କୁମାରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପରେ କୃଷୀମାନେ ରାଂଚି ଅଭିମୁଖେ ଯାତ୍ରା କରିଥିଲେ । ଟାଟା ନଗରରେ ଜନସଭାକୁ ସମ୍ବୋଧିତ କରି ଅକ୍ଷୟ କୁମାର କହିଥିଲେ ଯେ, କଳା କାନୁନ ପ୍ରତ୍ୟାହାର ନହେବା ଯାଏ ଏହି ମହାସଂଗ୍ରାମ ଚାଲୁ ରହିବ ।

# ବାଣୀଚିତ୍ର ସମ୍ପାଦକଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୬/୦୧(ନି.ପ୍ର): ବରିଷ୍ଠ ଚଳଚ୍ଚିତ୍ର ସାମ୍ବାଦିକ ତଥା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକ ପରୀକ୍ଷିତ ଜେନାଙ୍କ ଆକସ୍ମିକ ବିୟୋଗରେ 'ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍' ଏବଂ 'ସଂସ୍କୃତି ଓ ସଂସ୍କୃତି' ଏକ ଶୋକ ସଭା ବୁଦ୍ଧ ମନ୍ଦିର ପରିସର ମଧରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବକ୍ତାମାନେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଓଡ଼ିଆ ଚଳଚ୍ଚିତ୍ର ସାମ୍ବାଦିକତା କ୍ଷେତ୍ରରେ ପରୀକ୍ଷିତ ବାବୁଙ୍କର ନିରବଚ୍ଛିନ୍ନ ଅବଦାନ ସମ୍ପର୍କରେ ଆଲୋଚନା କରି ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । 'ବାଣୀଚିତ୍ର'କୁ ଏକ ଅଗ୍ରଣୀ ଚଳଚ୍ଚିତ୍ର ପତ୍ରିକା ରୂପେ ପ୍ରତିଷ୍ଠିତ କରିବା ଦିଗରେ ସେ ଯେଉଁ ଅବଦାନ ଦେଇଯାଇଛନ୍ତି, ତାହା ସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ହାଲି, ଲୁଟୁ ମହାନ୍ତି, ଶ୍ରୀଧର ମାର୍ଥା, ଅତିଶ ରାଉତ, ଡଃ ରଜନୀ ରଞ୍ଜନ, ଲୋକନାଥ ଦାସ, ରବୀନ୍ଦ୍ର ବିଶ୍ୱାଳ, ସମୀର ରାଉତ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ମାଉସୀମା ଡାକୁଆ ଗ୍ରୁପ ପକ୍ଷରୁ ବନ୍ଧୁମିଳନ ଉତ୍ସବ



ଜଳେଶ୍ୱର, ୧୬/୧ (ନିପ୍ର) : ମକର ସଂକ୍ରାନ୍ତି ଉପଲକ୍ଷେ ଜଳେଶ୍ୱର ପୌରପରିଷଦର ବାସନ୍ତୀପଡିଆଠାରେ ଥିବା ମାଉସୀମା ଡାକୁଆ ଗ୍ରୁପ ପକ୍ଷରୁ ଏକ ନିଆରା ଢଙ୍ଗରେ ବଂଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସକାଳ ଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଜଳେଶ୍ୱର ଥାନା ଆଇଆଇସି ମାନସ କୁମାର ଦେୟ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ସଂଗୀତ ପରିବେଷଣ ଓ ନାଚ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଜ୍ଞାପାରମିତା ପ୍ରଧାନ ଓ ଭାଗ୍ୟବାଦ ଦାସ ପୁରସ୍କୃତ ହୋଇଥିଲେ । ଗିତିକାର ପ୍ରମୋଦ ପଣ୍ଡା, ସୌମ୍ୟଜିତ୍ ପ୍ରଧାନ, ଶୁଭସ୍ମିତା ଦତ୍ତ, ଡଃ ଲୋକନାଥ ପାଣିଗ୍ରାହୀ କଣ୍ଠଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଡ. ଅଜିତ୍ ମହାନ୍ତି, ହେମନ୍ତ କୁମାର ଜେନା, ସାମ୍ବାଦିକ ମନୋଜ ଭୂୟାଁ, ସୁକୁମାର ରଣା,ଦୀନବଂଧୁ ପ୍ରଧାନ, ରବିନାରାୟଣ ପାତ୍ର, ଦୁର୍ଗାଶଂକର ଗିରି, ସଂଜୟ ଦାସ, ରଂଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ରାଜେଶ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ । ଡାକୁଆ ଗ୍ରୁପ ବହୁ ସଦସ୍ୟ ସହାୟତା କରିଥିଲେ ।

# ବାସୁଦେବପୁରରୁ ଆରମ୍ଭ ହେଲା ଟୀକାକରଣ



ଭଦ୍ରକ,୧୬।୦୧ (ନି.ପ୍ର): ଆଜି ସମଗ୍ର ରାଜ୍ୟରେ କୋଭିଡ୍-୧୯ର ଟୀକାକରଣ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଏହାର ଶୁଭାରମ୍ଭ କରିଛନ୍ତି । ଭଦ୍ରକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ବାସୁଦେବପୁର ସିଏଚ୍‌ସି ଠାରେ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ଅନ୍ୟ ଅଧିକାରୀଙ୍କ ସହିତ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଭିଡ଼ିଓ କନ୍‌ଫରେନ୍‌ସିଂରେ ଯୋଗ ଦେଇଥିଲେ । ଆଜି ଜିଲ୍ଲାର ୩ଟି କେନ୍ଦ୍ରରେ ଟୀକା ଦେବା କାର୍ଯ୍ୟ କରାଯାଇଛି । ବାସୁଦେବପୁର ସିଏଚ୍‌ସି ବ୍ୟତୀତ ବରପଦା ସିଏଚ୍‌ସି ଏବଂ ଭଦ୍ରକ ପୌରପାଳିକାର କୁଆଁସ ଗ୍ରାମରେ ଥିବା ଟୀକାଦାନ କେନ୍ଦ୍ରରେ ପଞ୍ଜିକୃତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଟୀକା ଦିଆ ଯାଇଛି । ବାସୁଦେବପୁରଠାରେ ଅନୁଷ୍ଠିତ ଟୀକାଦାନ କାର୍ଯ୍ୟକୁ ଜିଲ୍ଲପାଳ ଡ. ଦାସଙ୍କ ସମେତ ଏସ୍‌ଆର୍‌ସି ଟିମ୍ ଲିଡର ଡ. ଦୀନବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ବିଡିଓ ପ୍ରଣବ ପ୍ରକାଶ ବେହେରା, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, କୁଆଁସ ଟୀକାଦାନ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ବରପଦା ସିଏଚ୍‌ସିଠାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ପ୍ରମୁଖ ଉପସ୍ଥିତ ରହି ଟୀକାଦାନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ପ୍ରତି ଟୀକାଦାନ କେନ୍ଦ୍ରରେ ୧୦୦ ଜଣ ଲେଖାଏ ହିତାଧିକାରୀଙ୍କୁ ଟୀକା ଦିଆ ଯାଇଛି । ତେବେ ଟୀକା ଗ୍ରହଣ କରିବା ପରେ କୌଣସି ହିତାଧିକାରୀଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇ ନ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଜଳେଶ୍ୱର ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳନ ନିଷ୍ପତ୍ତି



ଜଳେଶ୍ୱର, ୧୬/୧ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦ ଅନ୍ତର୍ଗତ ଶାନ୍ତିଆ ଷ୍ଟାଡିୟମଠାରେ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ସଚେତନ ନାଗରିକ ମାନଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଉପଲକ୍ଷେ ତାରୁଣ୍ୟ ମିଳନ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଜଳେଶ୍ୱର ଶାନ୍ତିଆ ଷ୍ଟାଡିୟମ ହିଁ ଏକମାତ୍ର ପ୍ରକୃଷ୍ଟ ସ୍ଥାନ ଯେଉଁଠାରେ ସରକାରଙ୍କ କୋଭିଡ୍-୧୯ ଆଇନ୍‌କୁ ପାଳନ କରାଯାଇ ସାଧାରଣତନ୍ତ୍ର ଦିବସର ପାଳନ କରାଯାଇପାରିବ ବୋଲି ଉପସ୍ଥିତ ଥିବା ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ସାଧାରଣତନ୍ତ୍ର ଦିବସ ପାଳନକୁ ଜଳେଶ୍ୱରର ସମସ୍ତ ଅଧିକାରୀ, ପ୍ରଶାସନ ଓ ଜନସାଧାରଣ ସହଯୋଗ କରିବାକୁ ଉକ୍ତ ବୈଠକରେ ନିବେଦନ କରାଯାଇଛି । ବିଭିନ୍ନ ପଂଚାୟତ ଓ ଗ୍ରାମାଂଚଳରୁ ନାଗରିକମାନଙ୍କୁ ଯୋଗଦାନ ନିମନ୍ତେ ଆହ୍ୱାନ କରାଯାଇଥିଲା । ପୂର୍ବତନ ଡିପିସି ସଦସ୍ୟ ଅନନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ହେମନ୍ତ ଦାସ ସଭାପତିତ୍ୱ କରିଥିବା ବେଳେ ମନୋରଂଜନ ଦାସ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅରୁଣ କୁମାର ବେଜ, ସୁବ୍ରତ ଘୋଷ, ସୁଶାନ୍ତ କୋଏଲ, ଫାଲଗୁନୀ ପାଣିଗ୍ରାହୀ, ସୁକୁମାର ରଣା, ଆଶିଷ କୁମାର ଗିରି, ରବିନାରାୟଣ ପାତ୍ର, ଦୁର୍ଗାଶଂକର ଗିରିପ୍ରମୁଖ ବହୁବ୍ୟକ୍ତିଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo